RNI REGD NO: 42041/83

www.sakalaepaper.com

/thesakalanews

/TheSakala

www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 41 •ISSUE-157 •BHUBANESWAR •SATURDAY •2 DECEMBER 2023 •PAGE-16 •₹ 6.00

•ବର୍ଷ-୪୧ •ସଂଖ୍ୟା-୧୫୭ •ଭୁବନେଶ୍ୱର •ଶନିବାର •୨ ଡିସେମ୍ବର ୨୦୨୩ •ପୃଷ୍ଠା-୧୬ •ଟ.୬.୦୦


## ‘ସକାଳ’ ଓ ‘ନନ୍ଦିଘୋଷ ଟିଭି’ ପକ୍ଷରୁ ମିନି ମାରାଥନ

# ଦୌଡ଼ିଲା ଓଡ଼ିଶା





**ରାଜ୍ୟବ୍ୟାପୀ ୯ଟି ସହରରେ ମାରାଥନ ଆୟୋଜିତ**

**ବିଭିନ୍ନ ସ୍ଥାନରେ ହଜାର ହଜାର ପ୍ରତିଯୋଗୀ ସାମିଲ**

■ **ଭୁବନେଶ୍ୱର, ୧।୧୨ (ସମିସ):** ‘ସକାଳ’ର ତୃତୀୟ ସ୍ୱନକ୍ଷତ୍ର ଅବସରରେ ଗୁରୁବାର ସକାଳୁ ସକାଳୁ ଦୌଡ଼ିଛି ସାରା ଓଡ଼ିଶା। ‘ସକାଳ’ ଓ ‘ନନ୍ଦିଘୋଷ ଟିଭି’ ପକ୍ଷରୁ ରାଜ୍ୟର ୯ଟି ପ୍ରମୁଖ ସହର ଭୁବନେଶ୍ୱର, କଟକ, ବ୍ରହ୍ମପୁର, ସମ୍ବଲପୁର, ରାଉରକେଲା, ପୁରୀ, ଜୟପୁର, ବାଲେଶ୍ୱର, ଅନୁଗୋଳରେ ମିନି ମାରାଥନରେ ୧୦୦୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିବିଶେଷ ମାରାଥନରେ ଅଂଶଗ୍ରହଣ କରି ହଜାର ହଜାର ବ୍ୟକ୍ତି ସାମିଲ ହେବା ସହ ଜନସଚେତତାର ବାର୍ତ୍ତା ଦେଇଛନ୍ତି। ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ବର୍ଗ ଓ ବୟସ ନିର୍ବିଶେଷରେ ପରିଣତ ବୟସର ବ୍ୟକ୍ତିଙ୍କ ପର୍ଯ୍ୟନ୍ତ ହଜାର ହଜାର ବ୍ୟକ୍ତି ଏହି ମାରାଥନରେ ଅଂଶଗ୍ରହଣ କରିଛନ୍ତି। ସକାଳ ୬ଟାରୁ ଏକ ସମୟରେ ରାଜ୍ୟର ୯ଟି ସହରରେ ▶ପୃଷ୍ଠା-୧୦

### ଓଡ଼ିଶା ଫେରି ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ୪ ଓଡ଼ିଆ ଶ୍ରମିକ

# ପ୍ରତ୍ୟେକଙ୍କୁ ୨ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଘୋଷଣା



■ **ଭୁବନେଶ୍ୱର, ୧।୧୨ (ସମିସ):** ଉତ୍ତରକାଶୀ ଟନେଲ୍‌ରୁ ସୁରକ୍ଷିତ ଉଦ୍ଧାର ହୋଇଥିବା ୪ ଓଡ଼ିଆ ଶ୍ରମିକ ଓଡ଼ିଶା ଫେରିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି। ଶୁକ୍ରବାର ନବୀନ ନିବାସରେ ୪ ଜଣ ଶ୍ରମିକଙ୍କୁ ମୁଖ୍ୟମନ୍ତ୍ରୀ ଭେଟିବା ସହ ସେମାନଙ୍କ ସୁରକ୍ଷିତ ଉଦ୍ଧାର ପାଇଁ ଖୁସି ବ୍ୟକ୍ତ କରିଛନ୍ତି। ଏହି ଅବସରରେ ସେମାନଙ୍କୁ ଅଭିନନ୍ଦନ ଜଣାଇ ମୁଖ୍ୟମନ୍ତ୍ରୀ ଶ୍ରମିକମାନଙ୍କ ସ୍ୱାସ୍ଥ୍ୟବସ୍ଥା ବିଷୟରେ ପଚାରି ବୁଝିଛନ୍ତି। ଟନେଲ ଭିତରେ ସେମାନଙ୍କର ସଂଘର୍ଷପୂର୍ଣ୍ଣ ସମୟ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ସେମାନଙ୍କ ଠାରୁ ଗୋଟିଗୋଟି ଶୁଣିବା ପରେ ସେମାନଙ୍କୁ ଜଣେଜଣେ ବାସ୍ତବ ହିରୋ ଭାବରେ ଅଭିହିତ କରିଛନ୍ତି। ପ୍ରତିକୂଳ ପରିସ୍ଥିତି ମଧ୍ୟରେ ସେମାନେ ଯେପରି ସଂଗ୍ରାମ କରି ମୃତ୍ୟୁମୁଖରୁ ଫେରିଛନ୍ତି, ତାହା ବାସ୍ତବରେ ଅତ୍ୟନ୍ତ ପ୍ରେରଣାଦାୟକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ଶ୍ରମିକମାନଙ୍କୁ ମୁଖ୍ୟମନ୍ତ୍ରୀ ୨ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ରାଶି ପ୍ରଦାନ କରିଛନ୍ତି।

ମୟୂରଭଞ୍ଜର ରାଜୁ ନାୟକ, ଧିରେନ୍ ନାୟକ ଓ ବିଶେଶ୍ୱର ନାୟକ ଏବଂ ନବରଙ୍ଗପୁରର ଭଗବାନ ଭତ୍ରା ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ସେମାନଙ୍କ ଉଦ୍ଧାର ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ବ୍ୟସ୍ତତା ଓ ଘଟଣାସ୍ଥଳକୁ ରାଜ୍ୟ ଶ୍ରମମନ୍ତ୍ରୀଙ୍କୁ ପଠାଇ ସେମାନଙ୍କର ଖବର ବୁଝିବା, ସୁରକ୍ଷିତ ଉଦ୍ଧାର ପରେ ଓଡ଼ିଶା ଫେରିବାର ସମସ୍ତ ବ୍ୟବସ୍ଥା କରିଥିବାରୁ ମୁଖ୍ୟମନ୍ତ୍ରୀ, ‘୫-ଟି’ ଅଧ୍ୟକ୍ଷଙ୍କ ନିକଟରେ କୃତଜ୍ଞ ବୋଲି ଶ୍ରମିକମାନେ କହିଛନ୍ତି। ▶ପୃଷ୍ଠା-୧୦

## ପ୍ରକଳ୍ପ ସମୀକ୍ଷାକଲେ ‘୫-ଟି’ ଅଧ୍ୟକ୍ଷ

# ଡିସେମ୍ବର ସୁଦ୍ଧା ସରିବ ବରମୁଣ୍ଡା ବସ୍ ଟର୍ମିନାଲ



**ଯାତ୍ରୀ ସୁବିଧା ବ୍ୟବସ୍ଥାକୁ ପ୍ରାଥମିକତା ପ୍ରଦାନ ନିର୍ଦ୍ଦେଶ**

**ବିଶ୍ୱସ୍ତରୀୟ ପରିବହନ ଭିତ୍ତିଭୂମି ନିର୍ମାଣରେ ବଡ଼ ପଦକ୍ଷେପ**

**ସ୍ଥାନପାଇବ ଓଡ଼ିଶାର ପାରମ୍ପରିକ କଳା କାରୁକାର୍ଯ୍ୟ**

■ **ଭୁବନେଶ୍ୱର, ୧।୧୨ (ସମିସ):** ବରମୁଣ୍ଡାରେ ଆନ୍ତଃରାଜ୍ୟ ବସ୍ ଟର୍ମିନାଲ (ଆଇଏସ୍‌ବିଟି) କାର୍ଯ୍ୟକ୍ଷମ ହେଲେ କେବଳ ଓଡ଼ିଶାବାସୀ ନୁହନ୍ତି ବରଂ ବିଭିନ୍ନ ରାଜ୍ୟର ଲୋକେ ଉପକୃତ ହେବେ। ରାଜ୍ୟର ପ୍ରଗତି ଦୃଷ୍ଟିରୁ ଏହି ବସ୍ ଟର୍ମିନାଲ ପ୍ରକଳ୍ପ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ରାଜଧାନୀରେ ଏକ ବିଶ୍ୱସ୍ତରୀୟ ପରିବହନ ଭିତ୍ତିଭୂମି ନିର୍ମାଣ ଦିଗରେ ଏହା ପ୍ରଥମ ପଦକ୍ଷେପ। ତେଣୁ ଡ଼ିସେମ୍ବର ସୁଦ୍ଧା ଆଇଏସ୍‌ବିଟିର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି ‘୫-ଟି’ ଓ ‘ନବୀନ ଓଡ଼ିଶା’ ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍।

ଆଜି ଅପରାହ୍ନରେ ଶ୍ରୀ ପାଣ୍ଡିଆନ୍ ବରିଷ୍ଠ ଅଧିକାରୀମାନଙ୍କ ସହ ବରମୁଣ୍ଡା ଆଇଏସ୍‌ବିଟିରେ ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଉକ୍ତ ଟର୍ମିନାଲରେ ଯାତ୍ରୀ ପ୍ରତୀକ୍ଷାଳୟ, ଉପଯୁକ୍ତ ପରିମଳ ବ୍ୟବସ୍ଥା, ବସ୍ ରହିବା ପାଇଁ ପର୍ଯ୍ୟାପ୍ତ ସ୍ଥାନ, ଆହାର କେନ୍ଦ୍ର, ଆଲୋକ ବ୍ୟବସ୍ଥା, ଶୌଚାଳୟର ନିର୍ମାଣ କାର୍ଯ୍ୟ ତଦାରଖ କରିଛନ୍ତି। ବସ୍ ଟର୍ମିନାଲରେ ଆଇଟି ପରିଚାଳିତ ଭିତ୍ତିଭୂମି ନିର୍ମାଣ ସହିତ ଓଡ଼ିଶାର କଳା ସଂସ୍କୃତି ▶ପୃଷ୍ଠା-୧୦




‘ସକାଳ’ ସ୍ୱନକ୍ଷତ୍ର ଅବସରରେ ରାଜ୍ୟସ୍ତରୀୟ ବିତର୍କ ପ୍ରତିଯୋଗିତା

# ବାଜି ମାରିନେଲେ ଛାତ୍ରୀ




ବରିଷ୍ଠରେ ନୟାଗଡ଼ର ପ୍ରୀତିପ୍ରଭା, କନିଷ୍ଠରେ ବଲାଙ୍ଗିରର ବିନ୍ଦିଆ ଶ୍ରେଷ୍ଠ

ସମୟର ସ୍ରୋତରେ ବୈଷୟିକ ଜ୍ଞାନର ସଦୁପଯୋଗ ଜରୁରୀ

ଶିକ୍ଷାରେ ବୈପ୍ଳବିକ ପରିବର୍ତ୍ତନ ଆଣିଛି ‘୫-ଟି’ ସ୍କୁଲ ରୂପାନ୍ତରଣ

ଭୁବନେଶ୍ୱର, ୧।୧୨(ସମିସ): ‘ସକାଳ’ ୩ୟ ସ୍ୱନକ୍ଷତ୍ର ଅବସରରେ ରାଜ୍ୟସ୍ତରୀୟ ବିତର୍କ ପ୍ରତିଯୋଗିତାରେ ଦୁଇ ବର୍ଗର ଶ୍ରେଷ୍ଠ ସ୍ଥାନ ଅଧିକାର କରିଛନ୍ତି ଦୁଇ ଜଣ ଝିଅ। ବରିଷ୍ଠ ବର୍ଗରେ ନୟାଗଡ଼ର ପ୍ରୀତିପ୍ରଭା ମହାପାତ୍ର ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ କନିଷ୍ଠ ବର୍ଗରେ ବଲାଙ୍ଗିର ବିନ୍ଦିଆ ବେହେରା ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ବରିଷ୍ଠ ବର୍ଗରେ କଳାହାଣ୍ଡିର ଆର୍ଯ୍ୟା ନାୟକ ଦ୍ୱିତୀୟ ଓ ବୌଦ୍ଧର ଶ୍ରଦ୍ଧାଞ୍ଜଳି ସାହୁ ତୃତୀୟ ସ୍ଥାନ ଏବଂ କନିଷ୍ଠ ବର୍ଗରେ ମୟୂରଭଞ୍ଜ ଜିଲ୍ଲା ସେଣ୍ଟ ଆନ୍ନି କନଭେଣ୍ଟ ସ୍କୁଲର ଛାତ୍ର ଆର୍ଯ୍ୟନ ଦାସ ଦ୍ୱିତୀୟ ଓ ଖୋର୍ଦ୍ଧା ଜିଲ୍ଲା ବିଜେବି ଉଚ୍ଚ ବିଦ୍ୟାଳୟର ଶାଶ୍ୱତ ମହାପାତ୍ର ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ପ୍ରତିଯୋଗିତାର ଉଭୟ ବର୍ଗରେ ଶ୍ରେଷ୍ଠ ୩ଜଣ ଲେଖାଏଁ ଛାତ୍ରଛାତ୍ରୀଙ୍କୁ ଫଳକ, ପ୍ରମାଣପତ୍ର ସହ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରାଯାଇଛି।

ସ୍ଥାନୀୟ ଗୀତଗୋବିନ୍ଦ ସଦନରେ ‘ସକାଳ’ ସମ୍ପାଦକ ଡ.ଉମାକାନ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ବିତର୍କ ପ୍ରତିଯୋଗିତାର ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ‘ଭାରତ ମସଲା’ର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା ଯୋଗ ଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିବା ଅବସରରେ ସେ ମାତ୍ର ୩ ବର୍ଷ ମଧ୍ୟରେ ‘ସକାଳ’ ପାଠକଙ୍କ ପ୍ରିୟଭାଜନ ହେବା କ୍ଷେତ୍ରରେ ସଫଳ ହୋଇଛି ବୋଲି କହିଥିଲେ। ବୈଷୟିକ ଜ୍ଞାନକୌଶଳକୁ ବାଦ ଦେଇ ବର୍ତ୍ତମାନ ସମୟରେ ଭବିଷ୍ୟତ ଅଭିମୁଖେ ଯାତ୍ରା ସମ୍ଭବ ନୁହେଁ। ତେଣୁ ଏହାର ଯଥାର୍ଥ ଉପଯୋଗ ଉପରେ ପ୍ରତ୍ୟେକ ବର୍ଗ ଚିନ୍ତା କରିବାର ଆବଶ୍ୟକତା ରହିଛି ବୋଲି ଶ୍ରୀ ପଣ୍ଡା କହିଛନ୍ତି।

ବରିଷ୍ଠ ବର୍ଗରେ ‘କୃତ୍ରିମ ବୁଦ୍ଧିମତ୍ତା: ଆଶୀର୍ବାଦ ନା ଅଭିଶାପ’ ଓ କନିଷ୍ଠ ବର୍ଗରେ ‘ସ୍କୁଲ ରୂପାନ୍ତରଣ: ଏକ ଶୈକ୍ଷିକ ବିପ୍ଳବ’ ଶୀର୍ଷକ ବିଷୟବସ୍ତୁ ଉପରେ ବିତର୍କ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲାସ୍ତର ପ୍ରତିଯୋଗିତାରେ ପ୍ରଥମସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନେ ଭାଗ ନେଇଥିଲେ। ବରିଷ୍ଠ ବର୍ଗରେ ବିଚାରକ ରୂପେ ସ୍ତମ୍ଭକାର ତଥା ବିଶିଷ୍ଟ ଗାନ୍ଧୀବାଦୀ ନେତା ପ୍ରହ୍ଲାଦ ସିଂହ, ଉଚ୍ଚଶିକ୍ଷା ବିଭାଗର ପୂର୍ବତନ ନିର୍ଦ୍ଦେଶକ ତଥା ଐତିହାସିକ ପ୍ରଫେସର ନିହାର ପଟ୍ଟନାୟକ ଓ ବିଜେବି ସ୍ୱୟଂ ଶାସିତ ମହାବିଦ୍ୟାଳୟର ‘ସାମ୍ବାଦିକତା ଓ ଗଣ ଯୋଗାଯୋଗ’ ବିଭାଗ ମୁଖ୍ୟ ଡ. ନଳିନ ପାତ୍ର ଯୋଗ ଦେଇଥିଲେ। ଅନୁରୂପ ଭାବରେ କନିଷ୍ଠ ବର୍ଗରେ ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ଲଳିତ ମିଶ୍ର, ଦେବରାୟ କଲେଜର ପୂର୍ବତନ ଅଧ୍ୟକ୍ଷ ତଥା ଗୀତିକାର ରଜନୀ ରଞ୍ଜନ ଓ ସ୍ତମ୍ଭକାର ତଥା ସାହିତ୍ୟିକ ଶ୍ରୁତକିର୍ତ୍ତୀ ତ୍ରିପାଠୀ ବିଚାରକ ରହିଥିଲେ।

ବରିଷ୍ଠ ବର୍ଗର ତିନି ବିଚାରକ ଏହି ଅବସରରେ ପ୍ରତିଯୋଗିତା, କାର୍ଯ୍ୟକ୍ରମ ଆୟୋଜନ ଓ ଛାତ୍ରଛାତ୍ରୀଙ୍କ ସଫଳତାକୁ ନେଇ ବିସ୍ତୃତ ସୂଚନା ଦେଇଥିଲେ। ବିଚାରକମାନେ କହିଥିଲେ ଯେ ପ୍ରତିଯୋଗିତାରେ ସଫଳତା, ବିଫଳତା ସବୁବେଳେ ଲାଗି ରହିଥାଏ। ତେଣୁ ଅକୃତକାର୍ଯ୍ୟ ହୋଇଥିବା କୌଣସି ପ୍ରତିଯୋଗୀ ମନଦୁଣା କରିବା ଉଚିତ୍ ନୁହେଁ। କୃତ୍ରିମ ବୁଦ୍ଧିମତ୍ତା ସାମ୍ପ୍ରତିକ ସମୟର ସବୁଠୁ ଚର୍ଚ୍ଚିତ ଓ ପ୍ରାସଙ୍ଗିକ ପ୍ରସଙ୍ଗ। ଏହା ଉପରେ ଛାତ୍ରଛାତ୍ରୀମାନେ ଯେପରି ବ୍ୟାଖ୍ୟା କରିଛନ୍ତି ତାହା ଅତ୍ୟନ୍ତ ପ୍ରଶଂସନୀୟ। ବର୍ତ୍ତମାନର ପ୍ରସଙ୍ଗ ଓ ଚର୍ଚ୍ଚା ୧୦ ବର୍ଷ ପୂର୍ବରୁ ଅକଳ୍ପନୀୟ ଥିଲା ଏବଂ ୧୦ ବର୍ଷ ପରେ କ’ଣ ଚର୍ଚ୍ଚାର ପରିଧିରେ ରହିବ ତାହା ଏବେ କଳ୍ପନୀୟ ନୁହେଁ। ସାମ୍ପ୍ରତିକ ସମୟର ଆବଶ୍ୟକତା ଆଧାରରେ ବିତର୍କ ନିମନ୍ତେ କୃତ୍ରିମ ବୁଦ୍ଧିମତ୍ତା ବିଷୟ ଚୟନ ଅତ୍ୟନ୍ତ ପ୍ରଶଂସନୀୟ ବୋଲି ବିଚାରକମାନେ ମତ ପ୍ରକାଶ କରିଥିଲେ। ଅନୁରୂପ ଭାବରେ କନିଷ୍ଠ ବର୍ଗର ବିଚାରକମାନେ ମଧ୍ୟ ଛାତ୍ରଛାତ୍ରୀଙ୍କ ବକ୍ତବ୍ୟପ୍ରଦାନର ଶୈଳୀକୁ ଉଚ୍ଚକୋଟିର ବୋଲି ଅଭିହିତ କରି ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

‘ସକାଳ’ର ସମ୍ପାଦକ ଡ. ଉମାକାନ୍ତ ମିଶ୍ର କହିଥିଲେ ଯେ, କୃତ୍ରିମ ବୁଦ୍ଧିମତା ବିଷୟବସ୍ତୁର ସତ୍ୟ, ପ୍ରେମ ଓ କରୁଣା ଦିଗଟିକୁ ତର୍ଜମା କରିବା ଜରୁରୀ। କାରଣ ଏହାକୁ ନେଇ ଅନେକଙ୍କ ଭିତରେ ଭୟ ରହିଛି। ବିଜ୍ଞାନର ଶକ୍ତିକୁ ଭୟର ଦୃଷ୍ଟିରେ ନ ଦେଖି ଏହାର ସଦୁପଯୋଗ କରିବା ଦିଗରେ ଯତ୍ନବାନ ହେବାବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁବ୍ରତ ଦାସ, କାର୍ଯ୍ୟନିର୍ବାହୀ ସମ୍ପାଦକ ସମରେନ୍ଦୁ ଦାସ, ବ୍ୟୁରୋମୁଖ୍ୟ ରଞ୍ଜିତ ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ବାର୍ତ୍ତା ସଂଯୋଜକ ତୁଷାର ରଞ୍ଜନ ମହାନ୍ତି ଓ ବରିଷ୍ଠ ସହ ସମ୍ପାଦକ ସଞ୍ଜୟ କୁମାର ସୁବୁଦ୍ଧି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଏବଂ ସହକାରୀ ବାର୍ତ୍ତା ସମ୍ପାଦକ ମହେଶ୍ୱର ସାହୁ ଧନ୍ୟବାଦ ଦେଇଥିଲେ।

କାର୍ଯ୍ୟକ୍ରମ ପରିଚାଳନାରେ ପ୍ରସାର ବିଭାଗ ଡିଜିଏମ୍ ବିଜୟ କୁମାର ଦାଶ, ବିଜ୍ଞାପନ ବିଭାଗ ଡିଜିଏମ୍ ଜ୍ୟୋତିର୍ମୟ ପାଣିଗ୍ରାହୀ, ମାନବସମ୍ବଳ ବିଭାଗ ଡିଜିଏମ୍ ଜିଷ୍ଣୁ ମହାନ୍ତି, ମାନବସମ୍ବଳ ବିଭାଗ ନିର୍ବାହୀ କମଳ ଖୁଣ୍ଟିଆ, ପ୍ରସାର ବିଭାଗର ପ୍ରିୟବ୍ରତ ଦାସ, ସୁଧାଂଶୁ ସାହୁ, ପ୍ରଶାନ୍ତ ବିହାରୀ, ‘ନନ୍ଦିଘୋଷ ଟିଭି’ର ମାର୍କେଟିଂ ମୁଖ୍ୟ ପବିତ୍ର ବେହେରା, ସତ୍ୟ ମହାନ୍ତିଙ୍କ ସହ ‘ସକାଳ’ ଓ ‘ନନ୍ଦିଘୋଷ ଟିଭି’ ପରିବାରର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

■ ମା’ ଭଗବତୀ ପୀଠ ରୂପାନ୍ତରଣ ପ୍ରକଳ୍ପ

## ଭିତ୍ତିପ୍ରସ୍ତର ସ୍ଥାପନ କଲେ ସାଂସଦ ମାନସ ମଙ୍ଗରାଜ



ଖୋର୍ଦ୍ଧା/ବାଣପୁର, ୧।୧୨(ସମିସ): ରାଜ୍ୟର ବିଭିନ୍ନ ମଠମନ୍ଦିରର ରୂପାନ୍ତରଣ କାର୍ଯ୍ୟ ହାତକୁ ନେଇଛନ୍ତି ରାଜ୍ୟ ସରକାର। ଏଥିରେ ସାମିଲ ହୋଇଛି ଖୋର୍ଦ୍ଧା ଜିଲ୍ଲା ବାଣପୁରର ପ୍ରସିଦ୍ଧ ମା’ ଭଗବତୀଙ୍କ ପୀଠ। ‘୫-ଟି’ ଉପକ୍ରମରେ ମନ୍ଦିରର ନବକଳେବର ଲାଗି ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରାଯାଇଥିଲା। ପୀଠର ଉନ୍ନତୀକରଣ ଲାଗି ସମୁଦାୟ ୨୫କୋଟି ୯୫ଲକ୍ଷ ଟଙ୍କା ବ୍ୟୟ ଅଟକଳକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଥିଲେ। ଏହି କ୍ରମରେ ଶୁକ୍ରବାର ସାଂସଦ ମାନସ ମଙ୍ଗରାଜ ମା’ ଭଗବତୀଙ୍କ ପୀଠରେ ପହଞ୍ଚି ରୂପାନ୍ତରୀକରଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଓଡ଼ିଶାର ବିଭିନ୍ନ ସ୍ଥାନରେ ଥିବା ଶକ୍ତିପୀଠ ମଧ୍ୟରୁ ଏକ ପ୍ରମୁଖ ଶକ୍ତିପୀଠ ହେଉଛି ବାଣପୁରର ମା’ ଭଗବତୀଙ୍କ ପୀଠ। ପ୍ରତିଦିନ ଏଠାକୁ ହଜାର ହଜାର ଶ୍ରଦ୍ଧାଳୁ ଆସୁଥିବା ବେଳେ ଦଶହରା ପର୍ବରେ ସ୍ୱତନ୍ତ୍ର ନୀତିକାନ୍ତି କରାଯାଇଥାଏ। ନବମ ଶତାବ୍ଦୀରେ ନିର୍ମିତ ମା’ଙ୍କ ମନ୍ଦିରର ବିକାଶ ପାଇଁ ‘୫-ଟି’ ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କିଛି ମାସ ପୂର୍ବେ ବାଣପୁର ଆସି ମା’ ଭଗବତୀଙ୍କ ଦର୍ଶନ କରି ପୀଠର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ସେବାୟତ ଓ ସ୍ଥାନୀୟ ଲୋକଙ୍କ ସହ ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ମନ୍ଦିରର ରୂପାନ୍ତରୀକରଣ ଲାଗି ‘୫-ଟି’ ଉପକ୍ରମରେ ଏହି ଯୋଜନା କାର୍ଯ୍ୟକାରୀ ନିମନ୍ତେ ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯାଇଥିଲା। ଏଥିରେ ସିଂହଦ୍ୱାରଠାରୁ ଆରମ୍ଭ କରି ପରିକ୍ରମା, ଘାଟ, ଯାତ୍ରା ପଡ଼ିଆ, ଯାତ୍ରୀ ସୁବିଧା ତଥା ଜଗନ୍ନାଥ ମନ୍ଦିରର ବିକାଶ ପାଇଁ ଏଥିରେ ସ୍ୱତନ୍ତ୍ର ଫୋକସ ରଖାଯାଇଛି। ତତ୍‌ସହିତ ବହୁମୁଖୀ ହଲ, ରାସ୍ତା ଓ ନଦୀଘାଟ ଆଦିର ବିକାଶ ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି। ସମୁଦାୟ ୨୫ କୋଟି ୯୫ ଲକ୍ଷ ଟଙ୍କା ବ୍ୟୟବରାଦ ଅଟକଳ କରାଯାଇ ରାଜ୍ୟ ପ୍ରତ୍ନତତ୍ତ୍ୱ ନିର୍ଦ୍ଦେଶାଳୟ ତତ୍ତ୍ୱାବଧାନରେ ଓଡ଼ିଶା ସେତୁ ନିର୍ମାଣ ନିଗମ ୨୪ ମାସ ମଧ୍ୟରେ ଏହି କାର୍ଯ୍ୟ ସମ୍ପାଦନ କରିବାର ଯୋଜନା ରହିଛି। ପୀଠର ବିକାଶ ଯୋଜନାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିବା ସହ ନିର୍ଦ୍ଧାରିତ ସମୟରେ କାମ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ରାଜ୍ୟସଭା ସାଂସଦ ଶ୍ରୀ ମଙ୍ଗରାଜ ଶୁକ୍ରବାର ମା’ ଭଗବତୀଙ୍କ ପୀଠରେ ନବକଳେବର ପ୍ରକଳ୍ପକୁ ନଡ଼ିଆ ବାଡ଼େଇ ଶୁଭ ଦେଇଥିଲେ। ସାଂସଦଙ୍କ ସହ ଚିଲିକା ପର୍ଯ୍ୟବେକ୍ଷକ ସୌମ୍ୟ ଶଙ୍କର ଚକ୍ର, ବାଣପୁର ଏନ୍‌ଏସି ନଗରପାଳ ମିଟୁ ନାୟକ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ଜଗତ ବଲ୍ଲଭ ମହାରଥା, ମନୋଜ ପ୍ରଧାନ ଏବଂ ଚିଲିକା ନିର୍ବାଚନ ମଣ୍ଡଳୀ ବିଜେଡିର ବହୁ ନେତୃବୃନ୍ଦ ଉପସ୍ଥିତ ଥିଲେ।

## ଲୋକକଥା




ଚତୁର୍ଥ ବର୍ଷରେ ‘ସକାଳ’ ଡାକିଲା
ଦେଇ ସତ୍ୟ-ସେବା ଭରସା,
ରୋଗ ଜିଣି ସୁସ୍ଥ ରହିବା ପାଇଁକି
ଦୌଡ଼ିଲା ସାରା ଓଡ଼ିଶା ।
ତାଜା ଖବରର ପରସା,
ଚତୁର୍ଥ ସ୍ତମ୍ଭର ଭୂମିକା ନିଭାଏ
ବଡ଼ ହେବାକୁ ରଖିଛି ସେ ଆଶା ॥

ଝାରସୁଗୁଡ଼ା ଜିଲ୍ଲା ଲଖନ୍‌ପୁରଠାରେ ଆଇଟିଆଇ ପ୍ରତିଷ୍ଠାକୁ ଅନୁମୋଦନ

## ୨୪.୪୮ କୋଟି ଟଙ୍କା ମଞ୍ଜୁର କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧।୧୨(ସମିସ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଝାରସୁଗୁଡ଼ା ଜିଲ୍ଲାର ଲଖନ୍‌ପୁରଠାରେ ଏକ ଆଇଟିଆଇ ପ୍ରତିଷ୍ଠାକୁ ଅନୁମୋଦନ କରିଛନ୍ତି ଏବଂ ଏଥିପାଇଁ ୨୪ କୋଟି ୪୮ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ଏହି ଅର୍ଥ ଜିଲ୍ଲା ଖଣିଜ ପାଣ୍ଠିରୁ ବିନିଯୋଗ କରାଯିବ। ଝାରସୁଗୁଡ଼ା ଜିଲ୍ଲା ଏକ ଖଣିବହୁଳ ଅଞ୍ଚଳ ଅଟେ। ଏଠାରେ ଖଣି ଉତ୍ତୋଳନ ଓ ଅନ୍ୟାନ୍ୟ ଆନୁଷଙ୍ଗିକ କାମ ପାଇଁ ଦକ୍ଷ ମାନବସମ୍ବଳର ଆବଶ୍ୟକତା ରହିଛି। ଏହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏଠାରେ ଆଇଟିଆଇ ପ୍ରତିଷ୍ଠା କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହି ନୂତନ ଆଇଟିଆଇରେ ୯ଟି ବିଷୟରେ ପ୍ରଶିକ୍ଷଣ ଦିଆଯିବ। ମଞ୍ଜୁର ହୋଇଥିବା ଅର୍ଥରେ ଏକାଡେମିକ୍ ଓ ୱାର୍କସପ୍ ବିଲଡିଂରେ ନିର୍ମାଣ କରାଯିବା ସହ ବିଭିନ୍ନ ଉପକରଣ ଓ ଯନ୍ତ୍ରପାତି କିଣାଯିବ ବୋଲି ଜଣାପଡ଼ିଛି।

ଜିଲ୍ଲା ଖଣିଜ ପାଣ୍ଠିରୁ ବିନିଯୋଗ ହେବ ଅର୍ଥ

## କୋଟିପତି କନିଷ୍ଠ ଯନ୍ତ୍ରୀ ଗିରଫ

ଆୟଠାରୁ ୧୬୮ ପ୍ରତିଶତ ଅଧିକ ସମ୍ପତ୍ତି ଠୁଳ କରିଥିଲେ

ଭୁବନେଶ୍ୱର, ୧।୧୨(ସମିସ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲରେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ ସୁନୀଲ କୁମାର ପାଢ଼ୀଙ୍କୁ ଶୁକ୍ରବାର ଭିଜିଲାନ୍ସ ଗିରଫ କରିଛି। ଗତକାଲି ଠାବ କରାଯାଇଥିବା ସମ୍ପତ୍ତିର ହିସାବ ଭିଜିଲାନ୍ସ ଅଧିକାରୀ ମାଗିଥିଲେ ମଧ୍ୟ ସେ ଦେଇପାରି ନଥିଲେ। ତେଣୁ ଭିଜିଲାନ୍ସ ତାଙ୍କ ନାମରେ ଡିଏ ମାମଲା ରୁଜୁ କରି ଗିରଫ କରିଛି। ଯାଞ୍ଚ ପରେ ଜଣାପଡ଼ିଛି, ସୁନୀଲ ଆୟଠାରୁ ୧୬୮ ପ୍ରତିଶତ ଅଧିକ ସମ୍ପତ୍ତି ଠୁଳ କରିଥିଲେ। ତାଙ୍କର ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତି କୋଟି କୋଟି ଟଙ୍କାର ହେବ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ତାଙ୍କର ଜାଗମରାରେ ୧.୧୦କୋଟି ଟଙ୍କାର ଏକ ତିନି ତାଲା କୋଠା, ଆସିକାରେ ଗୋଟିଏ ତାଲା ଘର, ମାର୍କେଟ୍ କଂପ୍ଲେକ୍ସ (ଯେଉଁଥିରେ ୯ଟି ଦୋକାନ ରହିଛି) ଓ ବ୍ରହ୍ମପୁରରେ ୫ଟି ପ୍ଲଟ୍ ରହିଛି। ବ୍ୟାଙ୍କ୍ ଆକାଉଣ୍ଟ ଏବଂ ଇନ୍ସ୍ୟୁରାନ୍ସରେ ୫୭ ଲକ୍ଷ ଟଙ୍କା ରହିଛି। ୨୪ଟି ବ୍ୟାଙ୍କ୍ ଆକାଉଣ୍ଟ ଠାବ କରାଯାଇଛି। ଯାହା ଯନ୍ତ୍ରୀ ଏବଂ ତାଙ୍କ ପରିବାର ସଦସ୍ୟଙ୍କ ନାମରେ ରହିଛି। ଭିଜିଲାନ୍ସ ଚଢ଼ାଉରେ ତାଙ୍କ ଘରୁ ୪ଲକ୍ଷ ୫ହଜାର ୩୧୮ ଟଙ୍କା ଠାବ କରାଯାଇଛି। ସୁନୀଲଙ୍କ ଗୋଟିଏ ଚାରି ଚକିଆ, ୪ଟି ଦୁଇ ଚକିଆ ଏବଂ ଘରର ଆସବାବପତ୍ର ମିଶି ୨୦.୫୮ ଲକ୍ଷ ଟଙ୍କା ହେବ। ୧୭ଟି ବ୍ୟାଙ୍କ୍ ଆକାଉଣ୍ଟ ଠାବ ହୋଇଛି। ସୂଚନାଯୋଗ୍ୟ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗତକାଲି ଭିଜିଲାନ୍ସ ତାଙ୍କର ଭୁବନେଶ୍ୱର ଏବଂ ଗଞ୍ଜାମର ୫ଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଥିଲା।

## ଆଗୁଆ ହେବ ଯୁକ୍ତ ୨ ପରୀକ୍ଷା

ଭୁବନେଶ୍ୱର, ୧।୧୨(ସମିସ): ଆସନ୍ତା ଏପ୍ରିଲ-ମେ’ ମାସରେ ସାଧାରଣ ଓ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ନିର୍ବାଚନ ପାଇଁ ବିଭିନ୍ନ କଲେଜଗୁଡ଼ିକ ଭୋଟ ଗ୍ରହଣ କେନ୍ଦ୍ରରେ ପରିଣତ କରାଯିବ ଓ କିଛି କଲେଜକୁ ଭୋଟ ବାକ୍ସ ସୁରକ୍ଷିତ ରଖିବାକୁ ବ୍ୟବହାର କରାଯିବ। ଏହି ପରିପ୍ରେକ୍ଷୀରେ ନିର୍ବାଚନ ପୂର୍ବରୁ ଯୁକ୍ତ ୨ ପରୀକ୍ଷା ଶେଷ କରିବାକୁ ଲକ୍ଷ୍ୟ ରଖିଛି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ। ଆସନ୍ତା ଜାନୁଆରୀ ୨ ତାରିଖରୁ ଯୁକ୍ତ ୨ ଦ୍ୱାରା ପରିଚାଳିତ ପ୍ରାକ୍ଟିକାଲ ପରୀକ୍ଷାଗୁଡ଼ିକ ଆରମ୍ଭ ହେବ ବୋଲି ପରିଷଦ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଯୁକ୍ତ ୨ ପରୀକ୍ଷା ଫେବୃଆରୀ ମଧ୍ୟଭାଗରୁ ଆରମ୍ଭ ହୋଇପାରେ ବୋଲି ସୂଚନା ମିଳିଛି। ସମ୍ଭବତଃ ଫେବୃଆରୀ ୧୬ ତାରିଖରୁ ଏହି ପରୀକ୍ଷା ଆରମ୍ଭ ହୋଇ ମାର୍ଚ୍ଚ ଦ୍ୱିତୀୟ ସପ୍ତାହ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି।

ଜାନୁଆରୀ ୨ରୁ ପ୍ରାକ୍ଟିକାଲ, ଫେବୃଆରୀ ୨ୟ ସପ୍ତାହରେ ଥିଓରୀ

## ସମ୍ବଲପୁର ମଣ୍ଡଳ କାରାଗାରରୁ କଏଦୀ ଚମ୍ପଟ୍

ସମ୍ବଲପୁର, ୧।୧୨(ସମିସ): ସମ୍ବଲପୁର ମଣ୍ଡଳ କାରାଗାରରୁ ଜଣେ ବିଚାରାଧୀନ କଏଦୀ ସଞ୍ଜୀବ କିସାନ ଚମ୍ପଟ୍ ମାରିଛନ୍ତି। ଏହି ଘଟଣା ଗତକାଲି ସନ୍ଧ୍ୟାରୁ ଘଟିଥିଲେ ହେଁ ଆଜି ଜେଲ୍ କର୍ତ୍ତୃପକ୍ଷ ଧନୁପାଲି ଥାନାରେ ଅଭିଯୋଗ କରିବା ପରେ ସାମ୍ନାକୁ ଆସିଛି। ଜେଲ ଅଧୀକ୍ଷକ ଅନିଲ ସାହୁ କହିଛନ୍ତି ଯେ ଗତକାଲି ସନ୍ଧ୍ୟାରୁ କଏଦୀଜଣକ ଫେରାର୍ ହୋଇଯାଇଛନ୍ତି। ଏ ସମ୍ପର୍କରେ ଧନୁପାଲି ଥାନାରେ ଅଭିଯୋଗ ହେବା ସହ ବିଭାଗୀୟ ତଦନ୍ତ ଆରମ୍ଭ ହୋଇଛି। ଜେଲ୍‌ର ସମସ୍ତ ସିସିଟିଭି ଚାଲୁଛି। ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ପରେ ମଧ କିଛି ସ୍ପଷ୍ଟ ଜଣାପଡୁନାହିଁ। ସବୁ ଘଟଣାକୁ ନେଇ ଏକ ପ୍ରାଥମିକ ତଦନ୍ତ ରିପୋର୍ଟ ଡିଜିଙ୍କ ପାଖକୁ ପଠାଯାଇଛି। ଡିଜିଙ୍କ ନିର୍ଦ୍ଦେଶକ୍ରମେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ ୨୦୨୨ ମସିହାରେ ସଦର ଥାନା କେସ୍ ନଂ ୩୫୨/୨୨ରେ ଏକ ଦୁଷ୍କର୍ମ ମାମଲାରେ ସଞ୍ଜୀବ କୋର୍ଟଚାଲାଣ ହୋଇଥିଲେ। ସମ୍ବଲପୁର ମଣ୍ଡଳ କାରାଗାରରେ ୨୦୨୩ ମେ’ ୧୫ତାରିଖରେ ଜଣେ ବିଚାରାଧୀନ କଏଦୀ ଧରଣୀଧର ମହାନନ୍ଦ(୪୫) ଆତ୍ମହତ୍ୟା କରଥିଲେ। ପାରିବାରିକ ହିଂସା ଘଟଣାରେ ସେ ଅଭିଯୁକ୍ତ ହୋଇ ବିଚାରାଧୀନ ବନ୍ଦୀ ଥିଲେ।

## ‘ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ’ରେ ୩ ବର୍ଷର ଶିଶୁ ଆର୍‌ଭି ଯୁଭାନିକା

ନିଶ୍ଚିନ୍ତକୋଇଲି, ୧।୧୨(ସମିସ): ଜିଗ୍ନିପୁର ପଞ୍ଚାୟତ ଛୁଆଳିଆ ଗ୍ରାମର ୩ ବର୍ଷ ୫ ମାସର ଶିଶୁ କନ୍ୟାର ନାମ ୨୦୨୩ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇଛି। ଆର୍‌ଭି ଯୁଭାନିକା ନାମକ ଏହି ପ୍ରତିଭା ସମ୍ପନ୍ନ ଶିଶୁ କନ୍ୟା ଭାରତର ୨୮ଟି ରାଜ୍ୟ ଓ ତାହାର ରାଜଧାନୀ, ୧୬ଟି ଶବ୍ଦର ବିପରୀତ ଶବ୍ଦ, ୧୨ଜଣ କବିଙ୍କ ନାମ ଓ ଉପାଧି, ୯ଜଣ ସ୍ୱାଧୀନତା ଦେଶପ୍ରେମ ସ୍ଲୋଗାନ, ୧୦ଜଣ ଲେଖକ ରଚନା କରିଥିବା ଗ୍ରନ୍ଥ ଓ ଉପନ୍ୟାସର ନାମ, ୧୨ଟି ରଙ୍ଗର ନାମ, ଇଂରାଜୀ ବର୍ଷର ବାରମାସ, ୬ ଋତୁ ଓ ସପ୍ତାହର ୭ଦିନର ନାମ, ୧୬ଟି ଶିଶୁ ବାଟିକା ପଦ୍ୟର ଆବୃତ୍ତି, ୯ଟି କ୍ଷେତ୍ରର ନାମ, ୨୬ଟି ଇଂରାଜୀ ବର୍ଣ୍ଣମାଳାର ପ୍ରତୀକ, ୭ଟି ମହାଦେଶ, ଭାରତର ୮ଟି କେନ୍ଦ୍ରଶାସିତ ଅଞ୍ଚଳ, ୯ଟି ଗ୍ରହର ନାମ, ମଣିଷ ଶରୀରର ୨୫ଟି ଅଙ୍ଗପ୍ରତ୍ୟଙ୍ଗର ନାମ, ୨୦ଟି ଫଳର ନାମ, ୨୫ଟି ପଶୁର ନାମ, ୨୦ଟି ପକ୍ଷୀପରିବାର ନାମ, ଇଂରାଜୀରେ ୩୦ଟି ଜରୁରିକାଳୀନ ଶବ୍ଦ, ସଂଖ୍ୟା ଗଣନ, ଜାତୀୟ ସଙ୍ଗୀତ ଓ ବନ୍ଦେ ଉତ୍କଳ ଜନନୀ ଗାନ, ୪ଟି ସଂସ୍କୃତ ଶ୍ଳୋକ, ହନୁମାନ ଚାଳିଶା, ୪୭ଟି ସାଧାରଣ ଜ୍ଞାନ ପ୍ରଶ୍ନର ଉତ୍ତର କହି ୨୦୨୩ ମସିହାର ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସରେ ସ୍ଥାନ ପାଇ ପୁରସ୍କୃତ ହୋଇଛନ୍ତି। ସମ୍ପୃକ୍ତ ଶିଶୁ କନ୍ୟାଟି ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କେଦାରନାଥ ରାଉତ ଓ ବାସନ୍ତୀ ସ୍ୱାଇଁଙ୍କ ନାତୁଣୀ ତଥା ଇଂ. ଚନ୍ଦନ ରାଉତ ଓ ଇଂ. ସ୍ୱପ୍ନାଶ୍ରୀ ସାମଲଙ୍କ ଏକମାତ୍ର ସୁପୁତ୍ରୀ ଏବଂ ସାମ୍ବାଦିକ ଜ୍ୟୋତିରଞ୍ଜନ ସ୍ୱାଇଁ ଓ ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟା ସବିତା ସାମଲଙ୍କ ଝିଆରୀ ହୋଇଥିବାରୁ ତାଙ୍କୁ ବହୁ ବୁଦ୍ଧିଜୀବୀ, ରାଜନେତା ଓ ଶିକ୍ଷାବିତ୍ ମହଲରେ ଶୁଭେଚ୍ଛା ଜ୍ଞାପନ କରି ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।




## ଘରୋଇ କଳିରୁ ଟ୍ରିପଲ୍ ମର୍ଡର୍

ମୈଦଲପୁର, ୧।୧୨(ସମିସ) :

ନବରଙ୍ଗପୁର ଜିଲ୍ଲା ପାପଡ଼ା ହାଣ୍ଡି ବ୍ଲକ୍ ମୈଦଲପୁର ଥାନା ଅନ୍ତର୍ଗତ ଗୁଜମାପଦର ଗାଁରେ ଟ୍ରିପଲ୍ ମର୍ଡର ହୋଇଛି। ମଦ୍ୟପ ବାପାର ଛୁରା ମାଡ଼ରେ ୩ ବର୍ଷର ପୁଅର ମୃତ୍ୟୁ ପରେ ଆଉ ଦୁଇଟି ହତ୍ୟାକାଣ୍ଡ ଘଟିଛି। ଜହ୍ଲାଦ ବାପାର କବଳରୁ ଶିଶୁପୁତ୍ରକୁ ରକ୍ଷା କରିବାକୁ ଯାଇ ଛୁରାଘାତରେ ପଡୋଶୀ ମହିଳାଙ୍କ ମୃତ୍ୟୁ ଘଟିଛି। ଏଥିରେ ଉକ୍ତିପ୍ତ ହୋଇ ଉତ୍ୟକ୍ତ ଗ୍ରାମବାସୀ ଅଭିଯୁକ୍ତଙ୍କୁ ପିଟି ପିଟି ମାରି ଦେଇଛନ୍ତି। ପତିପତ୍ନୀଙ୍କ ଘରୋଇ କଳିକୁ କେନ୍ଦ୍ରକରି ଏମିତି ଅଭାବନୀୟ ଘଟଣା ଘଟିଥିବା କୁହାଯାଉଛି।

ସୂଚନା ଅନୁଯାୟୀ, ମୈଦଲପୁର ଥାନା ଅନ୍ତର୍ଗତ ଗୁଜୁମାପଦର ଗାଁର ଅଭିଯୁକ୍ତ ରାଧେ ସାନ୍ତା ଓ ସ୍ତ୍ରୀ ମାଳତ ସାନ୍ତାଙ୍କ ମଧ୍ୟରେ କୌଣସି କାରଣକୁ ନେଇ ବଚସା ଓ ଗଣ୍ଡଗୋଳ ହୋଇଥିଲା। ଅଭିଯୁକ୍ତ ମଦ୍ୟପାନ କରି ନିଶାସକ୍ତ ଅବସ୍ଥାରେ ରହିଥିଲା । ନିଶାସକ୍ତ ଅବସ୍ଥାରେ ଅଭିଯୁକ୍ତ ରାଧେ ସାନ୍ତା ଘରେ ବ୍ୟବହୃତ ଛୁରୀ (କଟୁରୀ) ସାହାଯ୍ୟରେ ପତ୍ନୀକୁ ମାରିବା ପାଇଁ ଚେଷ୍ଟା କରୁଥିବା ବେଳେ ସେ ପ୍ରାଣ ବିକଳରେ ଦୁଇ ବର୍ଷର ପୁଅ ବିବେ ସାନ୍ତାଙ୍କୁ ଛାଡ଼ି ଘରୁ ବାହାରକୁ ପଳେଇଥିଲା । ପରେ ଅଭିଯୁକ୍ତ ବାପା ଉତ୍ୟକ୍ତ ହୋଇ ପୁଅ ବିବେ ସାନ୍ତାଙ୍କୁ ଛୁରୀରେ ଆକ୍ରମଣ କରିଥିଲେ। ଏହା ଦେଖି ପଡ଼ୋଶୀ ବୃଦ୍ଧା ଜନାଏ ସାନ୍ତା ତାଙ୍କୁ ବିରୋଧ କରିବାରୁ ସେ କଟୁରୀରେ ଜନାଏଙ୍କୁ ଆକ୍ରମଣ କରିଥିଲା। ଫଳରେ ଘଟଣା ସ୍ଥଳରେ ପୁଅ ଓ ପଡୋଶୀ ଜନାଏଙ୍କ ମୃତ୍ୟୁ ହୋଇଥିଲା । ଏହି ଘଟଣା ପରେ ଗାଁ ଲୋକେ ଅଭିଯୁକ୍ତଙ୍କୁ ନିସ୍ତୁକ ମାଡ଼ ମାରିବା ପରେ ସେ ଲହୁଲୁହାଣ ହୋଇ ଗୁରୁତର ହୋଇଥିଲେ । ଗାଁର ଦୁଇ ଜଣ ଲୋକେ ତାଙ୍କୁ ମୈଦଲପୁର ଥାନାକୁ ଯାଇ ଜଣାଇବାରୁ ମୈଦଲପୁର ପୁଲିସ୍ ଘଟଣା ସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ଗୁରୁତର ଅବସ୍ଥାରେ ପାପଡ଼ାହାଣ୍ଡି ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଅଭିଯୁକ୍ତ ରାଧେଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ।

ଘଟଣାକୁ ନେଇ ବୃଦ୍ଧା ଜନାଏଙ୍କ ପୁଅ ସୀମାଞ୍ଚଳ ସାନ୍ତା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଏନେଇ ୧୫୪/୨୩ରେ ମାମଲା ରୁଜୁ କରାଯାଇଥିବା ବେଳେ ତିନି ଜଣଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ଏସ୍ଡିପିଓ ଆଦିତ୍ୟ ସେନ କହିଛନ୍ତି । ଏହି ସମୟରେ ମୈଦଲପୁର ଥାନା ଅଧିକାରୀ ବିପିନ କୁମାର କୁଲୁଦୀପ, ଏଏସ୍ଆଇ କମଲୋଚ ନାୟକ, ଏଏସ୍ଆଇ ଲୋକେଶ ଭୋଇ ଏବଂ ପାପଡ଼ାହାଣ୍ଡି ଥାନା ଅଧିକାରୀ ଦୀପକ କୁମାର ଜେନା, ଶିବିଜୀ ପଣ୍ଡା ଓ କର୍ମଚାରୀ ଉପସ୍ଥିତ ଥିଲେ । ଘଟଣା ସ୍ଥଳରେ ପୁଲିସ ଓ ସାଇଣ୍ଟିଫିକ୍ ଟିମ ପହଞ୍ଚିବା ସହ ଅଧିକ ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି।

ବାପା ନେଲା ୩ ବର୍ଷୀୟ ପୁଅର ଜୀବନ

ଶିଶୁକୁ ବଞ୍ଚାଇବାକୁ ଯାଇ ମହିଳାଙ୍କ ଜୀବନ ଗଲା

ଅଭିଯୁକ୍ତ ବାପାକୁ ପିଟିପିଟି ମାରିଦେଲେ

■ ନୟାଗଡ଼ ପରୀ ଦୁଷ୍କର୍ମ ଓ ହତ୍ୟା ମାମଲା

## ଅଭିଯୁକ୍ତର ଜାମିନ ଆବେଦନ ହାଇକୋର୍ଟରେ ଖାରଜ

କଟକ, ୧।୧୨(ସମିସ): ନୟାଗଡ଼ ଯଦୁପୁରର ୫ବର୍ଷିଆ ଶିଶୁ କନ୍ୟା ପରୀ ଦୁଷ୍କର୍ମ ଓ ହତ୍ୟାକାଣ୍ଡ ଘଟଣାରେ ଅଭିଯୁକ୍ତ ସରୋଜ ସେଠୀକୁ ଜାମିନରେ ଛାଡ଼ିବାକୁ ହାଇକୋର୍ଟ ଅଗ୍ରାହ୍ୟ କରିଦେଇଛନ୍ତି। ଅନ୍ୟପଟରେ ନିମ୍ନ ଅଦାଲତ ଉକ୍ତ ନାବାଳିକା ଦୁଷ୍କର୍ମ ଓ ହତ୍ୟା ମାମଲାର ଶୁଣାଣି ଶେଷ କରି ୨୦୨୪ ଫେବୃଆରୀ ଶେଷ ସୁଦ୍ଧା ରାୟ ପ୍ରକାଶ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସରୋଜ ପକ୍ଷରୁ ରୁଜୁ କ୍ରିମିନାଲ ଅପିଲର ଶୁଣାଣି କରି ଜଷ୍ଟିସ ସଂଗମ କୁମାର ସାହୁ ଏପରି ନିର୍ଦ୍ଦେଶ ଦେଇଛନ୍ତି। ଯଦି ୨୦୨୪ ଫେବୃଆରୀ ଶେଷ ସୁଦ୍ଧା ନିମ୍ନ ଅଦାଲତରେ ଟ୍ରାଏଲ୍ ଶେଷ ହୋଇ ରାୟ ପ୍ରକାଶ ନ ପାଏ, ତାହେଲେ ଆବେଦନକାରୀ ଚାହିଁଲେ ଜାମିନ ପାଇଁ ପ୍ରାର୍ଥନା କରିପାରିବେ ବୋଲି କହିଛନ୍ତି ହାଇକୋର୍ଟ। ପ୍ରକାଶ ଥାଉକି, ନୟାଗଡ଼ର ବହୁ ଚର୍ଚ୍ଚିତ ନାବାଳିକା ପରୀ ହତ୍ୟାକାଣ୍ଡ ଘଟଣାରେ ୨୦୨୦ ଡିସେମ୍ବର ୨୧ରେ ନାବାଳକ ଅଭିଯୁକ୍ତ ଥିବା ସରୋଜକୁ କ୍ରାଇମ୍‌ବ୍ରାଞ୍ଚର ଏସ୍ଆଇଟି ଗିରଫ କରିଥିଲା। ୨୦୨୧ ମାର୍ଚ୍ଚ ୨୪ରେ ନୟାଗଡ଼ ଅତିରିକ୍ତ ଦୌରାଜଜ୍ ତଥା କିଶୋର ନ୍ୟାୟାଳୟ ସମ୍ପୃକ୍ତ ଅଭିଯୁକ୍ତ ସରୋଜର ଜାମିନ ଆବେଦନକୁ ଖାରଜ କରିଦେଇଥିଲେ। ଏଥିସହ କଗ୍ନିଜାନ୍ସ ଗ୍ରହଣ କରି ଶୁଣାଣି ଆରମ୍ଭ କରିଥିଲେ। ଏହାପରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ଅଭିଯୁକ୍ତ ସରୋଜ। ନିମ୍ନ ଅଦାଲତରେ ଟ୍ରାଏଲ୍ ଶେଷ ହୋଇପାରି ନ ଥିବା ନେଇ ହାଇକୋର୍ଟ ଅବଗତ ହୋଇଥିଲେ। ତେବେ ଯୁକ୍ତି ଉପସ୍ଥାପନବେଳେ ନିମ୍ନ ଅଦାଲତ କୌଣସି ପକ୍ଷକୁ ମାମଲା ଘୁଞ୍ଚାଇବାକୁ ସମୟ ଦେବେ ନାହିଁ ବୋଲି ହାଇକୋର୍ଟ କହିବା ସହ ଉକ୍ତ ଆଦେଶନାମା ସମ୍ପୃକ୍ତ ନିମ୍ନ ଅଦାଲତକୁ ପ୍ରେରଣ ପାଇଁ ରେଜିଷ୍ଟ୍ରିକୁ ନିର୍ଦ୍ଦେଶ ଦିଆଯାଇଛି।

୨୦୨୪ ଫେବୃଆରୀ ଶେଷ ସୁଦ୍ଧା ନିମ୍ନ ଅଦାଲତ ରାୟ ପ୍ରକାଶ କରିବେ

### ଘଟଗାଁ ନିକଟରେ ଛାତିଥରା ଦୁର୍ଘଟଣା

# ଦୁଇ ପରିବାରରୁ ୮ ମୃତ, ୧୧ ଗୁରୁତର



**ଅଧା ରହିଗଲା ମା' ତାରିଣୀ ଦର୍ଶନ**

- ମୃତକଙ୍କ ମଧ୍ୟରେ ୩ ଜଣ ପୂର୍ବତନ ସାଂସଦଙ୍କ ସମ୍ପର୍କୀୟ
- ଦୁର୍ଘଟଣା ପରେ ଫେରାର୍ ଚାଳକକୁ ଗିରଫ କଲା ପୁଲିସ୍

**କେନ୍ଦୁଝର/ଘଟଗାଁ, ୧।୧୨ (ସମିସ):** ମନରେ କେତେ ଆଶା, ଭକ୍ତି ନେଇ ମା' ତାରିଣୀଙ୍କ ଦର୍ଶନ ପାଇଁ ଛୁଟି ଆସିଥିଲେ ସୁଦୂର ଗଞ୍ଜାମ ଜିଲ୍ଲାରୁ। ମା'ଙ୍କୁ ପୂଜାର୍ଚ୍ଚନା କରି ନିଜ ମନର କଥା ଜଣାଇଥା'ନ୍ତେ। କିନ୍ତୁ କ୍ଷଣିକରେ ସବୁ ଓଲଟପାଲଟ ହୋଇଗଲା। ସେମାନଙ୍କ ସହ କ'ଣ ଘଟିଗଲା, ଭାବିବାକୁ ବି କାହାରିକୁ ସମୟ ମିଳିଲାନି। ନିମିଷକ ମଧ୍ୟରେ ରାସ୍ତା ଉପରେ ଆଠ ଆଠଟି ଜୀବନ ଚାଲିଗଲା। ଶୁକ୍ରବାର ଭୋର୍‌ରେ ଘଟଗାଁ ନିକଟ ମେଲଣ ବାଲିଯୋଡ଼ି ନିକଟରେ ଘଟିଥିବା ଏକ ଛାତିଥରା, ହୃଦୟବିଦାରକ, ଲୋମଟାଙ୍କୁରା ସଡ଼କ ଦୁର୍ଘଟଣା ପୂରା ରାଜ୍ୟକୁ ସ୍ତବ୍ଧ କରିଦେଇଛି। ୨୧ଜଣ ଯାତ୍ରୀଙ୍କୁ ନେଇ ଦ୍ରୁତ ଗତିରେ ଯାଉଥିବା ଏକ ୱିଙ୍ଗର୍ ଭ୍ୟାନ୍ ରାସ୍ତାକଡ଼ରେ ଠିଆ ହୋଇଥିବା ଏକ ଟ୍ରକ୍‌କୁ ପଛପଟୁ ଧକ୍କା ଦେବାରୁ ଏହି ଅଘଟଣ ଘଟିଛି। ଏଥିରେ ୮ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୧ଜଣ ହସ୍ପିଟାଲରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ମୃତକଙ୍କ ମଧ୍ୟରେ ୩ଜଣ ମହିଳା, ୪ଜଣ ପୁରୁଷ ଓ ଜଣେ ଶିଶୁ ରହିଛନ୍ତି। ମୃତକମାନେ ହେଲେ, ବାବୁଲା ଗୌଡ଼(୫୦), ମଦନ ଗୌଡ଼(୩୫), ବାଘାଘନ ଗୌଡ଼(୬୫), ପଦ୍ମିନୀ ଗୌଡ଼(୪୦), ଆକାଶ ପ୍ରଧାନ, ଇଲି ପ୍ରଧାନ, ମିତା ପ୍ରଧାନ ଓ ରୁଦ୍ର ଗୌଡ଼ (୪)। ମୃତକମାନେ ଦୁଇଟି ▶ପୃଷ୍ଠା-୧୦

**ଶୋକବ୍ୟକ୍ତ କଲେ ମୁଖ୍ୟମନ୍ତ୍ରୀ**

## ମୃତକଙ୍କ ପରିବାରକୁ ୩ ଲକ୍ଷ ଲେଖାଏଁ ସହାୟତା

**କେନ୍ଦୁଝର ଓ ଗଞ୍ଜାମ ଜିଲ୍ଲାପାଳଙ୍କ ସହ କଥାହେଲେ '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ**

ଏହି ଦୁଃଖଦ ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକବ୍ୟକ୍ତ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି। ସମସ୍ତ ଆହତଙ୍କୁ ମାଗଣାରେ ଉପଯୁକ୍ତ ଚିକିତ୍ସା ଯୋଗାଇଦେବାକୁ ନିର୍ଦ୍ଦେଶ ଦେବା ସହ ସେମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଏଥିସହ ମୃତକଙ୍କ ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ତିନିଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ମଧ୍ୟ କେନ୍ଦୁଝର ଓ ଗଞ୍ଜାମ ଜିଲ୍ଲାପାଳଙ୍କ ସହ କଥା ହୋଇ ମୃତାହତଙ୍କୁ ଉପଯୁକ୍ତ ସହାୟତା ଯୋଗାଇଦେବାକୁ ଆଲୋଚନା କରିଛନ୍ତି।

**ଦିଗ ବଦଳାଇବ ମିଚାଉଁ**

## ଆନ୍ଧ୍ର ଛୁଇଁ ଓଡ଼ିଶାକୁ ପଶିବ




- ଦକ୍ଷିଣ ଓଡ଼ିଶାରେ ଅତି ପ୍ରବଳ ବର୍ଷା
- ୭୦ କିମି ବେଗରେ ପବନ ବହିବା ଆଶଙ୍କା
- ବନ୍ଦର ପାଇଁ ୧ ନଂ ବିପଦ ସଙ୍କେତ ଜାରି

**ଭୁବନେଶ୍ୱର, ୧।୧୨(ସମିସ):** ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଓ ତତ୍‌ସଂଲଗ୍ନ ତାମିଲନାଡୁ ଉପକୂଳରେ ସୃଷ୍ଟି ହୋଇଥିବା ଲଘୁଚାପ ଅବପାତର ରୂପ ନେଇଛି। ଏହା ୩ ତାରିଖରେ ଏକ ବାତ୍ୟାରେ ପରିଣତ ହୋଇ ୫ତାରିଖରେ ଆନ୍ଧ୍ରପ୍ରଦେଶର ନେଲ୍ଲୁର ଓ ମଛିଲିପାଟନମ୍ ମଝିରେ ସ୍ଥଳଭାଗ ଅତିକ୍ରମ କରିବ। ହେଲେ ସ୍ଥଳଭାଗ ଛୁଇଁବା ପୂର୍ବରୁ ବାତ୍ୟା ଦିଗ ପରିବର୍ତ୍ତନ କରିବାର ସମ୍ଭାବନା ଥିବାରୁ ଏହାର ଗତିପଥ ଓଡ଼ିଶା ଆଡ଼କୁ ରହିବ। ଫଳରେ ଆନ୍ଧ୍ର ସମେତ ସୀମାନ୍ତ ଓ କେନ୍ଦ୍ରୀୟ ଓଡ଼ିଶା ପର୍ଯ୍ୟନ୍ତ ବାତ୍ୟା ପ୍ରଭାବରେ ବର୍ଷା ହେବ। ପାଣିପାଗ କେନ୍ଦ୍ର ପକ୍ଷରୁ ବାତ୍ୟା ଗତିପଥ ସଂପର୍କରେ ଏହି ସୂଚନା ଦିଆଯାଇଛି। ୫ ତାରିଖରେ ରାଜ୍ୟରେ ବାତ୍ୟାର ସର୍ବାଧିକ ପ୍ରଭାବ ରହିବ ବୋଲି କୁହାଯାଇଛି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ବର୍ତ୍ତମାନ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗର ସଂଲଗ୍ନ ଦକ୍ଷିଣ-ପୂର୍ବରେ ଅବପାତଟି ସକ୍ରିୟ ରହିଛି। ଏହା ପଶ୍ଚିମ ଉତ୍ତରପଶ୍ଚିମ ଦିଗକୁ ଗତି କରି ଆହୁରି ଘନୀଭୂତ ହୋଇ ଶନିବାର ସୁଦ୍ଧା ଗଭୀର ଅବପାତରେ ଓ ▶ପୃଷ୍ଠା-୧୦

## ତୃତୀୟ ଲିଙ୍ଗୀଙ୍କ ପାଇଁ ସବୁ ଜିଲ୍ଲାରେ ପ୍ରତିଷ୍ଠା ହେବ ମେଡିକାଲ ବୋର୍ଡ

**ଲିଙ୍ଗ ପରିବର୍ତ୍ତନ ଓ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ପାଇଁ ନିଆଯିବ ପଦକ୍ଷେପ**

**ଭୁବନେଶ୍ୱର, ୧।୧୨(ସମିସ):** କିନ୍ନର ଅବା ତୃତୀୟ ଲିଙ୍ଗୀଙ୍କ ସ୍ୱାସ୍ଥ୍ୟଗତ ସମସ୍ୟାର ସମାଧାନ ପାଇଁ ପ୍ରତି ଜିଲ୍ଲାରେ ମେଡିକାଲ ବୋର୍ଡ ପ୍ରତିଷ୍ଠା କରାଯିବ। ତୃତୀୟ ଲିଙ୍ଗୀଙ୍କ କଲ୍ୟାଣ ଦିଗରେ ଏହି ମେଡିକାଲ ବୋର୍ଡ କାର୍ଯ୍ୟ କରିବ। ମେଡିକାଲ ବୋର୍ଡ ଗଠନ ନିମନ୍ତେ ବିହିତ ପଦକ୍ଷେପ ନେବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସଚିବ ଶାଳିନୀ ପଣ୍ଡିତ ସମସ୍ତ ସିଡିଏମ୍‌ଓ/ପିଏଚ୍‌ଓଙ୍କୁ ପତ୍ର ଲେଖି ନିର୍ଦ୍ଦେଶ ଦେଇଛନ୍ତି। ବିଭାଗ ପକ୍ଷରୁ କୁହାଯାଇଛି ଯେ ଏହି ମେଡିକାଲ ବୋର୍ଡ ସିଡିଏମ୍/ପିଏଚ୍‌ଓଙ୍କ ନେତୃତ୍ୱରେ କାର୍ଯ୍ୟ କରିବ। ଏଥିରେ ଡିଏମ୍‌ଓ (ଏମ୍‌ଏସ୍) ଆବାହକ ରହିଥିବା ବେଳେ ସର୍ଜରୀ ବିଶେଷଜ୍ଞ, ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ, ମାନସିକ ରୋଗ ବିଶେଷଜ୍ଞ ଓ କ୍ଲିନିକାଲ ସାଇକୋଲୋଜିଷ୍ଟ ସଦସ୍ୟ ରହିଛନ୍ତି। ତୃତୀୟ ଲିଙ୍ଗୀ କୌଣସି ଅନୁରୋଧ କଲେ, ତାହା ଉପରେ କମିଟି ବୈଠକ ଆୟୋଜନ କରି ନିଷ୍ପତ୍ତି ଗ୍ରହଣ କରିବ। ଜିଲ୍ଲାସ୍ତରରେ ମେଡିକାଲ ବୋର୍ଡ ଗଠନ କରିବା ଲାଗି ଜାତୀୟ ମାନବାଧିକାର କମିଶନ୍ (ଏନ୍‌ଏଚ୍‌ଆରସି) ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାରମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ଅନୁସାରେ ମେଡିକାଲ ବୋର୍ଡ ଗଠନ ପାଇଁ ପଦକ୍ଷେପ ନିଆଯାଇଛି। ▶ପୃଷ୍ଠା-୧୦

## ପାରାଦ୍ୱୀପ ବନ୍ଦରରୁ ୨୨୦ କୋଟିର କୋକେନ୍ ଜବତ

**ଭୁବନେଶ୍ୱର/ପାରାଦ୍ୱୀପ, ୧।୧୨(ସମିସ):** ପାରାଦ୍ୱୀପ ବନ୍ଦରରେ ଲାଗିଥିବା ଏମ୍‌ଭି-ଦେବୀ ପାନାମା ନାମକ ଏକ ଜାହାଜରୁ ସୀମାଶୁଳ୍କ (କଷ୍ଟମ୍‌ସ) ବିଭାଗ ଶୁକ୍ରବାର ୨୦ କେଜିରୁ ଊର୍ଦ୍ଧ୍ୱ କୋକେନ୍ ଜବତ କରିଛି। ଏହି କୋକେନ୍ ୨୨ଟି ପ୍ୟାକେଟ୍‌ରେ ରହିଥିଲା। ଜବତ କୋକେନ୍‌ର ଅନ୍ତର୍ଜାତୀୟ ବଜାର ମୂଲ୍ୟ ୨୨୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାଯାଇଛି। ଏନେଇ ସୀମାଶୁଳ୍କ ବିଭାଗ ଏନ୍‌ଡିପିଏସ୍‌ରେ ମାମଲା ରୁଜୁ କରି ତଦନ୍ତ କରୁଛି। ଏତେ ପରିମାଣର କୋକେନ୍ ଧରାପଡ଼ିବା ଓଡ଼ିଶାରେ ପ୍ରଥମ ଘଟଣା ବୋଲି କୁହାଯାଉଛି। ସୂଚନାନୁଯାୟୀ, ଇଜିପ୍ଟରୁ ଆସିଥିବା ଏହି ▶ପୃଷ୍ଠା-୧୦

- ଷ୍ଟିଲ୍ ପ୍ଲେଟ୍ ନେବାକୁ ଆସିଥିଲା ଇଣ୍ଡୋନେସିଆ ଜାହାଜ
- ୨୨ଟି ପ୍ୟାକେଟ୍‌ରେ ସିଲ୍ ହୋଇଛି ୨୦ କେଜି କୋକେନ୍
- ଏତେ ମାତ୍ରାରେ କୋକେନ୍ ଜବତ ଓଡ଼ିଶାରେ ପ୍ରଥମ
- ଜାହାଜଟି ପାନାମାରେ ରେଜିଷ୍ଟ୍ରେସନ ହୋଇଥିବା ସ୍ପଷ୍ଟ











# ବିଶ୍ୱ ଏଡ୍‌ସ ଦିବସ ଉପଲକ୍ଷେ ଶୋଭାଯାତ୍ରା




**ରାଉରକେଲା, ୧।୧୨(ସମିସ):** ବିଶ୍ୱ ଏଡସ ଦିବସ ଉପଲକ୍ଷେ ଓଡ଼ିଶା ରାଜ୍ୟ ଏଡସ ନିୟନ୍ତ୍ରଣ ସୋସାଇଟି, ଏନଏସିଓ ଓ ଆରଜିଏଚ ମିଳିତ ଆନୁକୂଲ୍ୟରେ ଶୁକ୍ରବାର ରାଉରକେଲାରେ ଏକ ସଚେତନତା ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ରାଉରକେଲା ସରକାରୀ ଚିକିତ୍ସାଳୟର ଉପ ଅଧୀକ୍ଷକ ଡା. ପଣ୍ଡିତ ସାହୁ ପତକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଏହି ଶୋଭାଯାତ୍ରାରେ ନର୍ସିଂ ଛାତ୍ରଛାତ୍ରୀ, ଡାକ୍ତର, ଏନଜିଓ କର୍ମୀ ଅଂଶଗ୍ରହଣ କରିଥିଲେ। ଏହା ସହର ପରିକ୍ରମା କରି ଜନସାଧାରଣଙ୍କୁ ସଚେତନ କରିଥିଲା। ଏହି ଅବସରେ ଚିକିତ୍ସାଳୟର ଆଇଏମଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଇଏମଏ ଅଧ୍ୟକ୍ଷ ଡା. ସଞ୍ଜୟ ରାୟ ମୁଖ୍ୟଅତିଥି ଭାବରେ ଯୋଗଦେଇ ଆଜି ଦିବସର ମହତ୍ତ୍ୱ ବିଷୟରେ ଅବଗତ କରାଇଥିଲେ। ସେ କହିଥିଲେ, ଏଚଆଇଭି ରୋଗ ବିଷୟରେ ସମାଜର ପ୍ରତ୍ୟେକ ବର୍ଗ ବିଶେଷ କରି ଯୁବପିଢ଼ିମାନେ ସଚେତନ ହେବା ଆବଶ୍ୟକ। ଏଚଆଇଭି ଆକ୍ରାନ୍ତ ବ୍ୟକ୍ତିମାନଙ୍କୁ ଘୃଣା ଚକ୍ଷୁରେ ନ ଦେଖି ଅନ୍ୟ ରୋଗୀ ପରି ସମାନ ବ୍ୟବହାର କରିବା ଉଚିତ୍। ଏଥିପାଇଁ ସଚେତନତା ଆବଶ୍ୟକ। ଗୋଷ୍ଠୀ ସମୂହ ଏହାର ନେତୃତ୍ୱ ନେବା ଉଚିତ୍ ବୋଲି ସେ କହିଥିଲେ।

ଅନ୍ୟ ସମ୍ମାନିତ ଅତିଥିଙ୍କ ମଧ୍ୟରେ ଆରଜିଏଚ ଡେପୁଟି ସୁପରିନଟେଣ୍ଡେଣ୍ଟ ଡା. ସୁଧାରାଣୀ ପ୍ରଧାନ, ବରିଷ୍ଠ ମେଡିକାଲ ଅଧିକାରୀ (ଏଆରଟି ସେଣ୍ଟର) ଡା. ବଳରାମ ବେହେରା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଏଚଆଇଭି ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି କାଉନସେଲର ମମତା ଦାସଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ କୁଇଜ କାର୍ଯ୍ୟକ୍ରମ କରାଯାଇଥିଲା। ଆଇସିଟିସି କାଉନସେଲର ପୁଷ୍ପାରାଣୀ ମିଶ୍ର କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇଥିବା ବେଳେ ମମତା ଦାସ ଧନ୍ୟବାଦ ଦେଇଥିଲେ।

SUSHREE INSTITUTE OF TECHNICAL EDUCATION(SITE)
SITE Nursing College
Pallishree Vihar, Sadaipali, Balangir - 767065
(Approved by INC, New Delhi & Permitted by Govt. of Odisha, Health & F.W.Dept.)
ADMISSION IS GOING ON
ANM: 2 Years
Qua: +2 Any Stream
GNM: 3 Years
Qua: +2 Any Stream
B.Sc.(N):4 Years
Qua: +2 Science with PCB
P.B.B.Sc.:2 Years
Qua: GNM Pass
M.Sc.(N): 2 Years
Qua: B.Sc. Pass (1 Years Exp.) & P.B.B.Sc. Pass
DMLT (Pathology) : 2 Years
Qua: +2 Science with Biology
DMRT (Radiology) : 2 Years
Qua: +2 Science with Biology
Contact: 9938581961, 7008316809, 7008506064, 9861757278

ସମଗ୍ର ଶିକ୍ଷା, ସୁନ୍ଦରଗଡ
No Demand Certificate (NDC) ଗ୍ରହଣ କରିବା ସମ୍ବନ୍ଧେ
ସୁନ୍ଦରଗଡ ଜିଲ୍ଲାରୁ ଅବସର ଗ୍ରହଣ କରିଥିବା ସମସ୍ତ ସରକାରୀ ଶିକ୍ଷକ, ଶିକ୍ଷୟତ୍ରୀ ମାନଙ୍କର ପେନସନ୍ ପ୍ରାପ୍ତି ପାଇଁ ସମଗ୍ର ଶିକ୍ଷା ଅଭିଯାନ, NDC ପ୍ରଦାନ କରିବାରେ ଖୁବ ଯତ୍ନଶୀଳ। ସମସ୍ତ ଅବସରପ୍ରାପ୍ତ ଶିକ୍ଷକ, ଶିକ୍ଷୟତ୍ରୀ ମାନଙ୍କୁ ଅନୁରୋଧ ସେମାନେ ଅବସର ଗ୍ରହଣ କରିବାର ସାତଦିନ ମଧ୍ୟରେ ସେମାନଙ୍କର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଠାରୁ Non-Civil Clerance ଆଣିବେ ଏବଂ ସମଗ୍ର ଶିକ୍ଷା ଅଭିଯାନ ତରଫରୁ ନିୟୋଜିତ ହୋଇଥିବା Technical Consultant (T.C) ଙ୍କ ଠାରୁ Civil Clearance ଆଣି, ଉଭୟ Clearance ସମ୍ବନ୍ଧିତ ସମସ୍ତ କାଗଜପତ୍ରକୁ ଡାକ ଯୋଗେ (Speed Post) ସମଗ୍ର ଶିକ୍ଷା ଅଭିଯାନ କାର୍ଯ୍ୟାଳୟକୁ ନିମ୍ନ ଠିକଣାରେ ପ୍ରେରିତ କରିବେ। NDC ସମ୍ବନ୍ଧିତ ସମସ୍ତ ଦସ୍ତାବିଜ ହସ୍ତଗତ ପରେ ତାହାକୁ ଉପଯୁକ୍ତ ସମୀକ୍ଷା କଲାପରେ, ପନ୍ଦରଦିନ ମଧ୍ୟରେ ସମଗ୍ର ଶିକ୍ଷା ଅଭିଯାନ ତରଫରୁ NDC ପ୍ରଦାନ କରାଯିବ। NDC ସମ୍ବନ୍ଧିତ ଯଦି କୌଣସି ଅଭିଯୋଗ ଥାଏ, ଶିକ୍ଷକ/ଶିକ୍ଷୟତ୍ରୀ ମାନେ dpcsndgssa.opepea@nic.in ରେ ସେମାନଙ୍କର WhatsApp Number ଦେଇ ଅଭିଯୋଗ ଫର୍ଦ୍ଦ ଦାଖଲ କରିପାରିବେ।
ଠିକଣା- District Project Coordinator, Samagra Shiksha, (Infront of B.S. Govt. High School, Sundargarh-770001)
ସ୍ୱା/- ଅମୂଲ୍ୟ କୁମାର ପଧାନ
ଜିଲ୍ଲା ଶିକ୍ଷା ଅଧିକାରୀ ଓ ଜିଲ୍ଲା ପ୍ରକଳ୍ପ ସଂଯୋଜକ
ସୁନ୍ଦରଗଡ

'ସକାଳ'ର ତୃତୀୟ ସ୍ୱନକ୍ଷତ୍ର ଉପଲକ୍ଷେ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ



Ashok Agrawal
Ranisati paddy processing Pvt Ltd
Boudh

www.cutmbol.com
EXCELLENT ACADEMICS..
WITH STRONG MORAL ETHICS...
SCIENCE, ARTS & COMMERCE
CBSE | CHSE
CENTURION PUBLIC SCHOOL
JITM HIGHER SECONDARY SCHOOL
BALANGIR (RESIDENTIAL)
SEAT BOOKING STARTS FROM 1ST NOVEMBER
84558-16617
Centurion Campus, Behind BSNL Office,
Rajib Nagar, Balangir - 767001

ରାଜ୍ୟର ଅତ୍ୟାଧୁନିକ, ସର୍ବାଧିକ ଲୋକପ୍ରିୟ, ଓଡିଆ ଦୈନିକ 'ସକାଳ'ର ତୃତୀୟ ସ୍ୱନକ୍ଷତ୍ର ଅବସରରେ ସକାଳ ପରିବାର, ପାଠକ ଏବଂ ପୃଷ୍ଠପୋଷକଙ୍କ ସମେତ ସମଗ୍ର ଓଡିଶାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି।
ଶୁଭେଚ୍ଛୁ, ସୁନ୍ଦରଗଡ

# 'ସକାଳ'ର ତୃତୀୟ ସ୍ୱନକ୍ଷତ୍ର ତଥା ବିଶ୍ୱ ଏଡ୍‌ସ ଦିବସରେ ମିନି ମାରାଥନ୍

## ଦେଢ଼ ହଜାରରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ସାମିଲ

## ଦୌଡ଼ିଲେ ଶୁଭେଚ୍ଛୁ, ସଂଗଠନ ସଦସ୍ୟ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି

**ରାଉରକେଲା, ୧।୧୨(ସମିସ):**

'ସକାଳ'ର ତୃତୀୟ ସ୍ୱନକ୍ଷତ୍ର ଦିବସ ତଥା ବିଶ୍ୱ ଏଡ୍‌ସ ଦିବସ ଅବସରରେ ସକାଳ ଓ ନନ୍ଦିଘୋଷ ଟିଭି ପକ୍ଷରୁ ସ୍ମାର୍ଟସିଟି ରାଉରକେଲାରେ ଆୟୋଜିତ ହୋଇଛି ବିଶାଳ ମିନି ମାରାଥନ୍। ଏହି କାର୍ଯ୍ୟକ୍ରମକୁ ଅଭୂତପୂର୍ବ ସଫଳତା ମିଳିଛି। ସେକ୍ଟର-୧୯ ଆମ୍ବବାଗନ୍ ଛକସ୍ଥିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିଠାରୁ ମାରାଥନ୍ ଆୟୋଜନ କରାଯାଇଥିଲା। ଦେଢ଼ ହଜାରରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ମହିଳା, ଯୁବକ, ଯୁବତୀ, ଛାତ୍ରଛାତ୍ରୀଙ୍କ ସମେତ ସହରର ଅନେକ ଶୁଭେଚ୍ଛୁ, ବିଭିନ୍ନ ସାମାଜିକ ସଂଗଠନର ସଦସ୍ୟ, କ୍ରୀଡ଼ା ସଂଗଠନ ସଦସ୍ୟ, ଶିକ୍ଷାନୁଷ୍ଠାନ ସମେତ ୨୦ରୁ ଊର୍ଦ୍ଧ୍ୱ ସଂଗଠନ, ମାନ୍ୟଗଣ୍ୟ ବ୍ୟକ୍ତିମାନେ ସାମିଲ ହୋଇ ଦୌଡ଼ିଥିଲେ ହୋଇଥିଲେ। ରାଉରକେଲା ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଦେଖାଇ ମାରାଥନର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ରାଜ୍ୟ ଯୁବ କଲ୍ୟାଣ ବୋର୍ଡ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ କୁନବିହାରୀ ଦାସ, ରାଉରକେଲା ଇସ୍ପାତ କାରଖାନା ନିର୍ବାହୀ ନିର୍ଦ୍ଦେଶକ (କାର୍ମିକ ଓ ପ୍ରଶାସନ) ତରୁଣ କୁମାର ମିଶ୍ର ଏବଂ ସିଆରପିଏଫ୍ କମାଣ୍ଡାଣ୍ଟ ଡିଇ କୁଣ୍ଡୁ ପ୍ରମୁଖ ଉପସ୍ଥିତ ଥିଲେ। 'ସକାଳ' ଓ ନନ୍ଦିଘୋଷ ଟିଭିର ଏହି ପ୍ରୟାସକୁ ଅତିଥିମାନେ ଭୂୟସୀ ପ୍ରଶଂସା କରିଥିଲେ। ପ୍ରାରମ୍ଭରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ଅତିଥିମାନଙ୍କୁ 'ସକାଳ'ର ରାଉରକେଲା ସଂସ୍କରଣ ମୁଖ୍ୟ ଦେବବ୍ରତ ପଟ୍ଟନାୟକ ଉପଢୌକନ, ସ୍ମାରକୀ ଓ ବୃକ୍ଷ ଚାରା ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମକୁ ଅନିଲ କୁମାର ମଲ୍ଲିକ ସଂଯୋଜନା କରିଥିଲେ।

ଏହି ମାରାଥନ ଆମ୍ବବାଗନସ୍ଥିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ଛକରୁ ବାହାରି ଇସ୍ପାତ ଲାଇବ୍ରେରୀ, ଭିଆଇପି ରୋଡ ଛକ, ସେକ୍ଟର-୨୦ ଛକ, ରାଉରକେଲା କ୍ଲବ ଛକ, ପ୍ରେସ କ୍ଲବ ଛକ ହୋଇ ସେକ୍ଟର-୨ସ୍ଥିତ ବିଜୁ ଛକରେ ପହଞ୍ଚିଥିଲା। ପରେ ସେକ୍ଟର-୨ ଦୁର୍ଗାପୂଜା ପଡ଼ିଆରେ ଏକ ବର୍ଣ୍ଣାଢ୍ୟ ପରିବେଶରେ ମାରାଥନର ପୁରସ୍କାର ବିତରଣ ଉତ୍ସବ ଏବଂ ବିଶ୍ୱ ଏଡସ ଦିବସ ପାଳନ ହୋଇଥିଲା। 'ସକାଳ'ର ରାଉରକେଲା ସଂସ୍କରଣ ମୁଖ୍ୟ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ ଉତ୍ସବକୁ ରାଉରକେଲା ଏନଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓ ଉଦଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଯୋଗ ଦେଇ ପ୍ରଫେସର ରାଓ 'ସକାଳ'ର ସ୍ୱନକ୍ଷତ୍ରରେ ସକାଳ ପରିବାର ଏବଂ ଉପସ୍ଥିତ ଜନସାଧାରଣଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏଡସ ଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିବା ସହ ଗ୍ଲୋବାଲ ୱାର୍ମିଂ, ପଲିଥିନ ଯୋଗୁଁ ହେଉଥିବା ପରିବେଶ ପ୍ରଦୂଷଣ ଉପରେ ଉଦବେଗ ପ୍ରକାଶ କରିଥିଲେ। ଏ ନେଇ ସତର୍କତା ଅବଲମ୍ବନ କରିବାକୁ କହିଥିଲେ। ଏହି ଅବସରରେ ସମସ୍ତ ଅତିଥିଙ୍କୁ 'ସକାଳ'ର ରାଉରକେଲା ସଂସ୍କରଣ ମୁଖ୍ୟ ପଟ୍ଟନାୟକ ଉପଢୌକନ, ସ୍ମାରକୀ ଓ ବୃକ୍ଷ ଚାରା ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ।

ଏହି ମାରାଥନରେ ସିନିୟର ଓ ଜୁନିୟର ବର୍ଗରେ ଉଭୟ ପୁରୁଷ ଓ ମହିଳା ଗ୍ରୁପରେ ୬ଟି ଲେଖାଏଁ ପୁରସ୍କାର ପ୍ରଦାନ କରାଯାଇଥିଲା। ସିନିୟର ପୁରୁଷ ବର୍ଗରେ ନୀଳଶୈଳ ମହାବିଦ୍ୟାଳୟର ଆନସେଲେନ ଲୁଗୁନ ପ୍ରଥମ, କଲ୍ୟାଣୀ ରାୟ ମହାବିଦ୍ୟାଳୟ ଛାତ୍ର ଶ୍ୟାମସୁନ୍ଦର ଓରାମ୍ ଦ୍ୱିତୀୟ, ଆଇଟିଆଇ ଛାତ୍ର ରାଜେନ୍ ତିର୍କୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ଇସ୍ପାତ କଲେଜର ରାକେଶ ଖାଡ଼ିଆ, ନରେଶ ଖାଡ଼ିଆ ଓ ସାହିଲ ଖାଡ଼ିଆ ଯଥାକ୍ରମେ ଚତୁର୍ଥ, ପଞ୍ଚମ ଓ ଷଷ୍ଠ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ସେହିପରି ବରିଷ୍ଠ ମହିଳା ବର୍ଗରେ ମ୍ୟୁନିସିପାଲ କଲେଜର ସଞ୍ଜନା ମିଞ୍ଜ ପ୍ରଥମ, ଆଶା ଟପ୍ପୋ ଦ୍ୱିତୀୟ ଏବଂ ନୀଳଶୈଳ ମହାବିଦ୍ୟାଳୟର ଗାୟତ୍ରୀ ଲୋହାର ତୃତୀୟ ସ୍ଥାନ ଅଧିକାର କରିଥିଲେ। ନୀଳଶୈଳ ମହାବିଦ୍ୟାଳୟର ସ୍ମିତା ବୁର, ଶିଳା ଶର୍ମା ଓ ପ୍ରିୟଙ୍କା ଓରାମ ଯଥାକ୍ରମେ ଚତୁର୍ଥ, ପଞ୍ଚମ ଏବଂ ଷଷ୍ଠ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ସେହିପରି କନିଷ୍ଠ ପୁରୁଷ ବର୍ଗରେ ଦିଲ୍ଲୀ ପବ୍ଲିକ ସ୍କୁଲର ଆଶୁତୋଷ ସେଠୀ ପ୍ରଥମ, ଏନଏସି ସରକାରୀ ହାଇସ୍କୁଲର ନିଖିଲ ହେମ୍ବ୍ରମ ଦ୍ୱିତୀୟ ଏବଂ ସେଣ୍ଟ ପଲ ସ୍କୁଲର ସିଦ୍ଧାର୍ଥ ହେମ୍ବ୍ରମ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ନୟାବଜାର ହାଇସ୍କୁଲର ରୋହନ ଓରାମ ଚତୁର୍ଥ, ଶ୍ୟାମଲାଲ ଓରାମ ପଞ୍ଚମ ଏବଂ ଆରଇସି କ୍ୟାମ୍ପସର ରୋହିତ କୁମାର ଷଷ୍ଠ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ।

କନିଷ୍ଠ ମହିଳା ବର୍ଗରେ ସେକ୍ଟର-୬ ଏନଏସି ସରକାରୀ ସ୍କୁଲର ସଞ୍ଜନା ସ୍ୱାଇଁ ପ୍ରଥମ, ବିଶ୍ରା ବାଳିକା ଉଚ୍ଚ ବିଦ୍ୟାଳୟର ସୁଭଦ୍ରା ବଡ଼ାଇକ ଦ୍ୱିତୀୟ କାର୍ମେଲ ସ୍କୁଲର ସମୃଦ୍ଧି ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ସେଣ୍ଟ ଯୋଶେଫ ସ୍କୁଲର ସୋନାଲି ମାଝୀ ଚତୁର୍ଥ, ବିଶ୍ରାର ସିଲସିଲା ବୁରହ ପଞ୍ଚମ ଏବଂ ଅସ୍ମିତା ଗୁଡ଼ିଆ ଷଷ୍ଠ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ମାନପତ୍ର ଓ ସ୍ମାରକୀ ପ୍ରଦାନ କରି ପୁରସ୍କୃତ କରିଥିଲେ। ଆରମ୍ଭରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ପଞ୍ଚାନନ ପାତ୍ରଙ୍କ ପରିଚୟ ନାଟ୍ୟ ସଂସ୍ଥା କଳାକାରଙ୍କ ଦ୍ୱାରା ଏଡସ୍ ସଚେତନତା ଉପରେ ପରିବେଷିତ କ୍ଷୁଦ୍ର ନାଟକ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ପୁଷ୍ପା ମିଶ୍ର ଓ ରୁଦ୍ର ପ୍ରଧାନଙ୍କ ନିର୍ଦ୍ଦେଶନାରେ ଶ୍ରୀ ଜଗନ୍ନାଥ କଳା ପରିଷଦ କଳାକାରମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ପରେ ସୋନୁ ତନ୍ତୀଙ୍କ ନିର୍ଦ୍ଦେଶରେ ତାଙ୍କ କଳାକାରମାନେ ପାଶ୍ଚାତ୍ୟ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ସୁଶ୍ରୀ ପ୍ରିୟା ଦାସ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। କେୟାର ହସ୍ପିଟାଲର ଅଧିକାରୀ ସୁଶାନ୍ତ କୁମାର ବାଗ୍‌ଙ୍କ ସମେତ ପଞ୍ଚାନନ ପାତ୍ର, ସୋନୁ ତନ୍ତୀ, ପୁଷ୍ପା ମିଶ୍ର ଏବଂ ସିଆରପିଏଫ ଏସଓ ସୁକାନ୍ତ କୁମାର ସାହୁ ଏବଂ ତାଙ୍କ ଟିମକୁ ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରଘୁନାଥପାଲିର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ସେଠୀ, ଡ. ସୁମନ ଦତ୍ତ, ସମାଜସେବୀ ବିମଳ କୁମାର ବିଶି, ରଶ୍ମିତ ସାହାଣୀ, ଆରଏସପି ସଞ୍ଚାର ମୁଖ୍ୟ ଅର୍ଚ୍ଚନା ଶତପଥୀ, ଆଦର୍ଶ ପାଠାଗାରର ଚନ୍ଦ୍ରଶଖର ଶତପଥୀଙ୍କ ସମେତ ବହୁ ବରିଷ୍ଠ ବ୍ୟକ୍ତି ଉପସ୍ଥିତ ଥିଲେ। ସହରର ଜଣାଶୁଣା ସମାଜସେବୀ ନିରଞ୍ଜନ ସାମଲ, ଶଙ୍କର ଜେନା, ଚନ୍ଦ୍ରଶେଖର କ୍ରୀଡ଼ା ସଂଗଠନ ସାଧାରଣ ସମ୍ପାଦକ ଦେବଦତ୍ତ ଜେନା ଓ ସଭ୍ୟ, ଶାରଳା ପରିବାର ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ସେଠୀ, ଅଜୟ ରାଉତ, ରାଉରକେଲା ସ୍ପୋର୍ଟସ ଆସୋସିଏସନ ସଦସ୍ୟ ରାକେଶ ସ୍ୱାଇଁ, ଓଏସଏପି ସ୍କୁଲର ପୂର୍ଣ୍ଣଚନ୍ଦ୍ର ବେହେରା, ସୌମ୍ୟରଞ୍ଜନ ଜେନା, ଶୁଭମ ପାତ୍ର, ଅରୁଣ ପରିଡ଼ା, ବିଶାଳ ମହାଳିକ, ରଞ୍ଜିତ ମହାରଣା, ସୟଦ ଅଲ୍ଲୀ, ବିଶାଳ ମାହାଳିକ, ଚିତ୍ତରଞ୍ଜନ ସିଂହ, ବିଶ୍ୱରଞ୍ଜନ ରାଉତ, ଅମନ ଦତ୍ତ, ଓମପ୍ରକାଶ ଯାଦବ, ଦିପୁ, ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଗାରିମା ସଂଗଠନର ୨୦ରୁ ଊର୍ଦ୍ଧ୍ୱ ମହିଳା ଗୋଟିଏ ରଙ୍ଗର ଶାଢ଼ି ପରିଧାନପୂର୍ବକ କାର୍ଯ୍ୟକ୍ରମରେ ସାମିଲ ହୋଇ ସହଯୋଗ କରିଥିଲେ।


ଆର୍‌ଏସ୍‌ପି ଡିଆଇସି ଅତନୁ ଭୌମିକଙ୍କୁ 'ସକାଳ'ର ରାଉରକେଲା ସଂସ୍କରଣ ମୁଖ୍ୟ ଦେବବ୍ରତ ପଟ୍ଟନାୟକ ଉପଢୌକନ ଓ ସ୍ମାରକୀ ପ୍ରଦାନ କରି ସମ୍ବର୍ଦ୍ଧିତ କରୁଛନ୍ତି।


ଗଣଦୌଡ଼ ଆରମ୍ଭ ପୂର୍ବରୁ ଆରଏସପି ଡିଆଇସି ଅତନୁ ଭୌମିକ, ନିର୍ବାହୀ ନିର୍ଦ୍ଦେଶକ ତରୁଣ କୁମାର ମିଶ୍ର, ରାଜ୍ୟ ଯୁବ କଲ୍ୟାଣ ବୋର୍ଡ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ କୁନବିହାରୀ ଦାସ, ଆରଏସପି ସହର ପ୍ରଶାସନ ସିଜିଏମ୍ ପ୍ରତାପ କୁମାର ସ୍ୱାଇଁ, 'ସକାଳ' ରାଉରକେଲା ସଂସ୍କରଣ ମୁଖ୍ୟ ଦେବବ୍ରତ ପଟ୍ଟନାୟକ ପ୍ରମୁଖ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ଅବସରରେ।


ସେକ୍ଟର ୨ ବିଜୁ ପଟ୍ଟନାୟକ ଛକଠାରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ଏନଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓ, ଡିଏଫଓ ଯଶୋବନ୍ତ ସେଠୀ, ରାଜ୍ୟ ଯୁବ କଲ୍ୟାଣ ବୋର୍ଡ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ କୁନବିହାରୀ ଦାସ ଏବଂ ଅନ୍ୟମାନେ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛନ୍ତି।





























**ପ୍ରଥମ ଇସ୍ପାତ ନାଟକ ମହୋତ୍ସବର ପ୍ରଥମ ସନ୍ଧ୍ୟା**

# ପ୍ରତିଧ୍ୱନି ପକ୍ଷରୁ ନାଟକ 'ପେଇଂ ଗେଷ୍ଟ' ମଞ୍ଚସ୍ଥ

**ରାଉରକେଲା, ୧।୧୨(ସମିସ):** ଏକତ୍ର ରାଉରକେଲା ଦ୍ୱାରା ଆୟୋଜିତ ପ୍ରଥମ ଇସ୍ପାତ ନାଟ୍ୟ ମହୋତ୍ସବ-୨୦୨୩ ସ୍ଥାନୀୟ ସିଭିକ ସେଣ୍ଟରରେ ଆରମ୍ଭ ହୋଇଛି। ପ୍ରଥମ ସନ୍ଧ୍ୟାରେ ନାଟ୍ୟାନୁଷ୍ଠାନ ପ୍ରତିଧ୍ୱନି ତରଫରୁ ନାରୀ ନିର୍ଯାତନା ଉପରେ ଆଧାରିତ ନାଟକ 'ପେଇଂ ଗେଷ୍ଟ' ମଞ୍ଚସ୍ଥ ହୋଇଛି। ପ୍ରଦୀପ ଭୌମିକ ନାଟକ ରଚନା କରିଥିବା ବେଳେ ଶରତ ଦାସ ନିର୍ଦ୍ଦେଶନା ଦେଇଥିଲେ। ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ଓ ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ପ୍ରଶାସକ ମହେନ୍ଦ୍ର କୁମାର ପଟ୍ଟନାୟକ, ଉପଦେଷ୍ଟା ମିହିର ରାୟ ପ୍ରମୁଖ ଯୋଗଦେଇଥିଲେ। ସଭାପତି ରାଜୀବ ପାଣି ସ୍ୱାଗତ ଭାଷଣ ଓ ଅନୁଷ୍ଠାନର ଲକ୍ଷ୍ୟ ତଥା ସମ୍ପାଦକ ସୁଦେଶ ନାୟକ ସମ୍ପାଦକୀୟ ବିବରଣୀ ସହ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭୌମିକ ଅନୁଷ୍ଠାନର ଉଦ୍ୟମକୁ ସାଧୁବାଦ ଦେବା ସହ ଆରଏସପିର ସାହିତ୍ୟ ଓ ସଂସ୍କୃତି ପ୍ରତିବଦ୍ଧତାକୁ ଦୋହରାଇଥିଲେ। ସମ୍ମାନିତ ଅତିଥି ପଟ୍ଟନାୟକ ତାଙ୍କ ବକ୍ତବ୍ୟରେ ନାଟକକୁ ପଞ୍ଚମ ବେଦ ରୂପେ ଅଭିହିତ କରି ନାଟକର ପ୍ରଭାବ କିପରି ମହାତ୍ମା ଗାନ୍ଧୀଙ୍କ ଉପରେ ପଡ଼ିଥିଲା ସେ ସମ୍ପର୍କରେ କହିଥିଲେ। ଆମ ଚାରିପଟେ ନାରୀ ସଶକ୍ତୀକରଣ, ନାରୀ ସ୍ୱାଧୀନତା, ନାରୀ ପ୍ରଗତିକୁ ନେଇ ଯେତେ ହୋହଲ୍ଲା ହେଲେ ମଧ୍ୟ ବାସ୍ତବରେ ଏହା କେବଳ ଭାଷଣବାଜି, ଲୋକଦେଖାଣିଆ କାର୍ଯ୍ୟକ୍ରମ ଏବଂ ସରକାରୀ ପ୍ରଚାର ମାଧ୍ୟମରେ ଆଖି ଦେଖାଣିଆ ବିଜ୍ଞାପନରେ ହିଁ ସୀମିତ ରହିଛି। ନାରୀମାନଙ୍କ ସାମାଜିକ ସ୍ଥିତି କିନ୍ତୁ ସମ୍ପୂର୍ଣ୍ଣ ଭିନ୍ନ। ଏକବିଂଶ ଶତାବ୍ଦୀରେ ନାରୀ ପୂର୍ବ ଭଳି ଅସହାୟ, ନିର୍ଯାତିତା ଏବଂ ଦୁଷ୍ଟ ଚକ୍ରର ଲଗାମହୀନ ଶୋଷଣର ଏକ ମନଲାଖି ବସ୍ତୁ ଭିନ୍ନ ଅନ୍ୟ କିଛି ନୁହେଁ। ଏଭଳି କିଛି ଅସହାୟ ଓ ନିର୍ଯ୍ୟାତିତ ନାରୀଙ୍କ ଜୀବନପଞ୍ଜିକାକୁ ନେଇ ନାଟକ 'ପେଇଂ ଗେଷ୍ଟ' ପ୍ରସ୍ତୁତ କରାଯାଇଥିଲା। ନାଟକରେ ନୀତା ଗୋସ୍ୱାମୀ, ପ୍ରିୟଦର୍ଶିନୀ ସ୍ୱାଇଁ, ସବିତା ଜେନା, ମମତା ନନ୍ଦ, ସଞ୍ଜନା ପତି ପ୍ରମୁଖ ଅଭିନୟ କରିଥିବା ବେଳେ ଗୁଲାବ ଶର୍ମା ଓ ପ୍ରମୋଦ ସାହୁ ସଙ୍ଗୀତ, ମଞ୍ଚସଜ୍ଜାରେ ପ୍ରଳୟ ଶତପଥୀ, ପରିଚାଳନାରେ ରମେଶ ମହାନ୍ତି, ମନୋରଞ୍ଜନ ବକ୍ସି ପ୍ରମୁଖ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରମେଶ ମହାନ୍ତି, ସୁମନ ଦତ୍ତ, ପ୍ରଶାନ୍ତ ପତି, ଆଲୋକ ବୋଷ, ଚନ୍ଦ୍ରଶେଖର ଶତପଥୀ, ସରୋଜ ଶଙ୍ଖୁଆ, ପ୍ରଜ୍ଞାନନ୍ଦ ମହାନ୍ତି, ପ୍ରବୀର କୁମାର ଜେନା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅନୀଲ ମଲ୍ଲିକ ମଞ୍ଚ ସଂଯୋଜନା ଓ ସହସମ୍ପାଦିକା କନକଲତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।


The Sundargarh District Central Co-operative Bank Ltd.
SUNDARGARH Main Road, Regent Market, Dist-iSundargarh - 770 001,
Ph. (06622)-272022, 275022
Email : ceosdccbsng.com, sundargarhdccb@gmail.com, Website : sdccbsng.com

Financial Status : 31 MARCH 2023

| | (Rs. in crore) |
|---|---|
| Share | 120.88 |
| Reserve | 84.30 |
| Own Fund | 227.13 |
| Deposit | 1094.78 |
| Loan & Advance | 1278.42 |
| Borrowing | 759.62 |
| Investment | 897.38 |
| Profit | 16.30 |
| CRAR | 20.56 |
| NPA | 5.57 |
| NET NPA | 1.40 |

'ସକାଳ'ର ତୃତୀୟ ସ୍ୱନକ୍ଷତ୍ର ଉପଲକ୍ଷେ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ

ଜ୍ୟୋତିକାନ୍ତ ସାହୁ
ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ବରଗଡ଼

'ସକାଳ'ର ତୃତୀୟ ସ୍ୱନକ୍ଷତ୍ର ଉପଲକ୍ଷେ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ

ହରଭଙ୍ଗା ବ୍ଲକ କ୍ରସର ସଂଘ
ଜିଲ୍ଲା- ବୌଦ୍ଧ

ରାଜ୍ୟର ଅତ୍ୟାଧୁନିକ, ସର୍ବାଧିକ ଲୋକପ୍ରିୟ, ଓଡିଆ ଦୈନିକ 'ସକାଳ'ର ତୃତୀୟ ସ୍ୱନକ୍ଷତ୍ର ଅବସରରେ ସକାଳ ପରିବାର, ପାଠକ ଏବଂ ପୃଷ୍ଠପୋଷକଙ୍କ ସମେତ ସମଗ୍ର ସୁନ୍ଦରଗଡ ଜିଲ୍ଲାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି । 'ସକାଳ' ଦରିଦ୍ର ନିସ୍ପେସିତଙ୍କ ସ୍ୱର ହେଉ, ଏତିକି କାମନା ।

ସଞ୍ଜୟ ନନ୍ଦ
ଅଧ୍ୟକ୍ଷ
ଜୟ ଜଗନ୍ନାଥ ଟ୍ରକରସ୍ ଆସୋସିଏସନ
ସୁନ୍ଦରଗଡ

ଓଡିଆ ଦୈନିକ 'ସକାଳ'ର ତୃତୀୟ ସ୍ୱନକ୍ଷତ୍ର ଅବସରରେ ଆଦିବାସୀ ଅଧ୍ୟୁଷିତ ସୁନ୍ଦରଗଡ ଜିଲ୍ଲାର ସମସ୍ତ ଭାଇ ଭଉଣୀଙ୍କ ସୁଖ, ସମୃଦ୍ଧି କାମନା କରୁଛି । ଆଦିବାସୀ ସଂପ୍ରଦାୟର କଳା, କ୍ରୀଡା, ସଂସ୍କୃତି, ପରମ୍ପରାର ସୁରକ୍ଷା ତଥା ସାମାଜିକ ଓ ଅର୍ଥନୈତିକର ଅଭିବୃଦ୍ଧି ପାଇଁ ସୁନ୍ଦରଗଡ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଙ୍ଗୀକାରବଦ୍ଧ ।

ଡକ୍ଟର ବିନୟ କୁମାର ଟପ୍ପୋ
ଅଧ୍ୟକ୍ଷ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ
ସୁନ୍ଦରଗଡ

'ସକାଳ'ର ତୃତୀୟ ସ୍ୱନକ୍ଷତ୍ର ଉପଲକ୍ଷେ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ

ସରୋଜ ପ୍ରଧାନ
ଉପାଧ୍ୟକ୍ଷ, ପଞ୍ଚାୟତ ସମିତି ହରଭଙ୍ଗା
ଜିଲ୍ଲା- ବୌଦ୍ଧ

SEWAK
Strengthening Rural & Tribal Communities
ଦୁଃଖୀ, ଗରିବ, ଅତି ଗରିବ, ନିଷ୍ପେସିତ, ଅବହେଳିତ, ଆଦିବାସୀ ତଥା ପାରମ୍ପାରିକ ବନବାସୀ ମାନଙ୍କ ଜୀବନ ଜୀବିକାରେ ଉନ୍ନତି ଆଣିବା ସହ ସେମାନଙ୍କୁ ଏକ ମର୍ଯ୍ୟାଦାପୂର୍ଣ୍ଣ ଚିରସ୍ଥାୟୀ ଜୀବିକା ପ୍ରଦାନ କରିବା ନିମନ୍ତେ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସେବକ' ଦୀର୍ଘ ୨୮ ବର୍ଷ ଧରି କାର୍ଯ୍ୟରତ। ଆସନ୍ତୁ ସମସ୍ତେ ମିଳିମିଶି ସମାଜରୁ ଅଜ୍ଞାନରୂପକ ଅନ୍ଧକାର ଦୂର କରିବା ସହିତ ଏକ ସୁସ୍ଥ, ସୁନ୍ଦର ସମାଜ ଗଠନ କରିବା ନିମନ୍ତେ ଶପଥ ନେବା।
"ସେବକ"
ଗ୍ରାମ- ରଙ୍ଗିଆମୁଣ୍ଡା, ପୋଷ୍ଟ ଅଫିସ- ଟାଙ୍ଗରପାଲି
ଜିଲ୍ଲା- ସୁନ୍ଦରଗଡ, ପିନକୋଡ-୭୭୦୦୧୧(ଓଡିଶା)

"ସକାଳ"ର ତୃତୀୟ ସ୍ୱନକ୍ଷତ୍ର ଦିବସରେ ଶୁଭେଚ୍ଛା ଓ ଅଭିନନ୍ଦନ


INTEGRATED TRIBAL DEVELOPMENT AGENCY, SUNDARGARH
Project Administrator ITDA, Sundargarh
ଢିଙ୍କିକୁଟା ଚାଉଳ

ସୁନ୍ଦରଗଡ଼ ବର୍ତ୍ତମାନ ସମୟରେ ବଜାରରେ ଢିଙ୍କିକଟା ଚାଉଳର ଚାହିଦା ବଢୁଛି । ସୁନ୍ଦରଗଡ଼ ଜିଲ୍ଲାର ଆଦିବାସୀ ମହିଳା ମାନଙ୍କ ଦ୍ୱାରା ପ୍ରସ୍ତୁତ ଢିଙ୍କିକୁଟା ଚାଉଳ ସ୍ଥାନୀୟ ଓରମାସ ମେଳା ଆଦି ମାଧ୍ୟମରେ ଭଲ ବିକ୍ରି ହେଉଛି । ଫଳରେ ଏହା ସ୍ଥାନୀୟ ଆଦିବାସୀ ପରିବାରର ମହିଳାମାନଙ୍କ ପାଇଁ ରୋଜଗାରର ବଡ଼ ମାଧ୍ୟମ ହୋଇପାରିଛି । ସୁନ୍ଦରଗଡ଼ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ) ଅଧୀନରେ ଜିଲ୍ଲାର ୯ଟି ବ୍ଲକ ରହିଛି । ଏହି ବ୍ଲକ ଗୁଡିକରେ ଆଇଟିଡିଏ ଜଣ୍ଡଉ–ପକ୍ଷରୁ ମୋଟ ୧୮ଟି 'ବନ ଧନ ବିକାଶ କେନ୍ଦ୍ର' ବା ଭିଡ଼ିଭିକେ ୟୁନିଟ୍ ଗଠନ କରାଯାଇଛି ।

ଏହା ମାଧ୍ୟମରେ ଆଦିବାସୀ ପରିବାରର ମହିଳାମାନଙ୍କୁ ବିଭିନ୍ନ ଜୀବିକା ବିକାଶ ଲାଗି ଆର୍ଥିକ ପ୍ରୋତ୍ସାହନ ସହ ବୈଷୟିକ ସହାୟତା ଯୋଗାଇ ଦିଆଯାଉଛି । ଏହି ଭିଡ଼ିଭିକେ ୟୁନିଟ ଗୁଡ଼ିକ ମାଧ୍ୟମରେ ଜିଲ୍ଲାର ଆଦିବାସୀ ବର୍ଗର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଢିଙ୍କିକୁଟା ଚାଉଳ ଉତ୍ପାଦନ କରି ଆର୍ଥିକ ଭାବେ ସ୍ୱାବଲମ୍ବୀ ହୋଇପରିଛନ୍ତି । ବଜାରରେ ଏହି ରେଡ୍ ରାଇସ୍ ବା ପୁଷ୍ଟିଯୁକ୍ତ ଚାଉଳର ଭଲ ଚାହିଦା ରହିଛି । ଏଥିରେ ପୋଷଣ ଗୁଣ ରହିଥିବାରୁ ସାଧାରଣ ଚାଉଳଠାରୁ ଏହା ଅଧିକ ଦାମରେ ବିକ୍ରି ହେଉଛି ।

ପ୍ରତି ଭିଡିଭିକେ ୟୁନିଟରେ ୩୦ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ଯୋଡ଼ା ଯାଇଛି । ଫଳରେ ପ୍ରତି ୟୁନିଟ ଅଧୀନରେ ୩୦୦ ରୁ ଅଧିକ ମହିଳା ସାମିଲ ହୋଇଛନ୍ତି । ଢିଙ୍କିକୁଟା ଚାଉଳ ଉତ୍ପାଦନ ପାଇଁ ପ୍ରତି ଦୁଇ ଜଣ ମହିଳାଙ୍କୁ ସରକାରଙ୍କ ପକ୍ଷରୁ ଗୋଟିଏ କରି ପାରମ୍ପାରିକ ଢିଙ୍କି ଦିଆଯାଉଛି । ବର୍ତ୍ତମାନ ସୁଦ୍ଧା ସୁନ୍ଦରଗଡ଼ ଆଇଟିଡିଏ ଅଧୀନରେ ମୋଟ ୧୨୦୦ ମହିଳାଙ୍କ ପାଇଁ ୬୦୦ଟି ଢିଙ୍କି ଦିଆଯାଇଛି । ଏହାସହ ସେମାନଙ୍କୁ ଓଜନ ମାପ ଓ ପ୍ୟାକେଜିଂ ମେସନ ମଧ୍ୟ ଦିଆଯାଉଛି । 'ବନ ଧନ ବିକାଶ କାର୍ଯ୍ୟକ୍ରମ' ଅଧିନରେ ଆଇଟିଡିଏ ପକ୍ଷରୁ ଆମକୁ ଢିଙ୍କି ମିଳିଛି । ସେଥିରେ ଆମେ ଲୁସରି ଧାନକୁ କୁଟି ନାଲି ଚାଉଳ ବାହାର କରୁଛୁ ।

ତାହାକୁ ବିକି ଭଲ ଦି ପାଇସା ପାଉଛୁ, କହିଛନ୍ତି ଲେଫ୍ରିପଡ଼ା ବ୍ଲକ୍ ସାହେବଡେରା ଗ୍ରାମରେ ଥିବା ତ୍ରିବେଣୀ ଭିଡ଼ିଭିକେ ୟୁନିଟର ସଦସ୍ୟା ଚଞ୍ଚଳା ନାଏକ । ଭିଡ଼ିଭିକେ ସଦସ୍ୟାମାନେ ଢିଙ୍କିକୁଟି ଧାନରୁ ପୁଷ୍ଟିଯୁକ୍ତ ଚାଉଳ ବାହାର କରୁଛନ୍ତି । ତାକୁ ଓଜନ ମେସିନରେ ମାପି ପରେ ତାର ପ୍ୟାକେଜିଂ କରୁଛନ୍ତି । ବଜାରରେ ସାଧାରଣ ଚାଉଳ ଅପେକ୍ଷା ଏହି ଢିଙ୍କିକୁଟା ଚାଉଳ କିଲୋଗ୍ରାମ ପଛା ପ୍ରାୟ ୩ଗୁଣା ଅଧିକ ଦରରେ ବିକ୍ରି ହେଉଛି । ଏହି ଚାଉଳ ସ୍ୱାସ୍ଥ୍ୟ ପାଇଁ ଉପକାରୀ । ତେଣୁ ବଜାରରେ ଏହାର ଚାହିଦ ବଢୁଥିବାରୁ ସୁନ୍ଦରଗଡ଼ ଜିଲ୍ଲାର ଆଦିବାସୀ ମାନଙ୍କ ପାଇଁ ଏହା ଏକ ଭଲ ରୋଜଗାରର ବାଟ ହୋଇପାରିଛି

ଢିଙ୍କିକୁଟା ଚାଉଳ ଉତ୍ପାଦନ କରିବା ପାଇଁ ଆମକୁ ଆଇଟିଡିଏ ପକ୍ଷରୁ ତାଲିମ ଦିଆଯାଇଛି । ଢିଙ୍କି ସହ ବିଭିନ୍ନ ମେସିନ ମଧ୍ୟ ଦିଆଯାଇଛି । ଧାନକୁ କୁଟି ନାଲି ଚାଉଳ କରିବା ପରେ ତାକୁ ପ୍ୟାକେଜିଂ କରି ଆମେ ସ୍ଥାନୀୟ ବଜାର ଓ ବିଭିନ୍ନ ମେଳାରେ ବିକୁଛୁ, କହିଛନ୍ତି ଭିଡ଼ିଭିକେ ୟୁନିଟର ଆଉ ଜଣେ ସଦସ୍ୟା ପୁଷ୍ପା ମାଝି । ରାଜ୍ୟରେ ବିଭିନ୍ନ ଆଦିବାସୀ କ୍ଷେତ୍ରରେ 'ବନ ଧନ ବିକାଶ' କାର୍ଯ୍ୟକ୍ରମ ମାଧ୍ୟମରେ ଆଦିବାସୀ ପରିବାରର ମହିଳାମାନେ ଢିଙ୍କିକୁଟା ଚାଉଳ ଉତ୍ପାଦନ ସହ ଖଲିପତ୍ର ସିଲେଇ ଏବଂ ବିଭିନ୍ନ ବନଜାତ ଦ୍ରବ୍ୟରୁ ମୂଲ୍ୟଯୁକ୍ତ ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି । ଏହି ଜୀବିକା କାର୍ଯ୍ୟକ୍ରମ ଫଳରେ ସ୍ଥାୟୀ ରୋଜଗାର ବଢିବା ସହ ସେମାନଙ୍କ ଜୀବନ ଧାରନ ମାନରେ ବିଶେଷ ଉନ୍ନତି ଆସିପାରୁଛି ।

‘ସକାଳ’ ଓ ‘ନନ୍ଦିଘୋଷ ଟିଭି’ ପକ୍ଷରୁ

# ରାଜ୍ୟସ୍ତରୀୟ ବିତର୍କ ପ୍ରତିଯୋଗିତା



## ବରିଷ୍ଠ ବର୍ଗ


ପ୍ରୀତିପ୍ରଜ୍ଞା ମହାପାତ୍ର (ପ୍ରଥମ)


ଆର୍ଯ୍ୟା ନାୟକ (ଦ୍ୱିତୀୟ)


ଶ୍ରଦ୍ଧାଞ୍ଜଳି ସାହୁ (ତୃତୀୟ)









ବରିଷ୍ଠ ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରୀତିପ୍ରଜ୍ଞା ମହାପାତ୍ରଙ୍କୁ ପୁରସ୍କୃତ କରୁଛନ୍ତି ‘ଭାରତ ମସଲା’ର ମୁଖ୍ୟ ସୁରେନ୍ଦ୍ରନାଥ ପଣ୍ଡା



## କନିଷ୍ଠ ବର୍ଗ


ବିଦ୍ଦିଆ ବେହେରା (ପ୍ରଥମ)


ଆର୍ଯ୍ୟନ ଦାସ (ଦ୍ୱିତୀୟ)


ଶାଶ୍ୱତ ମହାପାତ୍ର (ତୃତୀୟ)



> ନିର୍ବାଚନ ଲୋକମାନଙ୍କର। ତେଣୁ ଏହାର ଫଳାଫଳ ମଧ୍ୟ ସମ୍ପୂର୍ଣ୍ଣ ରୂପେ ସେମାନଙ୍କ ନିଷ୍ପତ୍ତି ଉପରେ ନିର୍ଭର କରେ।
> -ଆବ୍ରାହାମ୍ ଲିଙ୍କନ୍

ସକାଳ THE SAKALA

## ପାଞ୍ଚଟି ରାଜ୍ୟର ନିର୍ବାଚନ ବାହୁଡ଼ା ଭୋଟ୍ ଅନୁମାନ

# ଏକ୍‌ଜିଟ୍-ପୋଲ୍ ଗଣନାକୁ ନେଇ ଅଙ୍କ କଷାକଷି

ଦେଶର ପାଞ୍ଚଟି ରାଜ୍ୟ ମଧ୍ୟପ୍ରଦେଶ, ରାଜସ୍ଥାନ, ଛତିଶଗଡ଼, ତେଲଙ୍ଗାନା ଓ ମିଜୋରାମରେ ବିଧାନସଭା ନିର୍ବାଚନ ଶେଷ ହୋଇଛି। ଏହାର ଭୋଟ୍ ଗଣତି ଆସନ୍ତା ରବିବାର (୩ ତାରିଖ) କରାଯିବ ଏବଂ ସନ୍ଧ୍ୟା ସୁଦ୍ଧା ଫଳାଫଳ ଆସିଯିବ ବୋଲି ଆଶା କରାଯାଉଛି। ଆସନ୍ତା ଲୋକସଭା ନିର୍ବାଚନ ପୂର୍ବରୁ ଏସବୁ ରାଜ୍ୟରେ ବିଧାନସଭା ନିର୍ବାଚନ ହୋଇଥିବାରୁ ଏହାକୁ ଅନେକ ଲୋକ ସାଧାରଣ ନିର୍ବାଚନର ଏକ ସେମିଫାଇନାଲ ଭାବେ ଦେଖୁଛନ୍ତି। ତେବେ ଗତ କିଛିକାଳ ଧରି ସାଧାରଣ ନିର୍ବାଚନ ଓ ପ୍ରାଦେଶିକ ନିର୍ବାଚନରେ ଭୋଟରଙ୍କ ନିଷ୍ପତ୍ତି ଭିନ୍ନ ଭିନ୍ନ ରହୁଛି। ଲୋକସଭା ନିର୍ବାଚନରେ ଭୋଟର ଜାତୀୟ ପ୍ରସଙ୍ଗକୁ ଅଧିକ ଗୁରୁତ୍ୱ ଦେଉଥିବା ବେଳେ ପ୍ରାଦେଶିକ ନିର୍ବାଚନରେ ସ୍ଥାନୀୟ ପ୍ରସଙ୍ଗକୁ ଅଗ୍ରାଧିକାର ଦେଉଛନ୍ତି। ତେଣୁ ଦୁଇ ନିର୍ବାଚନର ଫଳାଫଳ ପ୍ରାୟତଃ ଭିନ୍ନ ହେଉଛି। ତଥାପି ଖୁବ୍ କମ୍ ସମୟ ବ୍ୟବଧାନରେ ଏହି ବିଧାନସଭା ନିର୍ବାଚନ ପରେ ଲୋକସଭା ନିର୍ବାଚନ ହେବାକୁ ଯାଉଥିବାରୁ ବିଶ୍ୱାସ କରାଯାଉଛି ଯେ ପ୍ରାଦେଶିକ ନିର୍ବାଚନ ଫଳାଫଳ କିଛିଟା ପ୍ରଭାବିତ କରିପାରେ। ସେ ଦୃଷ୍ଟିରୁ ଏହି ପାଞ୍ଚଟି ରାଜ୍ୟ ମଧ୍ୟରୁ ମିଜୋରାମକୁ ଛାଡ଼ି ଦେଲେ ଅନ୍ୟ ଚାରିଟି ରାଜ୍ୟର ରାଜନୈତିକ ଗୁରୁତ୍ୱ ଅଧିକ। ମିଜୋରାମରେ ଲୋକସଭା ଆସନ ମାତ୍ର ଗୋଟିଏ ହୋଇଥିବା ବେଳେ ରାଜସ୍ଥାନରେ ୨୫, ମଧ୍ୟପ୍ରଦେଶରେ ୨୯, ତେଲଙ୍ଗାନାରେ ୧୭ ଓ ଛତିଶଗଡ଼ରେ ୧୧; ଏପରି ମୋଟ ୮୩ ଆସନ ରହିଛି। ହିନ୍ଦୀ ଭାଷାଭାଷୀ ଅଞ୍ଚଳ, ଯାହା ବିଜେପିର ଏକ ଅଭେଦ୍ୟ ଦୁର୍ଗ ଭାବେ ପରିଗଣିତ, ସେଥିରୁ ତିନିଟି ପ୍ରମୁଖ ରାଜ୍ୟ ଏହି ପର୍ଯ୍ୟାୟ ବିଧାନସଭା ନିର୍ବାଚନରେ ଅନ୍ତର୍ଭୁକ୍ତ। ଗତ ଲୋକସଭା ନିର୍ବାଚନରେ ଏସବୁ ରାଜ୍ୟରେ ବିଜେପିର ପ୍ରଦର୍ଶନ ଭଲ ଥିଲା ଏବଂ କଂଗ୍ରେସ ଓ ଅନ୍ୟ ବିରୋଧୀଦଳ ପ୍ରାଦେଶିକ କ୍ଷମତାରେ ଥାଇ ମଧ୍ୟ ଭଲ ଫଳାଫଳ ପାଇନଥିଲେ। ତେଣୁ ୨୦୨୪ ଲୋକସଭା ନିର୍ବାଚନର ଫଳାଫଳ କ'ଣ ହେବ ତାହାର ଧାରାକୁ ଏବର ବିଧାନସଭା ନିର୍ବାଚନ ଫଳାଫଳ କେତେକାଂଶରେ ପ୍ରଭାବିତ କରିବ ବୋଲି ଆଲୋଚନା ହେଉଛି।

ପ୍ରାକ୍ ନିର୍ବାଚନ ଜନମତ ସର୍ଭେ ପ୍ରକାଶନର ନିଷିଦ୍ଧକାଳ ଶେଷ ହେବା ପରେ ଏବେ ବିଭିନ୍ନ ସଂସ୍ଥା ପକ୍ଷରୁ ଏକ୍‌ଜିଟ୍ ପୋଲ୍ ବା ବାହୁଡ଼ା ଭୋଟରଙ୍କ ମତ ସର୍ଭେ ଫଳାଫଳ ପ୍ରକାଶ ପାଇଛି। ଏହି ଏକ୍‌ଜିଟ୍ ପୋଲ ବିଜ୍ଞାନସମ୍ମତ କିମ୍ବା ନିର୍ଭୁଲ ନୁହେଁ। ଏଥିରେ ଆନୁମାନିକ ଆକଳନ ଅଧିକ। ସଟ୍ଟାବଜାର ମଧ୍ୟ ଏହାକୁ ପ୍ରଭାବିତ କରିଥାଏ। ତେଣୁ ପ୍ରକୃତ ନିର୍ବାଚନର ଫଳାଫଳ ଏହିଭଳି ହେବ ବୋଲି କୁହାଯାଇ ନପାରେ। ଅତୀତରେ ଏମିତି ଅନେକ ଏକ୍‌ଜିଟ୍ ପୋଲ ଫଳାଫଳ ଭୁଲ୍ ପ୍ରମାଣିତ ହୋଇଛି। ଆହୁରି ମଧ୍ୟ ବିଧିବଦ୍ଧ ଗଣନା ଓ ଫଳାଫଳ ପ୍ରକାଶର ଦୁଇଦିନ ପୂର୍ବରୁ ଏକ୍‌ଜିଟ୍ ପୋଲ ଫଳାଫଳ ପ୍ରକାଶ ସାଧାରଣରେ ବିଶେଷ ଆକର୍ଷଣ ରଖେ ନାହିଁ। ତଥାପି ଯେଉଁ ଏକ୍‌ଜିଟ୍ ପୋଲ୍ ହିସାବଗୁଡ଼ିକ ପ୍ରକାଶ ପାଇଛି ସେଗୁଡ଼ିକ ମଧ୍ୟରେ ସମାନତା ନାହିଁ। ବିଭିନ୍ନ ସଂସ୍ଥା ପକ୍ଷରୁ ଏହି ବାହୁଡ଼ା ଭୋଟ କରାଯାଉଥିବାରୁ ଫଳାଫଳରେ ଭିନ୍ନତା ଦେଖାଯାଉଛି। ଏକ୍‌ଜିଟ୍ ପୋଲ ଫଳାଫଳ ଅନୁସାରେ ଅଧିକାଂଶ ସଂସ୍ଥା ଛତିଶଗଡ଼ ଓ ତେଲଙ୍ଗାନାରେ କଂଗ୍ରେସକୁ ଆଗୁଆ ରଖିଥିବାବେଳେ ମଧ୍ୟପ୍ରଦେଶ ଓ ରାଜସ୍ଥାନରେ ଭିନ୍ନ ଭିନ୍ନ ଫଳାଫଳ ଦେଇଛନ୍ତି। କିଛି ବିଜେପି ଓ ଆଉ କେତେକ କଂଗ୍ରେସର ବିଜୟ ହୋଇପାରେ ବୋଲି ଆକଳନ କରିଥିବା ବେଳେ ମୋଟାମୋଟି ଆନୁମାନିକ ଫଳ ବିଭାଜିତ ହୋଇଛି।

ଏହି ଫଳାଫଳ ଅନୁସାରେ ଅସଲ ଗଣତିର ରିପୋର୍ଟ ଯେ ଆସିବ, ତାହା ନୁହେଁ। ତେଣୁ ଆମକୁ ତିନି ତାରିଖ ସନ୍ଧ୍ୟା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ। ରାଜସ୍ଥାନରେ ଭୋଟର ପ୍ରତି ପାଞ୍ଚବର୍ଷରେ ସରକାର ପରିବର୍ତ୍ତନ କରିବାର ଉଦାହରଣ ରହିଥିବାରୁ ଏଥର ସେ ରାଜ୍ୟରେ କଂଗ୍ରେସ ପାଇଁ ନିଶ୍ଚିତ ଏକ ଉତ୍କଣ୍ଠାର ସମୟ। ସେହିଭଳି ତେଲଙ୍ଗାନା ଓ ମଧ୍ୟପ୍ରଦେଶରେ ଯଦି ସରକାରୀ ବିରୋଧୀ (ଆଣ୍ଟି ଇନ୍‌କମ୍ବାନ୍ସି) ଜନାଦେଶ ଆସେ, ତା'ହେଲେ ବିଆର୍‌ଏସ୍ ଓ ବିଜେପି ସରକାର ବଦଳରେ କଂଗ୍ରେସ କ୍ଷମତାକୁ ଆସିପାରେ। ତେବେ ଯାହା ଅନୁମାନ କରାଯାଉଛି ଯେ ଛତିଶଗଡ଼ରେ ଆଣ୍ଟି ଇନ୍‌କମ୍ବାନ୍ସି ସତ୍ତ୍ୱେ କଂଗ୍ରେସ ଯଦି ପୁଣି ଫେରିବ, ତେବେ ହୁଏତ ପଡ଼ୋଶୀ ମଧ୍ୟପ୍ରଦେଶ ଓ ତେଲଙ୍ଗାନାରେ ମଧ୍ୟ କ୍ଷମତାର ପୁନରାବୃତ୍ତି ହୋଇପାରେ। ଭାରତୀୟ ନିର୍ବାଚକଙ୍କ ମନୋଭାବ ଓ ଆଚରଣକୁ ଅନୁମାନ କରିବା ସହଜ ବ୍ୟାପାର ନୁହେଁ। ସେମାନେ କେତେବେଳେ କେଉଁ ରାୟ ଦେବେ, ତାହା କହିବା ଦୁରୂହ। ତେଣୁ ଏକ୍‌ଜିଟ୍ ପୋଲ୍ ଫଳାଫଳକୁ ନେଇ ଆହ୍ଲାଦିତ କିମ୍ବା ନିରାଶ ହେବାର କୌଣସି ବିଶେଷ କାରଣ ନାହିଁ। ଗୋଟିଏ କଥା ଅନ୍ତତଃପକ୍ଷେ ଦେଖାଯାଉଛି ଯେ ଭଲ କାମ କରି ଲୋକଙ୍କ ଆସ୍ଥା ଓ ବିଶ୍ୱାସ ଭାଜନ ହେଉଥିବା ସରକାରଙ୍କୁ ଭୋଟର ଏକାଧିକବାର କ୍ରମାଗତ ଭାବେ ନିର୍ବାଚିତ କରିଆସୁଛନ୍ତି। ପାଳିକରି ପାଞ୍ଚବର୍ଷରେ ଥରେ ସରକାରକୁ ବଦଳାଇବା ଘଟଣା ଅପେକ୍ଷାକୃତ କମ୍। ତଥାପି ଆମକୁ ତିନି ତାରିଖ ଗଣତିକୁ ଅପେକ୍ଷା କରିବାକୁ ପଡ଼ିବ ଏବଂ ଏକ୍‌ଜିଟ୍ ପୋଲ୍ ଫଳ ନେଇ ଅନାବଶ୍ୟକ କଳ୍ପନା ଜଳ୍ପନାରୁ ବିରତ ରହିବାକୁ ହେବ। ●

# ଆଦରି ନନେଲେ ଅଦରକାରୀ



ପରଂବ୍ରହ୍ମ ତ୍ରିପାଠୀ
ଜଗତସିଂହପୁର, ମୋ: ୯୭୭୭୩୦୨୨୦୫

ଗାଆଁରୁ ଆସି ସହରରେ ପଢ଼ି, ଚାକିରି କରି ସହରରେ ବସବାସ କରୁଥିବା ଅନେକ ମଧ୍ୟବୟସ୍କ ଓ ବୟସ୍କଙ୍କର ଗୋଟିଏ ଅଭିଯୋଗ ଯେ ଗାଁ କୁଆଡ଼େ ଆଉ ଗାଁ ହୋଇ ନାହିଁ। ରାଜନୀତି, ନିଶା, ସହରୀ ସଭ୍ୟତାର ପ୍ରଭାବ ଗାଁର ଆତ୍ମାକୁ ମାରି ଦେଲାଣି। ଆଉ ସେ ଭାଇଚାରା ନାହିଁ କି ଗାଁରେ ପହଞ୍ଚି ଗଲେ ଯେଉଁ ସମ୍ମାନ ମିଳୁଥିଲା ସେଇଟି ବି ନାହିଁ। ଗାଁରେ ବଢ଼ିଥିବା, ସହରରେ ପଢ଼ିଥିବା ଓ ମେଟ୍ରୋରେ ଚାକିରି କରିଥିବା ଜଣେ ମଣିଷ ହିସାବରେ ମତେ ଉପରୋକ୍ତ ଉକ୍ତିଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ଅମୂଳକ ଲାଗନ୍ତି ନାହିଁ। ପରିବର୍ତ୍ତନ ହିଁ ଏକମାତ୍ର ସ୍ଥିରାଙ୍କ ଓ ତିରିଶ ଚାଳିଶ ବର୍ଷ ଭିତରରେ ଯଦି ଗାଁର ଚରିତ୍ରରେ କିଛି ଆଙ୍ଗିକ ଓ ଆତ୍ମିକ ପରିବର୍ତ୍ତନ ଆସିଛି, ସେଇଟି ଏକ ପ୍ରକ୍ରିୟାର ଅଂଶବିଶେଷ। କିନ୍ତୁ ମଧ୍ୟବୟସ୍କ ଓ ବୟସ୍କମାନଙ୍କର ଯେଉଁ କଥାଟି ସହ ଏ ଲେଖକ ସେତେ ବେଶୀ ସହମତ ହୋଇ ପାରେ ନାହିଁ, ସେଇଟି ହେଉଛି ଗାଁ ଏତେ ବଦଳି ଯାଇଛି ଯେ ଲୋକ ଆଉ ସମ୍ମାନ ଦେଉ ନାହାନ୍ତି। ବେଳେ ବେଳେ ଏ ଲେଖକ ମନକୁ ଏକଥା ବି ଆସେ ସେ ସମ୍ମାନ ମିଳୁନି କ୍ଷୋଭ ଟି ହିଁ ଗାଁ ବଦଳି ଗଲାଣି ବୋଲି ଚିତ୍ରଟିଏ ତିଆରି କରିବା ମାନସିକତା ପଛର ଏକ ପ୍ରମୁଖ ଉତପ୍ରେରକ।

ହଁ, ଏଇଟି ସତ କଥା ଯେ ତିରିଶ ଚାଳିଶ ବର୍ଷ ତଳେ ସହରୀ ପଢ଼ୁଆ କି ସହରୀ ବାବୁ ଜଣେ ଗାଆଁରେ ପହଞ୍ଚିଗଲେ ତାଙ୍କୁ ଦେଖିବାକୁ, ସଂଖୋଳି ନେବାକୁ, ତାଙ୍କ ସଂଗେ ପଦେ କଥା ହେବାକୁ ଲୋକ ଯେମିତି ବେଢ଼ି ଯାଉଥିଲେ ସେମିତି ଆଉ ହେଉନି। ତା'ର ପ୍ରମୁଖ କାରଣ ହେଲା ଯୋଗାଯୋଗ ଓ ପରିବହନ ବ୍ୟବସ୍ଥାର ବିକାଶ। ତିରିଶ ଚାଳିଶ ବର୍ଷ ତଳେ ପରିବହନ ଓ ଯୋଗାଯୋଗରେ ବାଧକ ହେତୁ ଉଭୟ ଆଧୁନିକ ଶିକ୍ଷା ଓ ମାଧ୍ୟମ ଗାଁରେ ପହଞ୍ଚି ନ ଥିଲା। ତେଣୁ ଯେଉଁ ଜଣେ ଅଧେ ସହରରେ ପାଠ ପଢ଼ି ବା ଚାକିରି କରି ଗାଁକୁ ଆସୁଥିଲେ, ସେମାନଙ୍କୁ ଶୁଣିବା, ଦେଖିବା ପାଇଁ ଏକ ସ୍ୱତଃସ୍ଫୂର୍ତ୍ତ ଉତ୍କଣ୍ଠା ରହୁଥିଲା। ମିଛ ହେଉ କି ସତ, ସହରୀ ବାବୁ ଯାହା କହିଲେ ଲୋକଙ୍କ ପାଇଁ ସେଇଟି ଥିଲା କାହୁଁ ଅଇଲା ଭଳି। ସହର ଯାଇ ନ ଥିବାରୁ, ଦେଖି ନଥିବାରୁ ସହର ଓ ତା'ର ଲୋକ ଗାଁ ପାଇଁ ନଦେଖିଲା ଓଉ ଭଳି ଛ ଫଡ଼ା ହିଁ ଥିଲେ ଓ ଗାଁ ମନରେ ସହର ପ୍ରତି ଏକ ଅବଦମିତ ଭୟ ବି ଥିଲା। ଯେହେତୁ ଉତ୍କଣ୍ଠା ଥିଲା, ଭୟ ଥିଲା, ତେଣୁ ସହରୀ ବାବୁଙ୍କ ପ୍ରତି ତଥାକଥିତ ବିନମ୍ରତା(ଯାହାକୁ ଆପଣ ସମ୍ମାନ/ ଆଦର ବୋଲି ଭାବୁଛନ୍ତି) ମଧ୍ୟ ଥିଲା। ହେଲେ ଆଜି ଟିପ ଆଗରେ ଖାଲି କଟକ ନୁହେଁ, କାଲିଫର୍ଣ୍ଣିଆରୁ କଲମ୍ବୋ ଯାଏଁ ସବୁ କଥା ଉପଲବ୍ଧ। ଘରେ ଘରେ ପିଲା ପଢ଼ିବା ପାଇଁ ହେଉ, ଚାକିରି ପାଇଁ ହେଉ ବା ଏମିତିକି ଦାଦନ ଖଟିବା ପାଇଁ ବି ହେଉ ଆଜି ଜିଲ୍ଲା ମୁଖ୍ୟାଳୟରେ, ରାଜ୍ୟର ବଡ଼ ସହରରେ, କିମ୍ବା ରାଜ୍ୟ ବାହାରେ। ସହରରେ କ'ଣ ଘଟୁଛି ସେଇଟି ଆଉ ଗାଁର ଅଜଣା ନୁହେଁ। ତେଣୁ ଆପଣ ଆଉ କି ଆଚମ୍ବିତ କଲା ଭଳି କଥାଟି କହିବେ ଯେ ତା'କୁ ଶୁଣିବାକୁ ଲୋକେ ଆସି ସାଷ୍ଟାଙ୍ଗ ଦଣ୍ଡବତ କରିବେ?

ତିରିଶ ଚାଳିଶ ବର୍ଷ ତଳେ ସହରୀ ପଢ଼ୁଆ କିମ୍ବା ବାବୁଙ୍କ ପାଖରେ ନତମସ୍ତକ ହେବାର ଆଉ ଗୋଟିଏ ପ୍ରମୁଖ କାରଣ ଥିଲା ପୁରୁଷ ପୁରୁଷର ସାମାଜିକ ଓ ଅର୍ଥନୈତିକ ବୈଷମ୍ୟ ଓ ପ୍ରଭେଦ। ରବି ମଳିକର ସାତ ପୁରୁଷ ଚୌଧୁରୀ ଘରେ ବର୍ତ୍ତନିଆ। ଚୌଧୁରୀ ଘର ପୁଅ ଯେବେ କଟକରୁ ପାଠ ପଢ଼ି କି ଚାକିରି କରି ଗାଁରେ ପହଞ୍ଚୁଥିଲା, ତାଙ୍କ ତେଜ ଆଗରେ ରବି ମଳିକ ନିଜ ପୂର୍ବ ସାତ ପୁରୁଷର ଭାରରେ ଆହୁରି ଅଧିକ ଚାପି ହୋଇଯିବା ବିଶେଷ କିଛି ଅସ୍ୱାଭାବିକ ନୁହେଁ। ଆଉ ସହରୀ ପଢ଼ୁଆ ଚୌଧୁରୀ କୁମାରଙ୍କର ସୁନଜର ପଡ଼ିଲେ ରବି ମଳିକ ପୁଅ କାଳେ ଉଦ୍ଧାର ପାଇଯିବ ଏଇଆ ଭାବି ରବି ମଳିକ ଯଦି ନବେ ଡାଗାରେ ଶହେ କୋଡ଼ିଏ ଡିଗ୍ରୀରେ ନମସ୍କାର କରୁଥିଲା ସେଥିରେ ବି ଅସ୍ୱାଭାବିକତା ନାହିଁ। କିନ୍ତୁ ଏବେ ଆର୍ଥିକ ପରିସ୍ଥିତି ବଦଳିଛି। ସରକରୀ ଯୋଜନା ପାଇଁ ହେଉ ବା ନିଜ ଉଦ୍ୟମରେ ହେଉ, ଗାଁର ରବି ମଳିକମାନେ ଗତ ଚାରି ଦଶନ୍ଧି ଭିତରେ ନିଜ ମୁଣ୍ଡ ପିଛା ଆୟ ବଢ଼େଇ ପାରିଛନ୍ତି। ଏହି ବର୍ଦ୍ଧିତ ଆୟ ବୋଧହୁଏ ସେମାନଙ୍କୁ ସେ ଆତ୍ମବିଶ୍ୱାସ ଦେଇଛି, ଯାହା ସମ୍ମାନ ଦେବା ଓ ଦାସତ୍ୱକୁ ସ୍ୱୀକାର କରିବା ଭିତରର ଫରକକୁ ବୁଝିବାରେ ସହାୟକ ହୋଇଛି। ସେଥିପାଇଁ ବୋଧେ ସହରୀ ବାବୁ ଗାଁରେ ପହଁଚିଲେ, ଗାଁ ଲୋକ ନିଜକୁ ଆଉ ଏତେ କୃତ୍ୟ କୃତ୍ୟ ମନେ କରୁ ନାହାନ୍ତି।

ଏବେ ଆସିବା ତୃତୀୟ ବିନ୍ଦୁକୁ। ସଭ୍ୟତା ଆରମ୍ଭରୁ ଗାଁ ଏକ ସ୍ୱୟଂସମ୍ପୂର୍ଣ୍ଣ ପରିସଂସ୍ଥାନ ଥିଲା ଓ ଗମନାଗମନ ଯୋଗାଯୋଗ ଓ ଆଧୁନିକ ଜ୍ଞାନକୌଶଳର ଉପଲବ୍ଧତା ଗାଁକୁ ଏବେ ଅଧିକ ସ୍ୱୟଂସମ୍ପୂର୍ଣ୍ଣ ଓ ସ୍ୱୟଂକ୍ରିୟ କରି ପାରିଛି। ତିରିଶ ଚାଳିଶ ବର୍ଷ ତଳର ସେ ପରିସ୍ଥିତି ଆଉ ନାହିଁ ଯେ ପାଷାଣିକୁ ଅହଲ୍ୟା କରିବାକୁ ଲୋକ ଚୌଧୁରୀ ଘର ବାବୁ କି ବୀର ଗୋସେଇଁଙ୍କ ନାତି ସହରରୁ କେତେବେଳେ ଆସିବେ ତା'କୁ ଚାତକ ଭଳି ଚାହିଁ ବସିଥିବେ। ଆପଣଙ୍କ ଅନୁପସ୍ଥିତିରେ ଓ ବିନା ସହଯୋଗରେ ସେମାନେ ସେମାନଙ୍କ ସାମୂହିକ କାମ ସୁଚାରୁ ଭାବେ ତୁଲେଇ ପାରୁଛନ୍ତି। ଆଉ ଯେତେବେଳେ ସେମାନେ ନେଇ ଆଣି ଥୋଇ ପାରୁଛନ୍ତି, ଆପଣ ଅଦିନେ ଅକାଳେ ପହଞ୍ଚିଗଲେ ଆପଣଙ୍କ ପାଇଁ ସେମାନଙ୍କ ଭିତରେ ପୂର୍ବ ବଶମ୍ବଦତା ଆସିବ କାହିଁକି? ସେମାନେ ବି ଜାଣିଛନ୍ତି ଯେ ଆପଣ ଦି ଦିନିଆ ଅତିଥି। ତାଙ୍କ ଦରକାର ବେଳକୁ ଆପଣ ଭୁବନେଶ୍ୱର କି କେଉଁ ମେଟ୍ରୋର କେଉଁ ଏକ ସଭାରେ ଇସ୍ରାଏଲ-ପାଲେଷ୍ଟଇନ ଉପରେ ଭାଷଣ ଦେବାରେ ବ୍ୟସ୍ତ ରହି ସେମାନଙ୍କ ଫୋନ ବି ଉଠେଇବେ ନାହିଁ। ତେଣୁ ଏ ଦୁଇଦିନିଆ ଅତିଥି ପାଇଁ ନଇଁ ଯାଇ ଅଭ୍ୟର୍ଥନାରେ ପୋତିଦେବାର ପ୍ରବୃତ୍ତି ଯଦି ସ୍ୱତଃପ୍ରବୃତ୍ତ ନହେଲା ସେଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ।

ଚତୁର୍ଥ କଥାଟି ହେଲା ଦୁଇଚାରି ଦିନ ପାଇଁ ଗାଆଁକୁ ଯାଇ ଆପଣ ଖୋଜୁଛନ୍ତି ଆବଶ୍ୟକତା ଠୁ ଅଧିକ ଆଦରପଣ, ସମ୍ମାନ, ଆପଣ ଅଧିକ ପାଠ ପଢ଼ିଛନ୍ତି, ବଡ଼ ଚାକିରି କରିଛନ୍ତି ବା ଗୁଡ଼ିଏ ପଇସା ରୋଜଗାର କରିଛନ୍ତି ବୋଲି ଗୋଟେ ଗଣସ୍ୱୀକୃତି। ଆମ ଭିତରୁ ଅଧିକାଂଶ କ'ଣ ନିଜ ପାଠ, ଚାକିରି, ଗାଡ଼ି ଇତ୍ୟାଦିର ବିଜ୍ଞାପନ ପାଇଁ ଗାଁକୁ ଯାଉ ନାହାନ୍ତି କି? ଯଦି ସେଇଥିପାଇଁ ଯାଉଛନ୍ତି, ତା' ହାଲେ ତିରିଶ ବର୍ଷ ତଳେ ସେ ବିଜ୍ଞାପନର ଯାହା ଚାହିଦା ଥିଲା ଆଜି ସେଇଟି ଆଉ ନାହିଁ। ଗାଁକୁ ବୁଲି ଯିବାର ମୂଳ ଲକ୍ଷ୍ୟ ଯଦି ନିଜ ଲୋକଙ୍କ ସହ କିଛି ସମୟ କଟେଇବା ନୁହେଁ, ତା'ହାଲେ ଆପଣ ନିରାଶ ହେବେ ହିଁ ହେବେ। 'ଇଂରେଜମାନେ ଭାରତୀୟଙ୍କୁ ସଭ୍ୟ କଲେ' ଭଳି ମାନସିକତା ଓ ଅନୁଗ୍ରହର ଦାତାପଣିଆ ଧରି ଗାଁକୁ ଗଲେ ଆପଣଙ୍କ ଅହଂ ଆଘାତ ପାଇବ ହିଁ ପାଇବ। ସେଥିରୁ ଆଉ ଗୋଟିଏ ଅସୁବିଧାର ସୃଷ୍ଟି। ଆଘାତ ପାଏ ଆପଣଙ୍କ ଅହଂର ପ୍ରଜ୍ଞାପନ ମେଢ଼, କିନ୍ତୁ ଆପଣଙ୍କ ଚିନ୍ତାଧାରା ଓ ବକ୍ତବ୍ୟ ସହରର ଅନ୍ୟ ସମଧର୍ମୀଙ୍କ ଆଗରେ ଆଙ୍କେ 'ଗାଁ ବଦଳି ଗଲାଣି' ଅର୍ଦ୍ଧସତ୍ୟର ଏକ ବିକଳ ଚିତ୍ର।

ଦୁଇ ଚାରିଦିନ ପାଇଁ ଗାଆଁକୁ ଯାଇ ସମ୍ମାନ ମିଳିବାରେ ପାନରୁ ଚୂନ ଖସିଗଲା କ୍ଷଦୋକ୍ତି କରୁଥିବା ବୟସ୍କ ଓ ମଧ୍ୟ ବୟସ୍କମାନଙ୍କଠାରୁ ଏ ଲେଖକ ଅନେକ ବାର ଶୁଣିଛି ଯେ ଗାଁ କ'ଣ ଆଉ ଗାଁ ଭଳି ହେଇ ଅଛି? ସେ ନଟିଆ ବେହେରା ନାତି ପରା ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପଢ଼ୁଛି, ଆମ ଘରେ ଆଗରୁ ହଳ କରୁଥିବା ନାରଣ ନାୟକ ନାତି ପରା ଚିପ୍ସ ନୁଡୁଲ ନହେଲେ ଖାଉନି। ତାରି ଉପରେ ଆଲୋଚନାର ପଞ୍ଚମ ବିନ୍ଦୁଟି। ଗାଁର ଏପରି ପରିବର୍ତ୍ତିତ ଚିତ୍ରଟି ଦେଖା ବେଳେ ଆପଣଙ୍କ ମୁଣ୍ଡରେ ସତରେ କ'ଣ ଘୁରି ବୁଲୁଥାଏ? ଆପଣ କ'ଣ ଚାହୁଁଥିଲେ ଯେ ଗାଁ ଲୋକ ସବୁଦିନ ପାଇଁ ସୁବିଧା ସୁଯୋଗଠାରୁ ଆଲୋକବର୍ଷର ଦୂରତାରେ ଥାଆନ୍ତୁ ବୋଲି? ପାଞ୍ଚଟଙ୍କିଆ ଚିପ୍ସ ପ୍ୟାକେଟଟିଏ କି ମ୍ୟାଗି ପ୍ୟାକେଟଟିଏ ଗାଁରେ ମିଳିଲା ବୋଲି କିମ୍ବା ନାରଣ ନାୟକ କି ତା' ପୁଅ ମୋବାଇଲ ଫୋନଟିଏ ଧରିଲା କିମ୍ବା ଗାଡ଼ିଟିଏ ଚଳେଇ ଦେଲା ବୋଲି ଆପଣ କାହିଁକି ଏତେ ଅସହିଷ୍ଣୁ? ସେମାନଙ୍କ ଜୀବନରେ କିଛି ସାଧନ ଓ ସୁବିଧା ପହଁଚିଲେ ଆପଣଙ୍କର କେଉଁ ପ୍ରଭୁପଣିଆ ମାରା ହେଇ ଯାଉଛି? କେବଳ ଆପଣ କିମ୍ବା ଆପଣଙ୍କ ପିଲା ସାଧନ ଓ ସୁଯୋଗ ପାଇଲେ ଠିକ, ନାରଣ ନାୟକ ପାଇଲେ ବେଦ ଅଶୁଦ୍ଧ? ଏତେ ଅସହିଷ୍ଣୁତା, ଏତେ ପରଶ୍ରୀକାତରତା ଧରି ଆପଣ ଗାଁକୁ ଯିବେ ଆଉ ତା' ଆଗରେ ଯଦି ଗାଁ ପୂର୍ବ ପରି ଅଣ୍ଟା ଭାଙ୍ଗି ଠିଆ ନହେଲା, ତା'ହାଲେ କ'ଣ ଗାଁ ବଦଳି ଗଲା? ଯଦି ଏଇଟି ହିଁ ବଦଳିଯିବାର ପରିଭାଷା, ତେବେ ସେପରି ପରିବର୍ତ୍ତନ ବ୍ୟାପକ ହେବାର ଆବଶ୍ୟକତା ରହିଛି।



ଏବେ ଆସିବା ଷଷ୍ଠ ଓ ଆଲୋଚନାର ଶେଷ ବିନ୍ଦୁକୁ। ଆପଣ ଏହାକୁ ଅସ୍ୱୀକାର କରିପାରନ୍ତି, ମାତ୍ର ଏହା ସତ୍ୟ ଯେ ସହରରର ଅନେକ ବୟସ୍କ ଓ ମଧ୍ୟବୟସ୍କଙ୍କୁ ଗାଁ ସେତେବେଳେ ମନେ ପଡ଼େ ଯେତେବେଳେ ସେମାନେ ନିଜ ପରିସଂସ୍ଥାନରେ କମ ପ୍ରାସଙ୍ଗିକ ବା ବିଲକୁଲ ଅପ୍ରାସଙ୍ଗିକ ହୋଇ ଯାଆନ୍ତି। ଗାଁରୁ ଆସି ସହର ପରିସଂସ୍ଥାନ ଭିତରେ ଆପଣ ନିଜର ଯେଉଁ ପରିଚୟଟି ସୃଷ୍ଟି କରିଛନ୍ତି ବୋଲି ଭାବୁଛନ୍ତି ତା'ର ମୂଳଦୁଆଟି ହେଉଛି ଦେବା ନେବା। ସେପରି ପରିସଂସ୍ଥାନରେ ଆପଣଙ୍କ ପ୍ରାସଙ୍ଗିକତା ଆପଣଙ୍କ ପଦବୀ ଥିବା ଯାଏ, କ୍ଷମତା ଥିବା ଯାଏ। ସେଇଟି ଚାଲିଯିବାର ପରମୁହୂର୍ତ୍ତରେ ଆପଣ ସେ ପରିସଂସ୍ଥାନ ପାଇଁ ସମ୍ପୂର୍ଣ୍ଣ ଅଦରକାରୀ। କିନ୍ତୁ, ଆପଣ ନିଜ ଜୀବନରେ ଯଦି ଏପରି କିଛି ସମସ୍ୟା ଭୋଗୁଛନ୍ତି, ତା'ହାଲେ ସେଇଟି ସମ୍ପୂର୍ଣ୍ଣ ଭାବେ ଆପଣଙ୍କ ବ୍ୟକ୍ତିଗତ ସମସ୍ୟା। ଆପଣଙ୍କ କମି ଯାଇଥିବା ପ୍ରାସଙ୍ଗିକତାର ଭରଣା ପାଇଁ ଗାଁ କାହିଁକି ଆପଣଙ୍କ ଆଗରେ ମୁଣ୍ଡ ନୁଆଇଁ ଠିଆ ହେବ? କ୍ଷମତାରେ ଥିଲା ବେଳେ ଯାହାକୁ ଅଦରକାରୀ ଓ ଯାହାର ଲୋକଙ୍କୁ ଗାଉଁଲି ଭାବି ଆସିଛନ୍ତି, ସିଏ କାହିଁକି ଆଜି ଆପଣଙ୍କ ମାଟିରେ ଲୋଟି ଯାଇଥିବା ଅହଂର ମାନ ରକ୍ଷା ପାଇଁ ନିଜ କଣ୍ଠରେ, ନିଜ ଆଚରଣରେ ଗୋଟେ ଅନିଚ୍ଛାକୃତ ଭୃତ୍ୟଭାବ ଆଣିବ? ପାଠ ପଢ଼ି, ଦୁନିଆ ଦେଖି, ବଡ଼ ଚାକିରି କରି ନିଜ ତେଜୋଦୀପ୍ତ ସମୟରେ ଯେଉଁଟି ଆପଣ ନିଜେ କରି ପାରି ନାହାନ୍ତି, ସେଇଟି ଅନ୍ୟମାନଙ୍କୁ କରିବାକୁ କହିବା କିମ୍ବା ଆଶା ରଖିବା କ'ଣ ମୂର୍ଖାମୀ ନୁହେଁ କି?

ପାଠ ପଢ଼ିବା ପାଇଁ ହେଉ, ଅଧିକ ସୁବିଧା ପାଇଁ ହେଉ ବା କର୍ମସଂସ୍ଥାନ ପାଇଁ ହେଉ, ଜଣେ ଯଦି ଗାଁ ବାହାରକୁ ଆସୁଛି ସେଇଟି ହେଉଛି ବାଧ୍ୟବାଧକତା। କିନ୍ତୁ ଗାଁରୁ ଥରେ ବାହାରି ଆସିଲା ପରେ ନିଜ ମନ ଭିତରୁ ଗାଆଁକୁ କାଢ଼ିଦେବା ସବୁବେଳେ ଏକ ସ୍ୱେଚ୍ଛାକୃତ ପ୍ରକ୍ରିୟା। ଯେଉଁ ପରିବେଶରେ ଆପଣ ବଢ଼ିଛନ୍ତି, ଜୀବନର ଆଦ୍ୟ ଉପାଦାନ ପାଇଛନ୍ତି, ଜୀଇଁବା ଓ ଜୀବନ ପାଇଁ ଲଢ଼େଇ କରିବାର ବଳ ସାଉଁଟିଛନ୍ତି, ଯଦି ତା'କୁ ଛୋଟ ଦେଖେଇଲେ ହିଁ ଆପଣଙ୍କ ବଡ଼ ପଣ ସାବ୍ୟସ୍ତ ହୋଇ ପାରିବେ, ତା'ହାଲେ ଗାଁ ବଦଳିନି ଆପଣ ବଦଳି ଯାଇଛନ୍ତି। ଏପରି କ୍ଷେତ୍ରରେ ଅନ୍ୟକୁ ଦୋଷ ଦେବା ଅପେକ୍ଷା ଘଡ଼ିଏ ଆତ୍ମନିରୀକ୍ଷଣ ଅଧିକ ଯଥାର୍ଥ। ଆଉ ହଁ, ଆଦରି ନେଇ ପାରିଲେ ସବୁ ଠିକ ଅଛି। ନ ଆଦରି ପାରିଲେ ନିଜେ ହିଁ ନିଜକୁ ଅଦରକାରୀ କରି ଦେବେ। ●

## ଲୋକମତ

### ଶ୍ରୀକ୍ଷେତ୍ରରେ ପାନ କଟକଣା

ନିକଟରେ ଶ୍ରୀମନ୍ଦିରରେ ପାନଗୁଟ୍‌ଖା ଉପରେ କଟକଣା ଲଗାଇଛି ଶ୍ରୀମନ୍ଦିର ପ୍ରଶାସନ। ଜାନୁଆରୀ ୧ରୁ ଏହି କଟକଣା ସମ୍ପୂର୍ଣ୍ଣ ବଳବତ୍ତର ରହିବ ବୋଲି ଏକ ବିଜ୍ଞପ୍ତିରେ ପ୍ରକାଶ ପାଇଛି। ଏହାପରେ ଶ୍ରୀମନ୍ଦିର ଭିତରେ ଆଉ କେହି ପାନଗୁଟଖା ଖାଇବେ ନାହିଁ କି ଛେପ ପକାଇ ଆଖପାଖକୁ ଅପରିଷ୍କାର କରିବେ ନାହିଁ। କେବଳ ଭକ୍ତ ନୁହେଁ ସେବାୟତଙ୍କ ପାଇଁ ମଧ୍ୟ ଏହି କଟକଣା ଲାଗୁ ହୋଇଛି। ଯଦି କେହି ଏହାର ଉଲ୍ଲଙ୍ଘନ କରନ୍ତି ତେବେ ତାଙ୍କ ବିରୋଧରେ ଶ୍ରୀମନ୍ଦିର ପ୍ରଶାସନ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବ। ତେବେ ସାମଗ୍ରିକ ଭାବେ ଶ୍ରୀମନ୍ଦିରରେ ପାନ-ଗୁଟ୍‌ଖା ବନ୍ଦ କରିବା ନିଷ୍ପତ୍ତିକୁ ସମସ୍ତେ ସ୍ୱାଗତ କରିଥିବାବେଳେ ଖୁଟଖା, ଜର୍ଦା ଭଳି ସମାଗ୍ରୀକୁ ମୁକ୍ତକଣ୍ଠରେ ବିରୋଧ କରି ପାନ ସପକ୍ଷରେ ଯୁକ୍ତି ବାଢ଼ିଛନ୍ତି କେତେକ ସେବାୟତ। ସେମାନଙ୍କର ଯୁକ୍ତି ହେଉଛି, ମହାପ୍ରଭୁଙ୍କ ନିକଟରେ ପାନ ଲାଗି ହେଉଛି। ତେଣୁ ପାନ ବନ୍ଦ କରିବା ଉଚିତ ନୁହେଁ। ସେବକଙ୍କ ଏଭଳି ଯୁକ୍ତିକୁ ପ୍ରାୟତଃ କେହି ଅସ୍ୱୀକାର କରିବେ ନାହିଁ। କାରଣ ଆମ ସଂସ୍କୃତି ଓ ସାମାଜିକ ଚଳଣିରେ ପାନ ଓତଃପ୍ରୋତ ଭାବେ ଜଡ଼ିତ। ଆଗତ ଅତିଥି, ଅଭ୍ୟାଗତ, ବନ୍ଧୁବାନ୍ଧବ, ବ୍ରାହ୍ମଣବୈଷ୍ଣବ ଘରକୁ ଆସିଲେ ଗୃହସ୍ଥ ପାନଟିଏ ବଢ଼ାଇଦେଇ ଅତିଥି ଚର୍ଚ୍ଚା କରେ। ଇଷ୍ଟ ପୂଜନ, ବିବାହ, ବ୍ରତ, ପିତୃପିଣ୍ଡ, ଦାନ, ପ୍ରୀତିଭୋଜନ, ଯଜ୍ଞାଦି କର୍ମ ସାଧନ ଭଳି ମାଙ୍ଗଳିକ କାର୍ଯ୍ୟରେ ପାନର ଉପସ୍ଥିତି ନ ରହିଲେ ନଚଳେ। ଏହା ଆବାହମାନ କାଳରୁ ଆମ ଚଳଣିରେ ଛାଇ ହୋଇ ରହିଆସିଛି। ପାନର ପ୍ରଚଳନ କେଉଁଠି ଥାଉ କି ନଥାଉ ଶ୍ରୀମନ୍ଦିରରେ ପ୍ରଚଳିତ ତାମ୍ବୁଳ ସେବା (ହଡ଼ପ ସେବା) ବିଧିରୁ ସ୍ପଷ୍ଟ ବାରି ହୋଇପଡୁଛି ଏହା ଅତୀବ ପ୍ରାଚୀନ। ବଡ଼ଠାକୁରଙ୍କ ବଡ଼ସିଂହାର, ପହୁଡ଼, ଚାପ, ଚନ୍ଦନ ଆଦିରେ ତାମ୍ବୁଳ ଅର୍ପଣ ବିଧି ଶ୍ରୀମନ୍ଦିର ସେବାର ଏକ ମୁଖ୍ୟ ଅଙ୍ଗ। ଶ୍ରୀମନ୍ଦିର ମକରବେଢ଼ା ପରିକ୍ରମା ସମୟରେ ହଡ଼ପ ସେବକମାନଙ୍କ ଦ୍ୱାରା ବିବିଧ ପାନ ପ୍ରସ୍ତୁତ କରାଯାଇ ଏକ ଥାଳିରେ ମନ୍ଦିର ଆକୃତିରେ ସଜାଇ ବେଢ଼ା ପରିକ୍ରମା କରାଯାଏ। ଶ୍ରୀଜୀଉଙ୍କୁ ସମର୍ପିତ ବିଡ଼ିଆ ପାନକୁ ସଂଗ୍ରହ କରି ମହାପ୍ରସାଦ ଭାବେ ପାଇ ନିଜକୁ ପରମ ସୌଭାଗ୍ୟ ମଣେ ଭକ୍ତଟିଏ। ଏହିଦିଗରୁ ବିଚାର କଲେ, ଶ୍ରୀମନ୍ଦିରେ ସମ୍ପୂର୍ଣ୍ଣ ପାନ ବନ୍ଦ କଟକଣାକୁ ଏକପ୍ରକାର ଅଯୌକ୍ତିକ ବୋଲି କୁହାଯାଇପାରେ। ●

ରଶ୍ମୀରଞ୍ଜନ ରାଉତ
ଭଦ୍ରକ, ମୋ: ୭୮୦୯୦୩୭୬୦୮

### ମତ୍ସ୍ୟଜୀବୀଙ୍କୁ ଥଇଥାନ ପ୍ରସ୍ତାବ

ପ୍ରତିବର୍ଷ ଓଡ଼ିଶା ଉପକୂଳ ତଥା ବିଭିନ୍ନ ନଦୀ ମୁହାଣ ଅଞ୍ଚଳଗୁଡ଼ିକୁ ଅଲିଭ ରିଡଲେ କଇଁଛମାନେ ଅଣ୍ଡା ଦେବା ପାଇଁ ଆସିଥା'ନ୍ତି। ସେମାନଙ୍କର ଆଗମନଠାରୁ ପ୍ରତ୍ୟାବର୍ତ୍ତନ ପର୍ଯ୍ୟନ୍ତ ପ୍ରାୟ ସାତ ମାସ ଲାଗିଥାଏ। ଏହି ସମୟ ମଧ୍ୟରେ ସେମାନଙ୍କୁ ସୁରକ୍ଷା ଦେବା ପାଇଁ ପ୍ରଶାସନ ଉକ୍ତ ଅଞ୍ଚଳମାନଙ୍କରେ ବିଭିନ୍ନ ସଚେତନତା ମୂଳକ କାର୍ଯ୍ୟକ୍ରମ ହାତକୁ ନେବା ସହିତ ଜଗୁଆଳି ବ୍ୟବସ୍ଥା ମଧ୍ୟ କରିଆସୁଛନ୍ତି। ଅନ୍ୟପକ୍ଷରେ କଇଁଛମାନଙ୍କୁ ବିଭିନ୍ନ ପ୍ରଦୂଷଣ ତଥା ଦୁର୍ଘଟଣାରୁ ବଞ୍ଚାଇବା ପାଇଁ ନଭେମ୍ବର ୧ ଠାରୁ ମେ ୩୧ ପର୍ଯ୍ୟନ୍ତ ଉକ୍ତ ଅଞ୍ଚଳମାନଙ୍କରେ ମାଛ ମାରିବା ପାଇଁ ସରକାର ନିଷିଦ୍ଧ କରିଛନ୍ତି। ଯାହା ସବୁଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଏବଂ ଯୁଗାନ୍ତକାରୀ ପଦକ୍ଷେପ ବୋଲି ବିଚାର କରାଯାଏ। ତେବେ ଏଥିପାଇଁ ଏସବୁ ଅଞ୍ଚଳମାନଙ୍କରେ ଥିବା ମତ୍ସ୍ୟଜୀବୀମାନେ ସାତ ମାସ କାଳ ହାତ ବାନ୍ଧି ବେକାର ହୋଇ ବସୁଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ଲୋକଙ୍କର ବେଶୀ ଜମିବାଡ଼ି ନଥିବାରୁ ଚାଷକରି ଚଳିବା ପ୍ରାୟତଃ କଷ୍ଟକର। କିଛି ଲୋକ ଲୁଚାଛପାରେ ମାଛ ମାରୁଥିବା ବେଳେ ଆଉ କିଛି ଦାଦନ ଖଟିବାକୁ ଯାଆନ୍ତି। ନହେଲେ ବେରୋଜଗାର ହୋଇ ଉଭୟ ପାରିବାରିକ ଓ ସାମାଜିକ ସମସ୍ୟା ସୃଷ୍ଟି କରି ଥାଆନ୍ତି। ସରକାର ସେମାନଙ୍କ ସମସ୍ୟାଗୁଡ଼ିକ ପ୍ରତି ସମ୍ବେଦନଶୀଳ ହୋଇ ଋତୁକାଳୀନ ବିକଳ୍ପ ଜୀବିକା ବ୍ୟବସ୍ଥା କରିବା ସହିତ ବିଭିନ୍ନ ଧନ୍ଦାମୂଳକ ତାଲିମ ପ୍ରଦାନ ପାଇଁ ପଦକ୍ଷେପ ନେବା ଦରକାର। କେବଳ ଭତ୍ତା, ରାସନ୍ କିମ୍ବା କ୍ଷତିପୂରଣ ରାଶି ଦେଇଦେବା ଉକ୍ତ ସମସ୍ୟାର ଚିରସ୍ଥାୟୀ ସମାଧାନ ହୋଇ ନପାରେ। ବର୍ତ୍ତମାନ ପରିପ୍ରେକ୍ଷୀରେ ଟ୍ରଲର ମାଲିକ ଏବଂ ପ୍ରକୃତ ମତ୍ସ୍ୟଜୀବୀମାନଙ୍କ ସମସ୍ୟାଗୁଡ଼ିକୁ ଭିନ୍ନ ଦୃଷ୍ଟିକୋଣରୁ ବିଚାର କରାଯିବା ସହିତ ଉପଯୁକ୍ତ ପଦକ୍ଷେପ ନେବାର ସମୟ ଉପଗତ। ●

ଡ ସୀତାକାନ୍ତ ତ୍ରିପାଠୀ
ଭଦ୍ରକ, ମୋ: ୯୭୭୮୭୬୪୩୯୪

### ଛାତ୍ରଛାତ୍ରୀଙ୍କୁ ଗପ ବହି ପଢ଼ିବାକୁ ଦିଅନ୍ତୁ

ବର୍ତ୍ତମାନ ଛୋଟ ଛୋଟ ପିଲାମାନେ ନିଜ ଶ୍ରେଣୀର ପଢ଼ା ବହି ବ୍ୟତୀତ ଅନ୍ୟ ବହି ଯଥା - ଗଳ୍ପ, ଗୀତ, ପତ୍ର, ପତ୍ରିକା ପଢ଼ିବା ପାଇଁ ଇଚ୍ଛା ପ୍ରକାଶ କରୁନାହାନ୍ତି। ଅଳ୍ପ ବିରତି ମିଳିଲେ ସଙ୍ଗେ ସଙ୍ଗେ ମୋବାଇଲ ଫୋନର ବ୍ୟବହାର କରି ଗେମ, ସାମାଜିକ ମାଧ୍ୟମରେ ଅଧିକ ସକ୍ରିୟ ରହୁଛନ୍ତି। କିନ୍ତୁ ବହି ପଢ଼ିବା କେବଳ ଜ୍ଞାନ ଆହରଣର ଉତ୍ସ ନୁହେଁ, ଏହା ମାନସିକ ସ୍ଥିରତା ସହିତ ବିଭିନ୍ନ ଆଡୁ ସକାରାତ୍ମକ ଚିନ୍ତାକୁ ପ୍ରୋତ୍ସାହିତ କରେ ଏବଂ ସମାଜରେ ନୂତନ କାର୍ଯ୍ୟ କରିବା ପାଇଁ ପ୍ରେରଣା ଯୋଗାଏ। ତେଣୁ ଅଭିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଅନୁରୋଧ, ଆପଣ ପିଲାମାନଙ୍କୁ ଏବେରୁ ବିଭିନ୍ନ ବହି ପଢ଼ିବାର ସୁଯୋଗ ତିଆରି କରିବା ସହିତ ବହି ପଢ଼ାର ଅଭ୍ୟାସ କରାନ୍ତୁ। ●

ଅନୁପମ ଜେନା, ମୟୂରଭଞ୍ଜ

### ବ୍ୟବହାର ହିଁ ପରିଚୟ

ଜୀବନ ହେଉଛି ବିପୁଳ ଅଭିଜ୍ଞତାର ବିସ୍ତୀର୍ଣ୍ଣ ପ୍ରାନ୍ତର। ଏଠି ଜଣଙ୍କର ଅନ୍ୟ ଜଣଙ୍କ ପ୍ରତି ଭଦ୍ର ଓ ନମ୍ର ବ୍ୟବହାର ଥିବାବେଳେ ଆଉ ଜଣଙ୍କଠି ଥାଏ ରୁକ୍ଷ, ଅଶାଳୀନ କଥାବାର୍ତ୍ତା। ଜଣେ ଶିକ୍ଷିତର ଅନ୍ୟ ପ୍ରତି ଅଭଦ୍ରୋଚିତ କଥାବାର୍ତ୍ତା ଥିବାବେଳେ ଅଶିକ୍ଷିତ ବ୍ୟକ୍ତିର ଅପରକୁ ମାର୍ଜିତ ବ୍ୟବହାର ଦେଖି ବିସ୍ମୟରେ ଚାହିଁ ରହିବାକୁ ହୁଏ। କଲିକତା ମହାନଗରୀର ବସ୍‌ମାନଙ୍କରେ, ଯାତ୍ରୀ ବସିବା ଲାଗି ଉଦ୍ଦିଷ୍ଟ ସିଟ୍‌ର ଠିକ୍ ଉପରେ, ସ୍ପଷ୍ଟ, ନିର୍ଭୁଲ ଓ ପ୍ରାଞ୍ଜଳ ବଙ୍ଗଳାରେ ଲେଖା ଯାଇଥିବା ବାକ୍ୟର ଓଡ଼ିଆ ଭାଷାନ୍ତର ହେବ 'ଆପଣଙ୍କ ବ୍ୟବହାର ହିଁ ଆପଣଙ୍କର ପରିଚୟ।' କେଡ଼େ ନିଛକ ସତ କଥାଟିଏ ସତରେ? ଆମେ ଘରୁ ବାହାରିବା କ୍ଷଣି ଆମ ସହିତ ଆମର ମାର୍ଜିତ ଆଚରଣ ଓ ମଧୁବୋଳା କଥା କେଇପଦ ହୋଇଯାଏ ଆମ ବ୍ୟକ୍ତିତ୍ୱର ଉଜ୍ଜ୍ୱଳ ଉଦାହରଣ। ଏହାର ଅନ୍ୟ ନାମ ସଂସ୍କାର। ପିଲାଟିଏ ପରିବାରରୁ ଉତ୍ତରାଧିକାର ସୂତ୍ରରୁ ପାଇଥାଏ ଏହାକୁ। ସାରାଜୀବନ ଗଳାର ହାର ହୋଇ ଝଟକୁଥାଏ ଓ ଏହାର ମହମହ ମହକରେ ମହକି ଉଠେ ଦିଗ୍‌ବିଦିଗ। ଶୁଣିଥିବା ଲୋକକଥାଟିଏ - ଘୋର ଜଙ୍ଗଲ ମଧ୍ୟରେ ଥିବା ଆଶ୍ରମରେ ତପସ୍ୟାରତ ଚକ୍ଷୁହୀନ ଋଷିଙ୍କୁ ପଥ ଖୋଜି ପାଉ ନ ଥିବା ଯୁବରାଜ ଓ ତାଙ୍କ ଅନୁଚରଗଣ ସଠିକ୍ ପଥ ପଚାରି ବୁଝିଲେ। ପ୍ରତ୍ୟେକେ ଆପଣା ଢଙ୍ଗରେ ପଚାରିଲେ। ତେବେ ଯୁବରାଜଙ୍କ ପ୍ରଶ୍ନ ପଚାରିବାର ଶୈଳୀରେ ପ୍ରଭାବିତ ହୋଇ, ସେ ଯେ ରାଜ୍ୟର ଯୁବରାଜ, ଏହା ଜାଣିପାରି, ଋଷି ସଠିକ୍ ମାର୍ଗ ବତେଇଥିଲେ। ଅତଏବ ଆମ ବ୍ୟବହାର ହିଁ ଆମର ପ୍ରକୃତ ପରିଚୟ। ●

ପ୍ରତାପ ନାୟକ
ଭୁବନେଶ୍ୱର, ମୋ: ୭୭୫୦୮୫୨୮୧୯

ସକାଳ THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଘୋଷଣା
ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

# 'ସକାଳ' ଅନ୍ୟମାନଙ୍କଠୁ ନିଆରା: ସମ୍ପାଦକ



ଭୁବନେଶ୍ୱର, ୧।୧୨(ସମିସ): ସତ୍ୟ, ସେବା ଓ ସାମର୍ଥ୍ୟକୁ ମୂଳମନ୍ତ୍ର କରି ଦୈନିକ ଓଡ଼ିଆ ଖବରକାଗଜ 'ସକାଳ' ଖୁବ୍ କମ୍ ଦିନରେ ପାଠକୀୟ ଆଦୃତି ଲାଭ କରି ପାରିଛି। ଚିରାଚରିତ ଢଙ୍ଗରେ ଖବର ପରିବେଷଣ ନ କରି ଫିଚରଧର୍ମୀ ଲେଖା ସହ ବିଭିନ୍ନ ନୂଆ ନୂଆ ଦିଗକୁ ସାମନାକୁ ଆଣିବାରେ 'ସକାଳ' ଅନ୍ୟମାନଙ୍କଠାରୁ ଯଥେଷ୍ଟ ଆଗରେ ରହିଛି ବୋଲି ଦୈନିକ 'ସକାଳ'ର ସମ୍ପାଦକ ଡ. ଉମାକାନ୍ତ ମିଶ୍ର କହିଛନ୍ତି। ଶୁକ୍ରବାର ତୃତୀୟ ସ୍ୱନକ୍ଷତ୍ର ଅବସରରେ ଭଗବାନପୁରସ୍ଥିତ ନିଜସ୍ୱ ମୁଖ୍ୟ କାର୍ଯ୍ୟାଳୟରେ କେକ୍ କାଟି ସମ୍ପାଦକ ଡ. ମିଶ୍ର 'ସକାଳ'ର ଏହି ସଫଳତା ପାଇଁ ସମସ୍ତ ସହକର୍ମୀଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଆଗାମୀ ଦିନରେ ମଧ୍ୟ ଏହି ଉଦ୍ୟମ ଜାରି ରଖିବାକୁ ପରାମର୍ଶ ଦେଇଛନ୍ତି।

ଏହି ଅବସରରେ 'ସକାଳ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁବ୍ରତ ଦାସ, ପ୍ରକାଶକ ଅମିତ ମଲ୍ଲିକ, କାର୍ଯ୍ୟନିର୍ବାହୀ ସମ୍ପାଦକ ସମରେନ୍ଦୁ ଦାସ, ସହକାରୀ ବାର୍ତ୍ତା ସମ୍ପାଦକ ମହେଶ୍ୱର ସାହୁ, ରାଜ୍ୟ ବ୍ୟୁରୋ ମୁଖ୍ୟ ରଞ୍ଜିତ ମହାନ୍ତି, ବାର୍ତ୍ତା ସଂଯୋଜକ ତୁଷାର ରଞ୍ଜନ ମହାନ୍ତି ପ୍ରମୁଖ ନିଜର ଅଭିଜ୍ଞତା ଓ ଅନୁଭୂତି ବର୍ଣ୍ଣନା କରିଥିଲେ। ସହକର୍ମୀଙ୍କ ସହଯୋଗ ଓ ପରିଶ୍ରମ ତଥା ବୃତ୍ତି ପ୍ରତି କର୍ତ୍ତବ୍ୟନିଷ୍ଠା ପାଇଁ ଏହା ସମ୍ଭବ ହୋଇପାରିଥିବା ବେଳେ ଆଗାମୀ ଦିନରେ ଏହି ମନୋଭାବ ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ।

## ଅଶୋକ ମିଶ୍ର ପୂର୍ବତଟ ରେଳପଥର ସିପିଆରଓ

ଭୁବନେଶ୍ୱର, ୧।୧୨(ସମିସ): ଭାରତୀୟ ରେଳ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ସେବା (ଆଇଆରଏସ୍ଇଇ) ୨୦୧୧ ବ୍ୟାଚ୍‌ର ଅଧିକାରୀ ଅଶୋକ କୁମାର ମିଶ୍ର ପୂର୍ବତଟ ରେଳପଥର ନୂତନ ମୁଖ୍ୟ ଜନସମ୍ପର୍କ ଅଧିକାରୀ(ସିପିଆରଓ) ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ଶ୍ରୀ ମିଶ୍ର ପୂର୍ବତଟ ରେଳପଥରେ ଉପମହାପ୍ରବନ୍ଧକ ଭାବେ କାର୍ଯ୍ୟ କରୁଥିଲେ।

# ଜିଏସ୍‌ଟି ଓ ସମନ୍ୱିତ ଜିଏସ୍‌ଟି ସଂଗ୍ରହରେ ସର୍ବକାଳୀନ ରେକର୍ଡ

ଭୁବନେଶ୍ୱର, ୧।୧୨(ସମିସ): ଟିକସ ସଂଗ୍ରହରେ ଓଡ଼ିଶା କ୍ରମାଗତ ସଫଳତା ପାଇ ଚାଲିଛି। ଗତ ନଭେମ୍ବରରେ ରାଜ୍ୟ ଜିଏସ୍‌ଟି ଓ ସମନ୍ୱିତ ଜିଏସ୍‌ଟି ଫଇସଲା ବାବଦରେ ଓଡ଼ିଶା ୨୭୯୧.୪୫ କୋଟି ଟଙ୍କା ସଂଗ୍ରହ କରିଛି। ଏହା ଏପର୍ଯ୍ୟନ୍ତ ସର୍ବକାଳୀନ ରେକର୍ଡ। ଗତବର୍ଷ ନଭେମ୍ବରରେ ଏହି ପରିମାଣ ୧୩୯୦.୩୬କୋଟି ଟଙ୍କା ଥିଲା। ଚଳିତବର୍ଷ ନଭେମ୍ବରରେ ୧୦୦.୭୭% ଅଭିବୃଦ୍ଧି ହାସଲ କରାଯାଇଛି।

ହସ୍ତଗତ ସୂଚନା ଅନୁସାରେ, ଚଳିତ ଆର୍ଥିକ ବର୍ଷ ନଭେମ୍ବର ସୁଦ୍ଧା ରାଜ୍ୟ ଜିଏସ୍‌ଟି (ରାଜ୍ୟ ଜିଏସ୍‌ଟି ଓ ସମନ୍ୱିତ ଜିଏସ୍‌ଟି ଫଇସାଲା ବାବଦକୁ) ସଂଗ୍ରହ ପରିମାଣ ୧୪୯୧୩.୩୬ କୋଟି ଟଙ୍କାରେ ପହଞ୍ଚିଥିବା ବେଳେ ଗତ ଆର୍ଥିକ ବର୍ଷ ନଭେମ୍ବର ସୁଦ୍ଧା ଏହି ସଂଗ୍ରହ ରାଶି ୧୧୭୧୯.୬୪ କୋଟି ଟଙ୍କା ଥିଲା। ଏ କ୍ଷେତ୍ରରେ ୨୭.୨୫% ଅଭିବୃଦ୍ଧି ଘଟିଛି। ରାଜ୍ୟ ବାଣିଜ୍ୟକର ଏବଂ ଜିଏସ୍‌ଟି କମିଶନରେଟ୍ ଦ୍ୱାରା ପରିଚାଳିତ ହେଉଥିବା ସମସ୍ତ ଟିକସ ଯଥା, ଓଜିଏସ୍‌ଟି/ଆଇଜିଏସ୍‌ଟି ଫଇସାଲା/ଭାଟ/ ପ୍ରବେଶକର ଏବଂ ବୃତ୍ତିଗତ କର ଅଧୀନରେ ଚଳିତବର୍ଷ ନଭେମ୍ବରରେ ମୋଟ ୩୮୫୬.୭୨କୋଟି ଟଙ୍କା ସଂଗ୍ରହ ହୋଇଥିଲା ବେଳେ ଗତବର୍ଷ ନଭେମ୍ବରରେ ଏହି ସଂଗ୍ରହ ପରିମାଣ ୨୩୦୮.୯୨ କୋଟି ଟଙ୍କା ଥିଲା। ଫଳରେ ଏହି କ୍ଷେତ୍ରରେ ୬୭.୦୪ ପ୍ରତିଶତ ଅଭିବୃଦ୍ଧି ଘଟିଛି। ସେହିପରି ଗତ ନଭେମ୍ବର ସୁଦ୍ଧା ଉପରୋକ୍ତ ଟିକସ ବ୍ୟବସ୍ଥା ଅଧିନରେ ହୋଇଥିବା ମୋଟ ସଂଗ୍ରହ ରାଶି ୨୨୫୧୦.୫୬ କୋଟି ଟଙ୍କା ହୋଇଥିଲା ବେଳେ ଗତ ଆର୍ଥିକ ବର୍ଷ ତୁଳନାରେ ଏହା ୧୮.୯୧% ଅଧିକ।

ଅପରପକ୍ଷେ ମୋଟ ଜିଏସ୍‌ଟି (କେନ୍ଦ୍ରୀୟ ଜିଏସ୍‌ଟି+ସମନ୍ୱିତ ଜିଏସ୍‌ଟି+ରାଜ୍ୟ ଜିଏସ୍‌ଟି+ଅତିରିକ୍ତ ଟିକସ) ବାବଦକୁ ଚଳିତ ବର୍ଷ ନଭେମ୍ବରରେ ୪୨୯୫.୦୮ କୋଟି ଟଙ୍କା ସଂଗ୍ରହ ହୋଇଥିଲା ବେଳେ ଗତ ବର୍ଷ ନଭେମ୍ବରରେ ଏହି ପରିମାଣ ୪୧୬୨.୨୬ କୋଟି ଟଙ୍କା ଥିଲା। ଏହି କ୍ଷେତ୍ରରେ ଅଭିବୃଦ୍ଧି ହାର ୩.୧୯% ରହିଛି। ଗତ ନଭେମ୍ବର ସୁଦ୍ଧା ଏହି କ୍ଷେତ୍ରରେ ହୋଇଥିବା ମୋଟ ସଂଗ୍ରହ ପରିମାଣ ୩୫୧୮୮.୨୫ କୋଟି ଟଙ୍କା ରହିଥିବା ବେଳେ ଗତ ଆର୍ଥିକ ବର୍ଷ ତୁଳନାରେ ଏହା ୯.୭୫% ଅଧିକ। ଗତ ନଭେମ୍ବରରେ ୨୦.୮୫ ଲକ୍ଷ ଇ-ୱେବିଲ୍ ନିର୍ଗମନ କରାଯାଇଥିବା ବେଳେ ଗତବର୍ଷ ନଭେମ୍ବରରେ ଏହି ସଂଖ୍ୟା ୧୮.୧୯ଲକ୍ଷ ରହିଥିଲା। ଫଳରେ ଏଥିରେ ୧୪.୬୨% ଅଭିବୃଦ୍ଧି ଘଟିଛି। ସେହିପରି ନଭେମ୍ବରରେ ୨.୨୧ କୋଟି ଟଙ୍କାର ଇ-ଇନଭଏସ୍ ଟିକସଦାତାଙ୍କ ଦ୍ୱାରା ନର୍ଗମନ କରାଯାଇଛି। ଏଥିରେ ୫, ୯୨, ୯୯୯.୫୩ କୋଟି ଟଙ୍କାର କାରବାର ହୋଇଛି।

# ମୁଖ୍ୟମନ୍ତ୍ରୀ ରିସର୍ଚ୍ଚ ଫେଲୋସିପ୍ ଟେଷ୍ଟ ପାଇଁ ଆଜିଠୁ ଆବେଦନ

ଭୁବନେଶ୍ୱର, ୧।୧୨(ସମିସ): ଚଳିତ ଶିକ୍ଷାବର୍ଷ ପାଇଁ ମୁଖ୍ୟମନ୍ତ୍ରୀ ରିସର୍ଚ୍ଚ ଫେଲୋସିପ୍ ଟେଷ୍ଟ(ଏମ୍ଆର୍ଏଫ୍‌ଟି) ଆବେଦନ ପ୍ରକ୍ରିୟା ଶନିବାରଠାରୁ ଆରମ୍ଭ ହେବ। ଛାତ୍ରୀଛାତ୍ରମାନେ www.samsodisha.gov.in ୱେବ୍‌ସାଇଟ୍‌ରେ ଆବେଦନ କରିପାରିବେ। ଆବେଦନ ପ୍ରକ୍ରିୟା ୨ ତାରିଖ ପୂର୍ବାହ୍ନ ୧୧ଟାରୁ ଆରମ୍ଭ ହୋଇ ୩୦ ତାରିଖ ରାତି ୧୧ଟା ୪୫ ପର୍ଯ୍ୟନ୍ତ ଚାଲିବ। କୌଣସି ଛାତ୍ରୀଛାତ୍ର ଆବେଦନ ଫର୍ମରେ ପରିବର୍ତ୍ତନ କରିବାକୁ ଚାହୁଁଥିଲେ, ଜାନୁୟାରୀ ୩ ଓ ୪ ତାରିଖରେ ପରିବର୍ତ୍ତନ କରିପାରିବେ। ଏହି ସମୟରେ କୌଣସି ନୂଆ ଆବେଦନ ଗ୍ରହଣ କରାଯିବ ନାହିଁ। ଜାନୁୟାରୀ ୨୬ରେ ଷ୍ଟେଟ୍ ସିଲେକ୍ସନ୍ ବୋର୍ଡରେ ଆବେଦନକାରୀଙ୍କ ଡାଟା ଦାଖଲ କରାଯିବ। ପରୀକ୍ଷାର ୧୦ ଦିନ ପୂର୍ବରୁ ପରୀକ୍ଷା ତାରିଖ ଜଣାଯିବ। ଏନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇଛି।

# ବିଜାଡିହିରେ କାନ୍ଥ ପଡ଼ି ୨ ମୃତ

କୁଚିଣ୍ଡା, ୧।୧୨(ସମିସ): କୁଚିଣ୍ଡା ଥାନା ଅନ୍ତର୍ଗତ ବିଜାଡ଼ିହି ଗ୍ରାମରେ କାନ୍ଥ ପଡ଼ି ୨ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ, ନମିତା ପଟେଲ (୪୫) ଓ ଲଳିତ ଦେହୁରୀ (୬୦)। ଲଳିତ ଜଣେ ଶ୍ରମିକ ଓ ତାଙ୍କ ଘର କିଣ୍ଡିରା ଗ୍ରାମରେ ବୋଲି ଜଣାଯାଇଛି। ସୂଚନାନୁଯାୟୀ, ସକାଳ ପ୍ରାୟ ୭ଟାରେ ଘର କାନ୍ଥ ଭାଙ୍ଗୁଥିବା ବେଳେ ନମିତା ଓ ଲଳିତାଙ୍କ ଉପରେ କାନ୍ଥ ପଡ଼ି ଯାଇଥିଲା। ଉଭୟ କାନ୍ଥ ତଳେ ଚାପି ହୋଇ ରହିଥିଲେ। ସ୍ଥାନୀୟ ଲୋକ ସେମାନଙ୍କୁ ଉଦ୍ଧାର କରି କୁଚିଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ ହେଁ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ କୁଚିଣ୍ଡା ଥାନା ପୁଲିସ୍ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଶବଦ୍ୱୟକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କ ହସ୍ତାନ୍ତର କରିଛି।

**SALE**

Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact- Bhavishya Homes Pvt Ltd.

**Ph.: 9437015112**

**LOST**

ମୁଁ ତୁଷାରକାନ୍ତ ଭୋଇ, ପି: ଲକ୍ଷ୍ମୀନାରାୟଣ ଭୋଇ, ବ୫୧ର୍ଷ, ଗର୍ଭନା, ଥା- ସୋହେଲା, ବରଗଡ ତା.୧୭.୦୮.୨୦୨୩ରିଖ ଦିନ ସୋହେଲା ତହସିଲ ଅଫିସ୍‌କୁ ମୋର ଜମି ବାଡିର କାଗଜପତ୍ର ଧରି ଅଫିସ କାମ ପାଇଁ ଆସିଥିଲି। ସେଠାରେ ପହଁଚିବା ପରେ ଦେଖିଲି ମୋର ଓ ମୋର ଭାଇ ହେମନ୍ତ ଭୋଇ ନାମରେ ଥିବା ସୋହେଲା ମୌଜାର ମେଜର ଖାତା ନଂ.: ୨୫୮ ବ୍ୟାଗରୁ କେଉଁଆଡେ ପଡିଯାଇଛି ଅନେକ ଖୋଜାଖୋଜି ପରେ ତାହା ପାଇଲି ନାହିଁ। ଯଦି କୌଣସି ସହୃଦୟ ବ୍ୟକ୍ତି ପାଆନ୍ତି ତେବେ ୯୮୬୧୩୦୪୬୫୪ରେ ଜଣାଇବାକୁ ଅନୁରୋଧ।

**VEHICLE SALE**

BHARAT BENZ 3123 TRUCK 2019 MODEL, Regn No. OD-29-F-8872 in as is where is condition. Contact: M/S Sundaram Finance Limited, PARADIP BRANCH, Ph:0672-2295252 within 7 days.

**AFFIDAVIT**

I, Sugeeta Satapathy, W/o- Bibhu Prasad Dash, resident of Plot No. L-3/65, Acharya Vihar, PS- Saheed Nagar, Bhubaneswar, Dist- Khurda, Pin-751013, Odisha declared by this affidavit No. 2107, dated-30/11/2023, that now onwards I shall be known as **SUGITA DASH** for all future purposes.

**AFFIDAVIT**

An Affidavit before Executive Magistrate, Chilika, I Gajiendra Palei S/o Sachindra Palei solemnly declared that I have changed my name by this affidavit no- 683, Dt: 28.11.2023 from Gadia Palai to Gajiendra Palei S/o Chhachi Palai to Sachindra Palei. Henceforth I Shall be Known as Gajiendra Palei S/o Sachindra Palei, Biribadi, Tangi, Khordha, Odisha for all purposes.

**AFFIDAVIT**

By virtue of Affidavit before Executive Magistrate, Angul, I Rashmita Behera,W/o Susanta Senapati ,At-Jhadabandha ,P.O-Nimabahali ,P.S- Balimi ,Dist-Dhenkanal, I am Rashmita Behera as per documents.But my name is wrongly mentioned by our mistake as Rashmita Senapati in my Son Durga Madhab Senapati 's Mark statement cum Certificate issued by CBSE examination,2023 and Migration Certificate and Kendriya Vidyalaya Transfer Certificate to my Son ,Admission No.-0160/2017,CBSE Regd.No.-B/123/19272/0028,RollNo-12136385 instead of Rashmita Behera. Rashmita Behera and Rashmita Senapati is one and same Person in our locality. I shall be known as Rashmita Behera for all Purposes .

Rashmita Behera

**AFFIDAVIT**

An Affidavit before Executive Magistrate, Sukinda, Jajpur that Pravasini Munda D/o Sukura Munda and Prabhashini Munda D/o Sukura Munda of village Sarangapur, Po- Khurunti, Ps-Kalinganagar, Dist Jajpur is same and one person.

**AFFIDAVIT**

I, Sreelekha Das, W/o - Samarendra Kumar Patnaik, resident of AT- Block-A/302, Sriram Vihar Apartment, PS-Nayapalli, Bhubaneswar, Dist- Khurda, Pin-751012, Odisha declared by this affidavit No.2141, dated- 01/12/2023, that now onwards I shall be known as **SRILEKHA PATNAIK** for all future purposes.

**AFFIDAVIT**

I, Sri. Sudhir Behera, son of Sri Dombaru Behera, At/po- jeypore, dist- koraput hereby notice to all concern that I have lost/misplaced from my custody the original regd. Sale Deed No. 11171502240 of 2015. Despite of my best effort I am unable to trace the same. I have not created any equitable mortgage or charge with any bank of financial institution by depositing the aforesaid original Regd sale Deed vide document number 11171502240, as security for any advance before creating mortgage with respect to my property covered under khata no-263/4456 and plot no-731/1460/6111 of jeypore mouza measuring Ac. 0.02 cents out of Ac. 0.04 cents in utkal grameen bank, main branch,jeypore. if any individual bank of financial institution is holding the said original sale Deed as security for any advance/loan granted. They are requested to inform the branch manager, utkal grameen bank, Main branch, jeypore with supporting documents within the fifteen days of publication of this notice, from which I have availed loan by depositing the certified copy of Regd. Sale Deed relating to the property as security for the loan.

**AFFIDAVIT**

I Rabindranath Khatua @ RN khatua @ Sir Rabindra Nath Khatua S/o Late Balaram Khatua of vill - Itagadi, Po – Jaypur, Ps - Tihidi, Dist - Bhadrak by the virtue of the affidavit sworn befor Executive Magistrate-Cum-Tahasildar, Tihidi vide affidavit No – 6059, dated – 21/11/2023 hereby declare that henceforth I shall be only known as " RN Khatua " S/o Late Balaram Khatua of above address for all purposes.

Sd/- Sudhir Behera

## ଅବଶିଷ୍ଟାଂଶ

### ଦୌଡ଼ିଲା ଓଡ଼ିଶା...

ଏହି ମାରାଥନ ଆୟୋଜିତ ହୋଇଥିଲା। ଭୁବନେଶ୍ୱରରେ ଶିଶୁଭବନ ଛକରୁ ଏହି ଗଣଦୌଡ଼ ଆରମ୍ଭ ହୋଇ ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆ ନିକଟସ୍ଥ ଏକାମ୍ର ହାଟରେ ଶେଷ ହୋଇଥିଲା। ଏଥିରେ ପ୍ରାୟ ୧୫୦୦ରୁ ଊର୍ଦ୍ଧ୍ୱ ମାରାଥନ୍ ଅଂଶଗ୍ରହଣକାରୀ ସାମିଲ ହୋଇଥିଲେ। ସେହିପରି କଟକର 'ଆଇ ଲଭ୍ କଟକ' ଯୋବ୍ରାଠାରୁ କଟକ ରେଳ ଷ୍ଟେସନ ନିକଟ ପର୍ଯ୍ୟନ୍ତ ମାରାଥନ୍ ଅନୁଷ୍ଠିତ ହୋଇଥିବାବେଳେ ପୁରୀରେ ତାଳବଣିଆ ଆରମ୍ଭଠାରୁ ତାଳବଣିଆ ସ୍ପୋର୍ଟସ କମ୍ପ୍ଲେକ୍ସରେ ପରିସମାପ୍ତି ଘଟିଥିଲା। ରାଉରକେଲାରେ ଆମ୍ରବାଗାନ ଗୋପବନ୍ଧୁ ଛକଠାରୁ ସେକ୍ଟର-୨ ବିଜୁ ପଟ୍ଟନାୟକ ଛକ ପର୍ଯ୍ୟନ୍ତ, ସମ୍ବଲପୁରରେ ଜି. ଏମ୍ ବିଶ୍ୱ ବିଦ୍ୟାଳୟଠାରୁ ଗାନ୍ଧୀପାର୍କ ୪ସି ଗ୍ରାଉଣ୍ଡ ଓ ବ୍ରହ୍ମପୁରରେ ଏମ୍‌କେସିଜି ମେଡ଼ିକାଲ ଛକଠାରୁ ଖଲ୍ଲିକୋଟ କଲେଜ୍ ପର୍ଯ୍ୟନ୍ତ ଗଣଦୌଡ଼ ଅନୁଷ୍ଠିତ ହୋଇଛି। ବାଲେଶ୍ୱରରେ ଗାନ୍ଧୀ ସ୍ମୃତି ଭବନଠାରୁ ଗାନ୍ଧୀ ସ୍ମୃତି ଭବନ, ଅନୁଗୁଳରେ ଜଗନ୍ନାଥ ମନ୍ଦିରଠାରୁ ଶୈଳ ଶ୍ରୀକ୍ଷେତ୍ର, ଜୟପୁରରେ ରାଜନଅର ଜଙ୍କସନରୁ ମାରାଥନ ଆରମ୍ଭ ହୋଇ ସହର ପରିକ୍ରମା କରିବା ପରେ ସେଇଠି ସମାପ୍ତି ଘଟିଛି। ମାରାଥନ୍ ବେଳେ ଅଂଶଗ୍ରହଣକାରୀଙ୍କ ମଧ୍ୟରେ ଅପୂର୍ବ ଉତ୍ସାହ ପରିଲକ୍ଷିତ ହୋଇଥିବା ବେଳେ ସକାଳର ଏପରି ପ୍ରୟାସକୁ ରାଜ୍ୟବ୍ୟାପୀ ଉଚ୍ଚ ପ୍ରଶଂସା ମିଳିଛି। ପାଠକଙ୍କ ପ୍ରିୟ ତଥା ବହୁଳ ପ୍ରସାରିତ 'ସକାଳ'ର ସ୍ୱନକ୍ଷତ୍ର ଅବସରରେ ଜନସଚେତନତା ସୃଷ୍ଟି ପାଇଁ ଏହି ମାରାଥନ୍ ଦୌଡ଼ର ସିଧା ପ୍ରସାରଣ ନନ୍ଦିଘୋଷ ଟିଭିରେ କରାଯାଇଥିଲା। ରୁଚି ଓ ଫ୍ରୋଜିଟ୍ ସହଭାଗିତାରେ କେୟାର ହସ୍‌ପିଟାଲ, ଅଜନ୍ତା ଆଡଭାଟାଇଜର୍ସ, ଫାଲକନ୍ ଗ୍ରୁପ୍, କେୟାର ହସ୍ପିଟାଲ, ନାଲ୍‌କୋ, ବେଦାନ୍ତ ପ୍ରମୁଖ ଏହି କାର୍ଯ୍ୟକ୍ରମର ପୃଷ୍ଠପୋଷକ ରହିଥିଲେ। ସକାଳର ଭୁବନେଶ୍ୱର ବ୍ୟୁରୋ କାର୍ଯ୍ୟାଳୟ ସହ ବିଭିନ୍ନ ସଂସ୍କରଣର ଆଞ୍ଚଳିକ ମୁଖ୍ୟ, ଜିଲ୍ଲା ପ୍ରତିନିଧି ଏବଂ ଅନ୍ୟ କର୍ମଚାରୀଙ୍କ ସହଯୋଗରେ ଏହି ମାରାଥନ୍ ସଫଳତାର ସହ ସମ୍ପୂର୍ଣ୍ଣ ହୋଇଛି।

### ପ୍ରତ୍ୟେକଙ୍କୁ ୨ ଲକ୍ଷ...

ସେହିପରି ଉଦ୍ଧାର କାର୍ଯ୍ୟ ଶେଷ ପରେ '୫-ଟି' ଅଧ୍ୟକ୍ଷ ଭିଡ଼ିଓ କଲ କରି ସେମାନଙ୍କ ସୁଖଦୁଃଖ ବୁଝିଥିବାରୁ ଓ ସାହସ ଦେଇଥିବାରୁ ସେମାନେ ଅତ୍ୟନ୍ତ ଆନନ୍ଦିତ ବୋଲି କହିଥିଲେ। ଏହି ସମୟରେ ସେମାନଙ୍କ ପରିବାର ଲୋକମାନେ ମଧ୍ୟ ଉପସ୍ଥିତ ଥିଲେ।

ଉତ୍ତରାଖଣ୍ଡରେ ଟନେଲ୍ ଫସିଥିବା ଶ୍ରମିକଙ୍କ ଭଲମନ୍ଦ ବୁଝିବା ସହ ସେମାନଙ୍କ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ପାଇଁ ରାଜ୍ୟ ଶ୍ରମ ବିଭାଗର ଅଧିକାରୀମାନେ ତୁରନ୍ତ ସେଠାକୁ ଯାତ୍ରା କରିଥିଲେ। ପରବର୍ତ୍ତୀ ସମୟରେ ରାଜ୍ୟ ଶ୍ରମମନ୍ତ୍ରୀ ସାରଦା ପ୍ରଶାଦ ନାୟକଙ୍କ ସହ ଶ୍ରମିକମାନଙ୍କ ପରିବାର ସଦସ୍ୟ ଉତ୍ତରକାଶୀ ଗସ୍ତ କରିଥିଲେ। ଶ୍ରମିକମାନେ ହସ୍ପିଟାଲରୁ ଡିସ୍‌ଚାର୍ଜ ହେବା ପରେ ଶ୍ରମ ମନ୍ତ୍ରୀଙ୍କ ସହିତ ଓଡ଼ିଶା ଫେରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ଶ୍ରମିକମାନେ ସାକ୍ଷାତ କରିବା ସମୟରେ ଶ୍ରମ ମନ୍ତ୍ରୀ ଓ ଓ ଶ୍ରମ କମିଶନର ପ୍ରମୁଖ ଉପସ୍ଥିତ ଥିଲେ।

### ଡିସେମ୍ବର ସୁଦ୍ଧା...

ଆଧାରିତ ଡିଜାଇନ୍ ଜରିଆରେ ଟର୍ମିନାଲକୁ ସୁଦୃଶ୍ୟ କରିବା ଲାଗି ଶ୍ରୀ ପାଣ୍ଡିଆନ୍ ନିର୍ମାଣ ଦାୟିତ୍ୱରେ ଥିବା ସଂସ୍ଥାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଆଇଏସ୍‌ବିଟିରେ ବସ୍ ପାର୍କିଂ, ବସ୍ ଚାଳକଙ୍କ ପାଇଁ ଡର୍ମିଟୋରୀ, ଅଟୋ ରିକ୍ସା/ଟ୍ୟାକ୍ସି/ବାଇକ୍ ପାଇଁ ପାର୍କିଂ ସ୍ଥଳ ଆଦି ନିର୍ମାଣ ସୁନିଶ୍ଚିତ କରିବା ଲାଗି କହିଛନ୍ତି।

ଅନୁରୂପ ଭାବରେ ଟ୍ୟାକ୍ସି ଚାଳକ ସଂଘ, ବସ୍ ମାଲିକ ସଂଘ, ଓଏସ୍‌ଆରଟିସି ଆଦିଙ୍କ ପରାମର୍ଶ ଅନୁସାରେ ଆଇଏସ୍‌ବିଟିରେ ଆନୁସଙ୍ଗିକ ବ୍ୟବସ୍ଥା କରିବା ଲାଗି ଶ୍ରୀ ପାଣ୍ଡିଆନ୍ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଡିଏ ଉପାଧ୍ୟକ୍ଷ ବଲୱନ୍ତ ସିଂ, ବିଏମ୍‌ସି ଓ ବିଡିଏର ଅଧିକାରୀ, ନିର୍ମାଣ ଦାୟିତ୍ୱ ନେଇଥିବା ବ୍ରିଜ୍ ଆଣ୍ଡ ରୁଫ୍ କମ୍ପାନୀ (ଇଣ୍ଡିଆ) ଲିମିଟେଡ୍‌ର କର୍ତ୍ତୃପକ୍ଷ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ୧୫.୫ ଏକର ଜମି ଉପରେ ବିଡିଏ ପକ୍ଷରୁ ବରମୁଣ୍ଡା ଆଇଏସ୍‌ବିଟି ପ୍ରକଳ୍ପ ନିର୍ମାଣ କରାଯାଉଛି। ଏଠାରେ ଯାତ୍ରୀ ସୁବିଧା ପାଇଁ ବିଭିନ୍ନ ବ୍ୟବସ୍ଥା ସହିତ କାର୍ଯ୍ୟାଳୟ, ପାର୍କିଂ, ଫୁଡ୍ କୋର୍ଟ, ରେଷ୍ଟୁରାଣ୍ଟ, ବାଣିଜ୍ୟ ସ୍ଥଳ ଆଦି ରହିବ।

### ଦୁଇ ପରିବାରର...

ପରିବାରର ବୋଲି ଜଣାଯାଇଛି। ଏମାନଙ୍କ ମଧ୍ୟରୁ ୩ଜଣ ପୂର୍ବତନ ସାଂସଦ ରେଣୁବାଳା ପ୍ରଧାନଙ୍କ ସମ୍ପର୍କୀୟ ବୋଲି ସୂଚନା ମିଳିଛି। ସେହିପରି ଆହତମାନେ ହେଲେ, ହରିଓମ୍ ଗୌଡ଼(୧୭), ବାସନ୍ତୀ ଗୌଡ଼(୪୦), ଚିନ୍ମୟ ଗୌଡ଼(୧୭), ମାମା ଗୌଡ଼(୨୩), ରଞ୍ଜିତା ଗୌଡ଼(୧୬), ସାଇରାମ ଗୌଡ଼(୩), ସନ୍ତୋସିନୀ ଗୌଡ଼(୧୭), କୁନା ଗୌଡ଼(୩୫), ଝୁମୁରୀ ଗୌଡ଼(୩୫), ସାଲିନୀ ଗୌଡ଼(୬), ସରୋଜ ଗୌଡ଼(୪)। ସେମାନଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସେମାନଙ୍କର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା କେନ୍ଦୁଝର ସିଡିଏମ୍‌ଓ କିଶୋର ଚନ୍ଦ୍ର ପୃଷ୍ଟି କହିଛନ୍ତି। ମୃତାହତମାନଙ୍କ ଘର ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ୍‌ର ପୋଡ଼ାମାରି ଓ ବଡାଗଡ଼ ଗାଁରେ ବୋଲି ଜଣାଯାଇଛି।

ସୂଚନାନୁଯାୟୀ, ଦିଗପହଣ୍ଡି ବ୍ଲକ ପୋଡ଼ାମାରି ଓ ଆଖପାଖ ଅଞ୍ଚଳର କିଛି ବ୍ୟକ୍ତି ଓ ସେମାନଙ୍କ ସମ୍ପର୍କୀୟଙ୍କୁ ମିଶାଇ ମୋଟ ୨୧ଜଣ ଏକ ୱିଙ୍ଗର ପାସେଞ୍ଜର୍ ଭ୍ୟାନ୍ (ନଂ. ଓଡି୦୭-ଏଏଲ-୦୯୭୫)ରେ ଖୁନ୍ଦାଖୁନ୍ଦି ହୋଇ ମା' ତାରିଣୀଙ୍କ ଦର୍ଶନ ଲାଗି ଜାତୀୟ ରାଜପଥ-୨୦ରେ ପାଣିକୋଇଲି ପଟୁ ଘଟଗାଁ ଆସୁଥିଲେ। ରାତି ହୋଇଥିବାରୁ ଯାତ୍ରୀମାନେ ସମସ୍ତେ ଶୋଇ ପଡ଼ିଥିଲେ। ତେବେ ଘଟଗାଁରେ ପହଞ୍ଚିବାର ୪ କିଲୋମିଟର ପୂର୍ବରୁ ମେଲଣ ବାଲିଯୋଡ଼ି ନିକଟରେ ସକାଳ ପ୍ରାୟ ୪.୩୦ରୁ ୫ଟା ମଧ୍ୟରେ ଚାଳକଙ୍କ ଅସାବଧାନତା ଯୋଗୁଁ ରାସ୍ତାକଡ଼ରେ ଛିଡ଼ା ହୋଇଥିବା ଏକ ଟ୍ରକ୍ (ନଂ. ଓଡି୦୫-ଏୟୁ-୯୮୬୫)କୁ ଭ୍ୟାନ୍‌ଟି ପଛରୁ ଜୋର୍‌ରେ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ହିଁ ୭ ଜଣଙ୍କ ପ୍ରାଣ ଚାଲି ଯାଇଥିଲା। ଖବର ପାଇ ଅଗ୍ନିଶମ ବାହିନୀ, ପୁଲିସ ଓ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ଅନ୍ୟ ୧୩ଜଣଙ୍କୁ ଗାଡ଼ି ଭିତରୁ ବାହାର କରି ଘଟଗାଁ ଡାକ୍ତରଖାନା ପଠାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ୪ବର୍ଷୀୟ ଶିଶୁ ରୁଦ୍ର ଗୌଡ଼ଙ୍କ ମୃତ୍ୟୁ ହୋଇଯାଇଥିଲା। ଅନ୍ୟ ୧୨ଜଣଙ୍କ ମଧ୍ୟରେ କେବଳ ଜଗଦୀଶ ଗୌଡ଼(୧୫)ଙ୍କୁ ସାମାନ୍ୟ ଚିକିତ୍ସା ପରେ ଛାଡ଼ି ଦିଆଯାଇଥିଲା। ବାକି ସମସ୍ତଙ୍କୁ ପ୍ରଥମେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ମାତ୍ର ସେଠାରେୟ ସେମାନଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ସମସ୍ତଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ଦୁର୍ଘଟଣା ପରେ କୌଶଳକ୍ରମେ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିବା ଗାଡ଼ି ଚାଳକ ଗଞ୍ଜାମ ପନାଡ଼ୋ ଅଞ୍ଚଳର ଚିତ୍ରସେନ ଗୌଡ଼ଙ୍କୁ ଘଟଗାଁ ଥାନା ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି।

ଅନ୍ୟପକ୍ଷରେ ପଞ୍ଚନାମା ପରେ ମୃତଦେହଗୁଡ଼ିକୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇ ଦିଆଯାଇଥିଲା। ଧରଣୀଧର ମେଡିକାଲ କଲେଜର ଆସୋସିଏଟ୍ ପ୍ରଫେସର୍ ଡା. ରଥିନ୍ କୁମାର ଦ୍ୱାରୀ, ଆସିଷ୍ଟାଣ୍ଟ ପ୍ରଫେସର ଡା. ଜୟପ୍ରକାଶ ପରିଡ଼ା, ଡା. ଲଳିତା ସୋରେନ, ଡା. ଲିପ୍ସିତା ଦାଶ ପ୍ରମୁଖଙ୍କ ନେଇ ଗଠିତ ଡାକ୍ତରୀ ଟିମ୍ ମୃତଦେହଗୁଡ଼ିକର ବ୍ୟବଚ୍ଛେଦ କରିଥିଲେ। କେନ୍ଦୁଝର ଜିଲ୍ଲାପାଳ ଆଶିଷ ଠାକ୍‌ରେ ଗୁରୁତରମାନଙ୍କର ଚିକିତ୍ସାର ତଦାରଖ କରିବା ପରେ ଶବ ବ୍ୟବଚ୍ଛେଦ ଗୃହ ସମ୍ମୁଖରେ ଉପସ୍ଥିତ ରହି ବ୍ୟବସ୍ଥାର ତଦାରଖ କରିଥିଲେ। ଏସ୍‌ପି ନୀତିନ କୁଶଲକର ଦୁର୍ଘଟଣାସ୍ଥଳ ପରିଦର୍ଶନ ପରେ ଘଟଗାଁ ମେଡିକାଲ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଯାଇ ଗୁରୁତରମାନଙ୍କ ଅବସ୍ଥା ପଚାରି ବୁଝିଥିଲେ। ବ୍ୟବଚ୍ଛେଦ ପରେ ମୃତଦେହଗୁଡ଼ିକୁ ୪ଟି ମହାପ୍ରୟାଣ ଗାଡ଼ିରେ ସେମାନଙ୍କ ଘରକୁ ପଠାଇ ଦିଆଯାଇଛି।

### ପାରାଦ୍ୱୀପ ବନ୍ଦରରୁ...

ଜାହାଜଟି ଇଣ୍ଡୋନେସିଆର ଗ୍ରେସିକ୍ ବନ୍ଦରକୁ ଯାଇଥିଲା। ପରେ ସେଠାରୁ ଆସି ଗତ ୨୨ ତାରିଖରେ ପାରାଦୀପ ବନ୍ଦରରେ ଲାଗିଥିଲା। ପାରାଦୀପରୁ ଷ୍ଟିଲ ପ୍ଲେଟ୍ ନେଇ ଏହା ଡେନ୍‌ମାର୍କ ଯାଇଥାନ୍ତା` ଜାହାଜରେ ଷ୍ଟିଲ୍-ପ୍ଲେଟ୍ ଲୋଡ୍ କରାଯାଉଥିବା ବେଳେ କ୍ରେନ୍ ଅପରେଟର୍ ଜାହାଜରେ କିଛି ପ୍ଲାଷ୍ଟିକ୍ ପ୍ୟାକେଟ୍ ସନ୍ଦିଗ୍ଧ ଅବସ୍ଥାରେ ଥିବା ଦେଖିବାକୁ ପାଇଥିଲେ। ଏଥିରେ ବିସ୍ଫୋରକ ସାମଗ୍ରୀ ଥିବା ସନ୍ଦେହ କରି ଏ ସଂପର୍କରେ ସେ ବନ୍ଦର କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ସତ୍ୟାସତ୍ୟ ଯାଞ୍ଚ କରିବା ପାଇଁ ଗୁରୁବାର ବିଳମ୍ବିତ ରାତିରେ ସିଆଇଏସ୍‌ଏଫ୍, ପାରାଦୀପ ପୁଲିସ୍, ଡଗ୍ ସ୍କ୍ୱାଡ୍ ଓ କଷ୍ଟମ୍‌ସ୍ ବିଭାଗ ଅଧିକାରୀ ପହଞ୍ଚି ଯାଞ୍ଚ କରିଥିଲେ। ସେମାନେ ସ୍କାନର୍‌ରେ ଯାଞ୍ଚ କରିବା ପରେ ତାହା ବୋମା ନୁହେଁ ବୋଲି ସ୍ପଷ୍ଟ ହୋଇଥିଲା। ପରେ ଉକ୍ତ ପ୍ୟାକେଟ୍‌କୁ ଯାଞ୍ଚ କରାଯିବାରୁ ସେଥିରୁ ଧଳା ପାଉଡର୍ ଭଳି କିଛି ସାମଗ୍ରୀ ମିଳିଥିଲା। ଏନେଇ ଭୁବନେଶ୍ୱରରୁ ଡ୍ରଗ ଡିଟେକ୍ସନ ଟିମ୍‌କୁ ଯୋଗାଯୋଗ କରାଯିବା ପରେ ତାହା ମାରାତ୍ମକ ନିଶାଦ୍ରବ୍ୟ କୋକେନ୍ ବୋଲି ଜଣାପଡ଼ିଛି। ଜାହାଜକୁ ଜବତ କରି ବିଭିନ୍ନ ଯାଞ୍ଚ ଏଜେନ୍ସି ତଦନ୍ତ କରୁଛନ୍ତି। ଜାହାଜର ମାଲିକ ଭିଏତ୍‌ନାମର ହୋଇଥିବା ବେଳେ ଏହା ପାନାମାରେ ପଞ୍ଜୀକରଣ ହୋଇଛି। ଜାହାଜରେ କାମ କରୁଥିବା ୨୧ ଭିଡଏତ୍‌ନାମ କର୍ମଚାରୀଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି। ଏତେ ପରିମାଣର ନିଷିଦ୍ଧ ନିଶାଦ୍ରବ୍ୟ କେଉଁଠାରୁ ଆସିଥିଲା ଓ କୁଆଡ଼େ ଯାଇଥା'ନ୍ତା, ତାକୁ ନେଇ ଖୋଳତାଡ଼ କରାଯାଉଛି।

ଜବତ ସାମଗ୍ରୀର ଯାଞ୍ଚ ପାଇଁ ଆଜି ଭୁବନେଶ୍ୱରରୁ ସୀମାଶୁଳ୍କ ବିଭାଗର ବରିଷ୍ଠ ଅଧିକାରୀ ଡ୍ରଗ ଟେଷ୍ଟିଂ କିଟ୍ ସହ ପାରାଦୀପରେ ପହଞ୍ଚିଥିଲେ। ସେମାନେ ସେଠାରେ ସମସ୍ତ ୨୨ ପ୍ୟାକେଟ୍ ଯାଞ୍ଚ କରିବା ପରେ ସେଥିରେ କୋକେନ ଥିବା ସ୍ପଷ୍ଟ କରିଛନ୍ତି। "ଜାହାଜରୁ ସମସ୍ତ କର୍ମଚାରୀଙ୍କୁ ବାହାର କରି ଦିଆଯାଇଥିବା ଜଣାଯାଇଛି। ତେବେ ଏହି ଘଟଣାରେ କାହାକୁ ଅଟକ ରଖାଯାଇ ନ ଥିବା ସୂଚନା ମିଳିଛି।

### ଆନ୍ଧ୍ର ଛୁଇଁ...

୩ତାରିଖ ବେଳକୁ ଦକ୍ଷିଣପଶ୍ଚିମ ବଙ୍ଗୋପସାଗରରେ ବାତ୍ୟାରେ ପରିଣତ ହେବ। ୪ତାରିଖ ସଂଧ୍ୟାରେ ଏହା ଚେନ୍ନାଇ ଓ ମଛିଲିପଟନମ୍ ଉପକୂଳ ନିକଟବର୍ତ୍ତୀ ହୋଇ ଦିଗ ପରିବର୍ତ୍ତନ କରି ଉତ୍ତର ଆଡ଼କୁ ଗତି କରିବ। ୫ ତାରିଖରେ ବାତ୍ୟାଟି ଆନ୍ଧ୍ରପ୍ରଦେଶର ନେଲ୍ଲୁର ଓ ମଛିଲିପଟନମ୍ ମଝିରେ ସ୍ଥଳଭାଗ ଅତିକ୍ରମ କରିବ।

ବାତ୍ୟା ପ୍ରଭାବରେ ରାଜ୍ୟରେ ୩ ତାରିଖରୁ ପାଗ ପରିବର୍ତ୍ତନ ହେବାର ସମ୍ଭାବନା ରହିଛି। ୪ ତାରିଖରେ ଦକ୍ଷିଣ ଓଡ଼ିଶାର ୪ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେହି ଜିଲ୍ଲାଗୁଡ଼ିକ ହେଲା, ମାଲକାନଗିରି, କୋରାପୁଟ, ରାୟଗଡ଼ା ଓ ଗଜପତି। ସେହିପରି ୫ତାରିଖରେ ବର୍ଷାର ପରିମାଣ ବଢ଼ିବା ସହ କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଅନ୍ୟପଟେ ୪ ତାରିଖରେ ଗଜପତି, ଗଞ୍ଜାମ, ପୁରୀ ଓ ଜଗତସିଂହପୁର ଜିଲ୍ଲାରେ ପବନର ବେଗ ବୃଦ୍ଧି ପାଇ ୩୫ରୁ ୫୫ କିମି ବେଗରେ ବହିବ ବୋଲି ପାଣିପାଗ କେନ୍ଦ୍ର କହିଛି। ୧ ତାରିଖରୁ ସମୁଦ୍ର ଅଶାନ୍ତ ରହୁଥିବା କାରଣରୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ନ ଯିବା ପାଇଁ ବାରଣ କରାଯାଇଛି। ଏହାସହ ରାଜ୍ୟର ସମସ୍ତ ବନ୍ଦର ପାଇଁ ୧ ନଂ ବିପଦ ସଙ୍କେତ ଜାରି ହୋଇଛି।

ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ପରିବେଶ ଓ ଜଳବାୟୁ କେନ୍ଦ୍ର (ସିଇସି) ସୂଚନାନୁଯାୟୀ, ବାତ୍ୟା ଆନ୍ଧ୍ର ଉପକୂଳକୁ ଗତି କରିବା ହେତୁ ଏହା ପ୍ରଭାବରେ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲ୍ଲା ଯେପରିକି କୋରାପୁଟ, ମାଲକାନଗିରି, ରାୟଗଡ଼ା, ଗଜପତି ଓ ଗଞ୍ଜାମରେ ଡିସେମ୍ବର ୫ତାରିଖରେ ପବନର ବେଗ ଘଣ୍ଟା ପ୍ରତି ୭୫କିମି ରହିବାର ସମ୍ଭାବନା ରହିଛି। ଏଥିସହ ଏହି ସବୁ ଜିଲ୍ଲା ସମେତ କନ୍ଧମାଳ, କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲାରେ ମଧ୍ୟମରୁ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବା ସିଇସି କହିଛି। ଏହି ସବୁ ଜିଲ୍ଲାଗୁଡ଼ିକରେ ଡିସେମ୍ବର ୫ ଓ ୬ ତାରିଖରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ଆଶଙ୍କା ଥିବା ବେଳେ ଡିସେମ୍ବର ୫ରୁ ୭ତାରିଖ ମଧ୍ୟରେ ଖୋର୍ଦ୍ଧା, ନୟାଗଡ଼, ପୁରୀ ଓ କଟକ ଜିଲ୍ଲା ସମେତ ଏହାର ନିକଟବର୍ତ୍ତୀ ଅଞ୍ଚଳଗୁଡ଼ିକର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ମଧ୍ୟମ, ପ୍ରବଳ ଓ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବା ସିଇସି କହିଛି।

### ତୃତୀୟ ଲିଙ୍ଗୀଙ୍କ ପାଇଁ...

ଏହି କମିଟି ମୁଖ୍ୟତଃ କିନ୍ନର ଅବା ତୃତୀୟ ଲିଙ୍ଗୀଙ୍କର କୌଣସି ସ୍ୱାସ୍ଥ୍ୟଗତ ସମସ୍ୟା ଏବଂ ଲିଙ୍ଗ ପରିବର୍ତ୍ତନ ଅସ୍ତ୍ରୋପଚାର ସମ୍ପର୍କିତ ମାମଲା ଉପରେ ନିଷ୍ପତ୍ତି ଗ୍ରହଣ କରିବା ସହ ହିତାଧିକାରୀଙ୍କୁ ସେବା ସୁନିଶ୍ଚିତ କରିବେ। ସେମାନଙ୍କ ଚିକିତ୍ସା, ପରାମର୍ଶ ଏବଂ କାଉନସେଲିଂ ଦିଗରେ କମିଟି ପଦକ୍ଷେପ ନେବ। ଏନ୍‌ଏଚ୍‌ଆରସିଙ୍କ ନିର୍ଦ୍ଦେଶ ଅନୁସାରେ ତୃତୀୟ ଲିଙ୍ଗୀ ନାଗରିକଙ୍କ ପାଇଁ ବୃଦ୍ଧାଶ୍ରମ ନିର୍ମାଣ, ସର୍ବସାଧାରଣ ସ୍ଥାନରେ ଅଲଗା ଶୌଚାଳୟ ବ୍ୟବସ୍ଥା ଏବଂ କଳାନୈପୁଣ୍ୟ ପ୍ରଦର୍ଶନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରିବା ଲାଗି ରାଜ୍ୟ ସରକାର ପଦକ୍ଷେପ ନେବେ। ଏପରିକି ସରକାରୀ ଡାକ୍ତରଖାନାରେ ଲିଙ୍ଗ ପରିବର୍ତ୍ତନ ଅସ୍ତ୍ରୋପଚାର କଲେ, ହିତାଧିକାରୀଙ୍କୁ ଆର୍ଥିକ ସହାୟତା ଦେବା ଲାଗି କମିଶନ୍ ନିର୍ଦ୍ଦେଶ ଦେଇଛନ୍ତି।

O-1690

E-mail: eerw_ptng@yahoo.in
Phone No – 06658-222121

GOVT OF ODISHA
OFFICE OF THE SUPERINTENDING ENGINEER,
RURAL WORKS DIVISION PATNAGARH

e Procurement Notice

IFB IDENTIFICATION NO. EEPTNG- Online -10/2023-24

| | | | |
|---|---|---|---|
| 1. | Name of work | : | Construction of Wire-cum-Bridge works |
| 2. | Total no of work | : | 07 (Seven) Wire-cum-Bridge works |
| 3. | Time for completion | : | 09 (Nine) Calendar month |
| 4. | Approximate estimated cost | : | 73.67 Lakh to 98.22 lakh |
| 5. | Mode of Submission of tender | : | Tender should be submitted online in www.tendersorissa.gov.in |
| 6. | Other details are as follow | | |

| Procurement Officer | Bid Identification No. | Availability of Tender online for bidding | | Last date and time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Executive Engineer, R.W.Divn., Patnagarh | EEPTNG-Online-10/2023-24 | 07.12.2023 at 11.00 AM | 21.12.2023 upto 5.00 P.M | 20.12.2023 upto 5.00 PM | 22.12.2023 at 11.000 A.M | The date will be intimated to the technically qualified bidders later |

- Further details can be seen from the website www.tendersorissa.gov.in
- Any Corrigendum/Addendum will be displayed in the above e tender website only.

Executive Engineer
R.W.Division, Patnagarh

OIPR-25154/11/0013/2324

# ଅଜଣା ଗାଡ଼ି ଧକ୍କାରେ ମହିଳା ମୃତ

**ସୁନ୍ଦରଗଡ଼, ୧।୧୨(ସମିସ):** ଶୁକ୍ରବାର ଅପରାହ୍ନରେ ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ ଫଗୁଆପଡ଼ା ନିକଟରେ ଅଜଣା ଗାଡ଼ି ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଉର୍ମିଳା ବାଗ। ଉର୍ମିଳା ରାସ୍ତାରେ ଚାଲି ଚାଲି ଯାଉଥିବା ବେଳେ କୌଣସି ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଥିଲା। ସଡ଼କ ଦୁର୍ଘଟଣାଜନିତ ଶୂନ୍ୟମୃତ୍ୟୁ ସପ୍ତାହ ପାଳନର ପ୍ରଥମ ଦିନରେ ଦୁର୍ଘଟଣା ଘଟି ଜଣେ ନିରୀହ ପଥଚାରୀଙ୍କ ମୃତ୍ୟୁ ଉଦବେଗର କାରଣ ହୋଇଛି।

# ଖବର ପ୍ରସାରଣ ପରେ ଦିବ୍ୟାଙ୍ଗ ପାଇଲେ ସିପି ହ୍ୱିଲ ଚେୟାର



**ହେମଗିରି, ୧।୧୨(ସମିସ):** ଖବର ପ୍ରସାରଣର ପ୍ରଭାବରେ ହେମଗିରି ବ୍ଲକ ଅନ୍ତର୍ଗତ ବିୟାହାନ ଗ୍ରାମର ବିନୋଦ ଶିକାରୀ ପାଇପାରିଲେ ସିପି ହ୍ୱିଲ ଚେୟାର। ହେମଗିରି ବିଡିଓ ବିଶ୍ୱନାଥ ସାହୁଙ୍କ ଉପସ୍ଥିତିରେ ତାଙ୍କୁ ହ୍ୱିଲ୍ ଚେୟାର ପ୍ରଦାନ କରାଯାଇଛି।

# ନବୋଦୟ ବିଦ୍ୟାଳୟରେ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସ




**ସୁନ୍ଦରଗଡ଼, ୧।୧୨(ସମିସ):** ସର୍ଗିପାଲି ଜିଙ୍କନଗରସ୍ଥିତ ପିଏମ ଶ୍ରୀ ସ୍କୁଲ ଜବାହର ନବୋଦୟ ବିଦ୍ୟାଳୟରେ ଭୋପାଳ ସମ୍ଭାଗସ୍ତରୀୟ ଦୁଇଦିନିଆ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ଅଧକ୍ଷ ତାପସ କୁମାର ଚଟ୍ଟୋପାଧ୍ୟାୟ ଅତିଥି ପରିଚୟ ପ୍ରଦାନ କରି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସହାୟକ ଆୟୁକ୍ତ ଲେଖରାଜ ମୀନା ମୁଖ୍ୟଅତିଥି ଭାବେ ଯୋଗଦେଇ ସମାରୋହର ଉଦଘାଟନ କରିବା ସହ ଶିଶୁ ବୈଜ୍ଞାନିକଙ୍କୁ ଉତ୍ସାହିତ କରିଥିଲେ। ଏସ୍‌କେ ବେସନ ଏବଂ ସନ୍ତୋଷ କୁମାର ଚୌରାସିଆ ମଧ ମାର୍ଗଦର୍ଶନ କରିଥିଲେ। ବରିଷ୍ଠ ଶିକ୍ଷକ ଭୁପେନ୍ଦ୍ର କୁମାର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଭୋପାଳ ସମ୍ଭାଗରୁ ସମୁଦାୟ ୪୦ ପ୍ରତିଯୋଗୀ ଓଡ଼ିଶା, ଛତିଶଗଡ଼ ଏବଂ ମଧ୍ୟପ୍ରଦେଶ ପାଞ୍ଚଟି କ୍ଲଷ୍ଟରରୁ ନିଜ ଗବେଷଣାତ୍ମକ ପ୍ରକଳ୍ପ ପ୍ରଦର୍ଶନ କରିଥିବା ବେଳେ ବିଚାରକ ଭାବେ ବିଜୟ କୁମାର ମହାପାତ୍ର ଏବଂ ସୁସ୍ମିତା ଯୋଶୀ ଯୋଗଦେଇ ସେଗୁଡ଼ିକର ମୂଲ୍ୟାଙ୍କନ କରିଥିଲେ। ପିଏମଶ୍ରୀ ସ୍କୁଲ ଜବାହର ନବୋଦୟ ବିଦ୍ୟାଳୟ ଛାତ୍ରୀ ସୁଶ୍ରୀ ଶର୍ମିଷ୍ଠା ବିଳାସ ଏବଂ ହିମାନୀ ବେହେରାଙ୍କ ଦ୍ୱାରା ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସ ଉପରେ ପର୍ଯ୍ୟବଶିତ କ୍ଷୁଦ୍ର ନାଟକ ପରିବେଷିତ ହୋଇଥିଲା। ରାଜା ଦତ୍ତା ଏବଂ ରିୟା ଦତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଭିନ୍ନ ସ୍ଥାନରେ ବିଶ୍ୱ ଏଡ୍‌ସ ଦିବସ ପାଳିତ

# ଗୋଷ୍ଠୀ ସମୂହର ସହଭାଗିତା ଥିମ୍ ନେଇ ବ୍ୟାପକ କାର୍ଯ୍ୟକ୍ରମ

**ସୁନ୍ଦରଗଡ଼, ୧।୧୨(ସମିସ)**

ଶୁକ୍ରବାର ଥିଲା ବିଶ୍ୱ ଏଡ୍‌ସ ଦିବସ। ଚଳିତ ବର୍ଷ ଗୋଷ୍ଠୀ ସହଭାଗିତାର ଥିମ୍ ନେଇ ଏହି ଦିବସ ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ସ୍ଥାନରେ ମହାସମାରୋହରେ ପାଳିତ ହୋଇଛି। ଏହି ଉପଲକ୍ଷେ ବ୍ୟାପକ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି।

### ● ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ

ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଛି। ଏହି ଅବସରରେ ଏକ ସଚେତନ ଶୋଭାଯାତ୍ରା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ବାହାରି ସହର ପରିକ୍ରମା କରିଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଧରଣୀ ରଞ୍ଜନ ଶତପଥୀ ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ସହର ପରିକ୍ରମା କରି ଏହି ଶୋଭାଯାତ୍ରା ମାତୃ ଓ ଶିଶୁ




ଚିକିତ୍ସାଳୟ ଯାଏ ଆସିଥିଲା ଏବଂ ମାନବ ଶୃଙ୍ଖଳାରେ ଏକ ବିଶାଳ ରେଡ୍ ରିବନ ପ୍ରସ୍ତୁତ ହୋଇଥିଲା। ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ସଚେତନତା ସଭା ଆୟୋଜନ କରାଯାଇଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଶତପଥିଙ୍କ ଅଧକ୍ଷତା ଆୟୋଜିତ ଏହି ସଭାରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. କାହ୍ନୁଚରଣ ନାୟକ, ଏଡିପିଏଚ୍‌ଓ (ଯକ୍ଷ୍ମା) ତଥା ଜିଲ୍ଲା ଏଡ୍‌ସ କଣ୍ଟ୍ରୋଲ ଅଫିସର ଡା. ଭକ୍ତମୋହନ ସ୍ୱାଇଁ, ଏଡିପିଏଚ୍‌ଓ (ପରିବାର କଲ୍ୟାଣ) ଡା. ତୁଳବତୀ ସାହୁ, ଦିଶା କ୍ଲଷ୍ଟର ସିପିଏମ୍ ଗଣେଶ୍ୱର ପଣ୍ଡା, ଦିଶା ସିଏସ୍‌ଓ ସ୍ୱନ୍ଦନ କୁମାର ଭଞ୍ଜଦେଓ, ଦିଶା ଡିଏମ୍‌ଡିଓ ଗୌରୀଶଙ୍କର ପଣ୍ଡା, ଆଇସିଟିସି ପରାମର୍ଶଦାତା ସୁଜିତ କୁମାର ଟପ୍ପୋ, ରଶ୍ମିରେଖା ପାଣି, ସ୍ୱେଚ୍ଛାସେବୀ ସଂସ୍ଥା ଆଭାର ସମରବିଳାସ ପଣ୍ଡା, ମହେନ୍ଦ୍ର କୁମାର ସ୍ୱାଇଁ, ଅଶ୍ୱିନୀ କୁମାର ସାହୁ, ସେବକ ଅଧକ୍ଷ ଅମିୟକାନ୍ତ ନାଏକ, ଆହ୍ୱାନର କ୍ଷେତ୍ର ଅଧିକାରୀ ଲକ୍ଷ୍ମଣ ବେହେରା, ୱାଇଆରଜି କେୟାରର ସଂଗ୍ରାମ ପରିଡ଼ା, ଏଲଟି ଆଲବିନା କେରକେଟା, ବିନ୍ଦୁ ଲାକ୍ରା, ଡାକ୍ତରଖାନାର ମହେନ୍ଦ୍ର କୁମାର ବାଗ, ରାଜକୁମାର ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ଜିଏନଏମ ଛାତ୍ରୀଙ୍କ ଦ୍ୱାରା କ୍ୟାଣ୍ଡେଲ ଶୋଭାଯାତ୍ରା ଆୟୋଜିତ ହୋଇଥିଲା।

### ● ଉଜ୍ୱଳପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

ଉଜ୍ୱଳପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁବ ରେଡକ୍ରସ୍ ସଂଭାଗ ଓ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଆନୁକୂଲ୍ୟରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଛି।



ଏହି ଅବସରରେ ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ପ୍ଲାକାର୍ଡ ପ୍ରଦର୍ଶନ ପୂର୍ବକ ବିଭିନ୍ନ ସ୍ଲୋଗାନ ଦେଇ ଉଜ୍ୱଳପୁର ଗ୍ରାମ ପରିକ୍ରମା କରିବା ସହ ଗ୍ରାମବାସୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲେ। ଆୟୋଜିତ ସଚେତନତା ସଭାରେ ଟାଙ୍ଗରପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାଧିକାରୀ ଡା. ପ୍ରତ୍ୟୁଷ କୁମାର ଠାକୁର ମୁଖ୍ୟବକ୍ତା ଭାବେ ଯୋଗଦେଇ ଏଡ୍‌ସର କାରଣ, ନିରାକରଣ ତଥା ଭୟାବହତା ଉପରେ ବୁଝାଇଥିଲେ। ଅଧକ୍ଷ ମନୋରଞ୍ଜନ ମିଶ୍ର ସୁସ୍ଥ ସମାଜ ଗଠନ ପାଇଁ ସମସ୍ତେ ଜାଗ୍ରତ ହେବା ସକାଶେ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ। ସଞ୍ଜୁକ୍ତା ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଅନ୍ୟ ଅଧାପକ, ଅଧାପିକା, କର୍ମଚାରୀ ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

### ● ଗରଗଡ଼ବାହାଲ ଗାଁ କଲ୍ୟାଣ ସମିତି



ବଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ଗରଗଡ଼ବାହାଲ ଗ୍ରାମରେ ଗାଁ କଲ୍ୟାଣ ସମିତି ପକ୍ଷରୁ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଛି। ଏହି ଅବସରରେ ଗ୍ରାମର ଫୁଟବଲ ଖେଳପଡ଼ିଆରେ ଏକ ଯୋଗ ଶିବିର ଆୟୋଜନ କରାଯାଇଥିଲା। ଯୋଗ ଶିକ୍ଷୟିତ୍ରୀ ଅଞ୍ଜଳି ପଣ୍ଡା ଏହାକୁ ପରିଚାଳନା କରିଥିଲେ। ପରେ ସ୍ଥାନୀୟ ଫାଇଟର କ୍ଲବ ସଭାପତି ଦେବାଶିଷ ତନସନାଙ୍କ ସଭାପତିତ୍ୱରେ ଆୟୋଜିତ ସଚେତନତା ସଭାରେ ଆଶାକର୍ମୀ ତଥା ଫୋର୍ବସ ଇଣ୍ଡିଆ-୨୦୨୧ର ତୃତୀୟ ଶକ୍ତିଶାଳୀ ମହିଳା ମାତିଲଦା କୁଲ୍ଲୁ ଯୋଗଦେଇ ଏଡସର ସଂକ୍ରମଣ ଓ ନିରକାରଣ ସମ୍ପର୍କରେ ବୁଝାଇଥିଲେ। ଯଦି କୌଣସି ବ୍ୟକ୍ତି ସଂକ୍ରମିତ ହେଲେ ଡାକ୍ତରଙ୍କ ପରାମର୍ଶ, ସନ୍ତୁଳିତ ଖାଦ୍ୟ ଓ ନିୟମିତ ବ୍ୟାୟାମ କରିବା ଦ୍ୱାରା ସାଧାରଣ ଜୀବନ ଯାପନ କରିପାରିବେ ବୋଲି କହିଥିଲେ। ଦାଣ୍ଡଜମିରା ସରପଞ୍ଚ ଗୋବର୍ଦ୍ଧନ ହାହା ନିଜ ଅଞ୍ଚଳକୁ ସବୁଦିନ ପାଇଁ ଏଡ୍‌ସମୁକ୍ତ ରଖିବା ପାଇଁ ଆହ୍ୱାନ ଦେଇଥିଲେ। କ୍ଲବ କର୍ମକର୍ତ୍ତା ଦୀନେଶ ଲାକ୍ରା, ପଙ୍କଜ ବାଘ, ମୁକେଶ ଲାକ୍ରା, ଦେବାଶିଷ ତନସନା ପ୍ରମୁଖ ଉପସ୍ଥିତ ଥିଲେ।

### ● ରୋଟାରୀ କ୍ଲବ ସୁନ୍ଦରଗଡ଼ ଟାଉନ

ରୋଟାରୀ କ୍ଲବ ସୁନ୍ଦରଗଡ଼ ଟାଉନ ପକ୍ଷରୁ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଛି। ଏହି ଅବସରରେ ସୁନ୍ଦରଗଡ଼ ନର୍ସିଂ କଲେଜ ଭେଡ଼ାବାହାଲ ଓ ରାଉରକେଲା ନର୍ସିଂ କଲେଜ ସୁନ୍ଦରଗଡ଼ର ଛାତ୍ରଛାତ୍ରୀଙ୍କ ଦ୍ୱାରା ସୁନ୍ଦରଗଡ଼



ସହରରେ ଏକ ବିଶାଳ ଶୋଭାଯାତ୍ରା କରାଯାଇଥିଲା। ଏଥିରେ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସମେତ ରୋଟାରୀ କ୍ଲବ ସଦସ୍ୟମାନେ ଅଂଶଗ୍ରହଣ କରି ବ୍ୟାନର, ପ୍ଲାକାର୍ଡ୍ ଧରି ଏଡ୍‌ସ ସମ୍ପର୍କିତ ସଚେତନତା ବାର୍ତ୍ତା ବାଣ୍ଟିଥିଲେ। ପରେ ସ୍ଥାନୀୟ ଷ୍ଟେଟ୍ ବ୍ୟାଙ୍କ ଛକରେ ଛାତ୍ରଛାତ୍ରୀମାନେ ପଥପ୍ରାନ୍ତ ନାଟକ, ନୃତ୍ୟ ଓ ସଙ୍ଗୀତ ମାଧ୍ୟମରେ ଜନସାଧାରଣଙ୍କୁ ଏଡ୍‌ସ ରୋଗର ନିରାକରଣ ଓ ସାବଧାନତା ସମ୍ପର୍କରେ ବୁଝାଇଥିଲେ। ରୋଟାରୀ କ୍ଲବର ପୂର୍ବତନ ସଭାପତି ଡ. ଚିତ୍ତବ୍ରତ ଦତ୍ତ ଓ ପୂର୍ବତନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ଦିଲୀପ କୁମାର ଷଡ଼ଙ୍ଗୀ ଏଡ୍‌ସ ବିଷୟରେ ତଥ୍ୟଭିତ୍ତିକ ଜ୍ଞାନ ଓ ଦିଗଦର୍ଶନ ଦେଇଥିଲେ। କ୍ଲବ୍ ସଭାପତି ବାଳଗୋପାଳ ମିଶ୍ର ଓ ସମ୍ପାଦକ ବିଶ୍ୱରଞ୍ଜନ ପୁରୋହିତଙ୍କ ସମେତ ବହୁ ସଦସ୍ୟ ଓ ସେମାନଙ୍କ ପରିବାର ବର୍ଗ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# ସଡ଼କ ସୁରକ୍ଷା ସଚେତନତା ରଥ ପରିକ୍ରମା ଶୁଭାରମ୍ଭ



**ସୁନ୍ଦରଗଡ଼, ୧।୧୨(ସମିସ):** ଦୁର୍ଘଟଣାଜନିତ ଶୂନ୍ୟମୃତ୍ୟୁ ସପ୍ତାହ ପାଳନ ଉପଲକ୍ଷେ ସେଚନତା ସୃଷ୍ଟି ଲକ୍ଷ୍ୟ ନେଇ ଶୁକ୍ରବାର ସୁନ୍ଦରଗଡ଼ରେ ସଡ଼କ ସୁରକ୍ଷା ରଥ ଶୁଭାରମ୍ଭ ହୋଇଛି। ଜିଲ୍ଲାପାଳ ଡା. ପରାଗ ଗାଭାଲି, ଏସ୍‌ପି ପ୍ରତ୍ୟୁଷ ଦିବାକର ଓ ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ ଏହି ରଥକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ରାଜ୍ୟରେ ଦୁର୍ଘଟଣାଜନିତ ଶୂନ୍ୟମୃତ୍ୟୁ ସପ୍ତାହ ଡିସେମ୍ବର ୧ରୁ ୭ ତାରିଖ ଯାଏ ପାଳିତ ହେଉଛି। ଏଣୁ ଏହି ସଡ଼କ ସୁରକ୍ଷା ରଥ ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ଅଞ୍ଚଳ ପରିକ୍ରମା କରି ସଡ଼କ ସୁରକ୍ଷା ସଚେତନତାର ବାର୍ତ୍ତା ଦେବା କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଜିଲ୍ଲା ପରିବହନ କାର୍ଯ୍ୟାଳୟ କର୍ମଚାରୀମାନେ ଏକ ବାଇକ୍ ରାଲିରେ ସହର ପରିକ୍ରମା କରି ସଡ଼କ ସୁରକ୍ଷା ସମ୍ବନ୍ଧୀୟ ବାର୍ତ୍ତା ପ୍ରଦାନ କରିଥିଲେ। ସେମାନେ ବିଶେଷକରି ବିନା ହେଲମେଟରେ ଗାଡ଼ି ନ ଚଳାଇବା, ଗାଡ଼ି ଚାଳନା ସମୟରେ ସିଟ୍‌ବେଲ୍ଟ ବ୍ୟବହାର କରିବା, ମଦ୍ୟପାନ କରି ଗାଡ଼ି ନ ଚଳାଇବା, ଅତ୍ୟଧିକ ବେଗରେ ଗାଡ଼ି ଚାଳନାରୁ ନିବୃତ୍ତ ରହିବା, ଗାଡ଼ି ଚାଳନା ସମୟରେ ମୋବାଇଲ ବ୍ୟବହାର ନ କରିବା, ୧୮ ବର୍ଷ ବୟସ ହୋଇ ନ ଥିବା ପିଲା ଗାଡ଼ି ନ ଚଳାଇବା, ଗାଡ଼ିର ଅବସ୍ଥା, ପରିବହନ କ୍ଷମତା, ଉଚିତ୍ ଲାଇଟ୍ ବ୍ୟବସ୍ଥା, ଇଣ୍ଡିକେଟର ତଥା ଅନ୍ୟ କାଗଜପତ୍ର ଏବଂ ଗାଡ଼ିର ଫିଟନେସ, ବିପରୀତ ପାର୍ଶ୍ୱରେ ଗାଡ଼ି ନ ଚଳାଇବା, ବିପଦପୂର୍ଣ୍ଣ ପାର୍କିଂ ଅଥବା ବେଆଇନ ପାର୍କିଂ ଆଦି ବିଷୟରେ ଲୋକଙ୍କୁ ବୁଝାଇଥିଲେ। ସ୍ଥାନୀୟ ଆଞ୍ଚଳିକ ପରିବହନ ଅଧିକାରୀ ସୁକାନ୍ତ କୁମାର ଦାସ, ଜିଲ୍ଲା ଶିକ୍ଷା ଅଧିକାରୀ ଅମୂଲ୍ୟ ପଧାନ, ଏମଭିଆଇ ଦଲାନୀ ସା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ମୁକେଶ କୁମାର ମିଶ୍ର ତଥା ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଆନ୍ତଃରାଜ୍ୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ରାମପୁର ଚାମ୍ପିଅନ

**ବାଲିଶଙ୍କରା, ୧।୧୨(ସମିସ):** ବାଲିଶଙ୍କରା ବ୍ଲକ ରାଜାବଙ୍ଗଳା ଖେଳପଡ଼ିଆରେ ବାଲିଶଙ୍କରା ରାମ ଜାନକୀ କ୍ରିକେଟ ଆସୋସିଏସନ ତରଫରୁ ଆୟୋଜିତ ୫ ଦିବସୀୟ ଆନ୍ତଃରାଜ୍ୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଉଦଯାପିତ ହୋଇଛି। ଉଦଘାଟନୀ ଦିବସରେ ମୁଖ୍ୟଅତିଥି ରୂପେ ପୂର୍ବତନ ତଳସରା ବିଧାୟକ ଡା. ପ୍ରଫୁଲ୍ଲ ମାଝୀ ଓ ତ୍ରିବେଣୀ ମାଝୀ



ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ। ଶୁକ୍ରବାର ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ରୂପେ ବାଲିଶଙ୍କରା ଜିଲ୍ଲା ପରିଷଦ (ଖ) ଜୋନ ସଭ୍ୟା ଜୟନ୍ତୀ ଏକ୍କା ଯୋଗଦେଇ ସରକାର ଖେଳ ଉପରେ ବିଶେଷ ଗୁରୁତ୍ୱ ଦେଉଥିବା କହିଥିଲେ। ସମ୍ମାନିତ ଅତିଥି ରୂପେ ମନୋଜ ସା, ଟଙ୍କଧର ପଣ୍ଡା, ଚନ୍ଦ୍ରମଣି ପ୍ରଧାନ, ରଜତ ପଟେଲ, ଦୁବରାଜ ବାରସତିଆ, ଆୟାରଦାନ କୁଜୁର ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର ୮ଟି ଦଳ ଓ ଛତିଶଗଡ଼ର ୮ଟି ଦଳ ମୋଟ ୧୬ ଦଳ ଅଂଶଗ୍ରହଣ କରିଥିଲେ। ଛତିଶଗଡ଼ର ଖାଲ୍‌ସା ଇଲେଭେନ୍ ଲୁଡେକ୍ ଓ ଓଡ଼ିଶାର ରାମପୁର ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯାଇଥିଲା। ରାମପୁର ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୧୩୧ ରନ କରିଥିଲା। ଖାଲ୍‌ସା ଇଲେଭେନ୍ ଲୁଡେକ୍ ୮ ଓଭରରେ ୭୫ ରନ କରିବାକୁ ସକ୍ଷମ ହୋଇଥିଲା। ଚାମ୍ପିଅନ ରାମପୁର ଦଳକୁ କପ ସହ ୪୦ ହଜାର ଟଙ୍କା ଓ ରନର୍ସଅପ ଖାଲ୍‌ସା ଇଲେଭେନ୍ ଲୁଡେକ୍ ଦଳକୁ କପ ସହ ୩୦ ହଜାର ଟଙ୍କା ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରଯାଇଥିଲା। ଅମ୍ପାୟର ଭାବେ ରାଜା ଦାନୀ ଓ ପ୍ରଦୀପ ସାହୁ ମ୍ୟାଚ୍ ପରିଚାଳନା କରିଥିଲେ। ବାଲିଶଙ୍କରା ରାମ ଜାନକୀ କ୍ରିକେଟ ଆସୋସିଏସନର ବାବୁଲୁ ସା, ଅଶୋକ ସା (ଅମରେଶ ପୁରୀ), ରଜତ ପଟେଲ, ସୁଶାନ୍ତ ଦାନୀ, ଶ୍ରୀକାନ୍ତ ଦାନୀ, ଜଗଦୀଶ ସା, ରଞ୍ଜନ ବେସନ ପ୍ରମୁଖ ସହଯୋଗ କରିଥିଲେ।

# ଅନ୍ଧାରରେ ହେମଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

**ହେମଗିରି, ୧।୧୨(ସମିସ):** ହେମଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ସାରା ବ୍ଲକର ସ୍ଥାୟୀ ତଥା ଅସ୍ଥାୟୀ ବାସିନ୍ଦା ଚିକିତ୍ସା ସେବା ପାଇଁ ନିର୍ଭର କରନ୍ତି। ତେବେ ମେଡିକାଲ ପରିସର ଅନ୍ଧାର ଯୋଗୁଁ ସେବା ଦେଇ ଆସୁଥିବା କର୍ମଚାରୀ ତଥା ଦୂରଦୂରାନ୍ତରୁ ଆସିଥିବା ରୋଗୀଙ୍କ ସମ୍ପର୍କୀୟ ରାତିରେ ଯିବା ଆସିବା ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଦ୍ୟୁତ୍ ବିଲ୍ ପୈଠରେ ବ୍ୟତିକ୍ରମ ହେତୁ ତିନିମାସ ଧରି ତିନିଟି ଯାକ ହାଇମାଷ୍ଟ ଲାଇଟ୍‌ରୁ ସଂଯୋଗ କାଟିଦିଆଯାଇଛି। ଏ ସମ୍ପର୍କରେ ପଞ୍ଚାୟତ କାର୍ଯ୍ୟାଳୟରେ ଲିଖିତ ଭାବେ ଅବଗତ କରାଯାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳିନାହିଁ। ଅନ୍ୟପଟେ ଡାକ୍ତରଖାନା ପରିସରରେ ତିଆରି ହୋଇଥିବା ଦୋକାନ ବଜାରରୁ ଆସୁଥିବା ଭଡ଼ାର ୪୦ ପ୍ରତିଶତ ଡାକ୍ତରଖାନାକୁ ମିଳିବା କଥା। ହେଲେ ତାହା ମଧ ଏଯାବତ୍ ମିଳି ପାରିନାହିଁ। ବିଡିଓ ଏହି ଘଟଣାର ତଦନ୍ତ କରିବାକୁ ଅନୁରୋଧ କରିଛନ୍ତି ଅଞ୍ଚଳବାସୀ। ମେଡିକାଲ ଭଳି ସମ୍ବେଦନଶୀଳ ସ୍ଥାନରେ ଲାଇଟ୍ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

**● ହନ୍ତସନ୍ତ ରୋଗୀ ଓ କର୍ମଚାରୀ**




## ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା

# ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଯାପିତ





**ସୁନ୍ଦରଗଡ଼, ୧।୧୨(ସମିସ)**

ସୁନ୍ଦରଗଡ଼ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା ଆନୁକୂଲ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଉଦଯାପିତ ହୋଇଛି। ମହାବିଦ୍ୟାଳୟ ମଞ୍ଚରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧକ୍ଷ ଡ. ଲଳିତ ରଞ୍ଜନ ସାହୁ ସଭାପତିତ୍ୱ କରି କ୍ରୀଡ଼ା, ସଂସ୍କୃତି ଓ ସାମାଜିକ କାର୍ଯ୍ୟକଳାପ କ୍ଷେତ୍ରରେ ଯୁବପିଢ଼ିକୁ ଉତ୍ସାହିତ କରିବା ପାଇଁ ଓଡ଼ିଶା ସରକାରଙ୍କ ଏପରି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ସୁନ୍ଦରଗଡ଼ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସାରଙ୍ଗଧର ବରିହା ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନେ ପାଠ ପଢ଼ିବା ସହ ନୃତ୍ୟ, ସଙ୍ଗୀତ ଆଦି କ୍ଷେତ୍ରରେ ମନୋନିବେଶ କରିବା ଉଚିତ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ କବି ଦୁର୍ଗାମାଧବ ପଣ୍ଡା ଯୋଗଦେଇ ଛାତ୍ରଛାତ୍ରୀଙ୍କୁ କଳା କ୍ଷେତ୍ରରେ ନିଜର ଏକ ସ୍ୱତନ୍ତ୍ର ଶୈଳୀ ନିର୍ମାଣ ପାଇଁ କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବରେ ସମାଜସେବୀ ଜୟନାରାୟଣ ତ୍ରିପାଠୀ ଓ ଦନ୍ତ ଚିକିତ୍ସକ ଡା. ରଞ୍ଜିତା ପଲେଇ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଆ ବିଭାଗର ସହକାରୀ ପ୍ରଫେସର ନୂତନ ଖମାରୀ ଛାତ୍ରଛାତ୍ରୀମାନେ ନିଜ ସାଂସ୍କୃତିକ ପ୍ରତିଭା ପ୍ରଦର୍ଶନ କରିବା ପାଇଁ ଏହି କାର୍ଯ୍ୟକ୍ରମ ଏକ ଉପଯୁକ୍ତ ମାଧ୍ୟମ ବୋଲି କହିଥିଲେ। ଇଂରାଜୀ ବିଭାଗ ସହକାରୀ ପ୍ରଫେସର ଏଞ୍ଜେଲିନା କିଣ୍ଡୋ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ନୋଡାଲ ଅଧିକାରୀ ରାଧାନାଥ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀମାନେ ଏକକ ସଙ୍ଗୀତ, ଦଳଗତ ସଙ୍ଗୀତ, ଏକକ ନୃତ୍ୟ, ଦଳଗତ ନୃତ୍ୟ ପାରମ୍ପରିକ ବେଶଭୂଷା ପ୍ରତିଯୋଗିତାରେ ବହୁ ସଂଖ୍ୟାରେ ଭାଗନେଇଥିଲେ। ସଙ୍ଗୀତ ପ୍ରତିଯୋଗିତାରେ ବିଚାରକ ଭାବରେ ବେଦବ୍ୟାସ ଗାର୍ଡିଆ, ଦୋଳଗୋବିନ୍ଦ ଗାର୍ଡିଆ ଯୋଗଦେଇଥିଲେ। ସେହିପରି ନୃତ୍ୟ ପ୍ରତିଯୋଗିତାରେ ରୋଶନ ସାହୁ ଏବଂ ଗୋପାଳ ମିସ୍ତ୍ରୀ, ପାରମ୍ପରିକ ବେଶଭୂଷା ପ୍ରତିଯୋଗିତାରେ ସ୍ୱାତୀ ପୁରୋହିତ ଏବଂ ସାହାବାଜ ଖାନ ବିଚାରକ ଭାବରେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧାପକ ଅଧାପିକା ଛାତ୍ରଛାତ୍ରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ସକାଶେ ଛାତ୍ରଛାତ୍ରୀମାନେ ଓଡ଼ିଶା ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ସଡ଼କ ଦୁର୍ଘଟଣାଜନିତ ଶୂନ୍ୟମୃତ୍ୟୁ ସପ୍ତାହ ପାଳିତ

**ସୁନ୍ଦରଗଡ଼, ୧।୧୨(ସମିସ):** ସଡ଼କ ଦୁର୍ଘଟଣାଜନିତ ଶୂନ୍ୟମୃତ୍ୟୁ ସପ୍ତାହ ପାଳନ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏହି ଅବସରରେ ୧୦ ନମ୍ବର ରାଜ୍ୟ ରାଜପଥର ମସ୍କିକାନି ଏସଆରଟିଏଲ୍ ଟୋଲ୍ ପ୍ଲାଜାଠାରେ ଏହି ସପ୍ତାହ ପାଳିତ ହୋଇଛି। ଆୟୋଜିତ ସମାରୋହରେ ସୁନ୍ଦରଗଡ଼ ଆଞ୍ଚଳିକ ପରିବହନ ଅଧିକାରୀ ସୁକାନ୍ତ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଟ୍ରାଫିକ ନିୟମ ସମ୍ପର୍କରେ ଆଲୋଚନା କରିଥିଲେ। ହେଲମେଟ୍ ପିନ୍ଧି ୨ ଚକିଆ ଯାନ ଚଳାଇବା, ଗାଡ଼ି ଚଳାଇବା ବେଳେ ମୋବାଇଲ୍‌ରେ ବାର୍ତ୍ତାଳାପ ନ କରିବା, ଦ୍ରୁତ ଗତିରେ ଗାଡ଼ି ନ ଚଳାଇବା ଆଦି ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଡିଏସ୍‌ପି ତପନ ମହାନନ୍ଦ ଯୋଗଦେଇ ଗାଡ଼ି ଚାଳକ, ଗାଡ଼ି ମାଲିକଙ୍କୁ ଗାଡ଼ି ଚାଳନା ସମୟରେ ସଡ଼କ ସୁରକ୍ଷା ନିୟମର କଡ଼ାକଡ଼ି ପାଳନ କରିବାକୁ ଅନୁରୋଧ କରିଥିଲେ। ୨ ଚକିଆ ଯାନରେ ୨ ଜଣରୁ ଅଧିକ ନ ବସାଇବା, ହେଲମେଟ ପରିଧାନ କରିବା, ବିନା ଡ୍ରାଇଭିଂ ଲାଇସେନ୍ସରେ ଗାଡ଼ି ନ ଚଳାଇବା, ନିଶାସକ୍ତ ଅବସ୍ଥାରେ ଗାଡ଼ି ଚାଳନାରୁ ନିବୃତ୍ତ ରହିବାକୁ ପରାମର୍ଶ ଦେଇଥିଲେ। ଏଲଆଣ୍ଡଟି ପ୍ରକଳ୍ପ ମୁଖ୍ୟ ଡିକେ ବାରିକ, ମାର୍ଗ ପରିଚାଳକ ଆଶିଷ ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ମନୋଜ ପଟ୍ଟନାୟକ ସଭା ପରିଚାଳନା କରିଥିବା ବେଳେ ପି. ମଣିକଣ୍ଠନ ଧନ୍ୟବାଦ ଅର୍ପଣ କରିଥିଲେ। ଶଙ୍କର ଦାସ, ଚନ୍ଦ୍ରଭାନୁ ଯୁରା, ଦୁର୍ଗାପ୍ରସାଦ କିଶାନ, ଉମାକାନ୍ତ ପଟେଲ, ବିକାଶ ନାଏକ, ଶ୍ରୀମନ୍ତ ସେନାପତି ପ୍ରମୁଖ ଭୂମିକା ନିଭାଇଥିଲେ। ସଡ଼କ ସୁରକ୍ଷା ସଚେତନତା ରଥକୁ ଆଞ୍ଚଳିକ ପରିବହନ ଅଧିକାରୀ ଦାସ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।






● ଫେଲ୍ ମାରିଛି କେନ୍ଦ୍ର ସରକାରଙ୍କ ଉଜ୍ଜ୍ୱଳା ଯୋଜନା

# ଜାଳେଣି କାଠ ଭରସାରେ ଗ୍ରାମାଞ୍ଚଳ ମହିଳା

**ଫିରିଙ୍ଗିଆ, ୧।୧୨(ସମିସ):**

ଦେଶର ମହିଳାଙ୍କ ରୋଷେଇ ସମସ୍ୟା ଦୂରକରିବା ପାଇଁ କେନ୍ଦ୍ର ସରକାର ଉଜ୍ଜ୍ୱଳା ଯୋଜନା ଆରମ୍ଭ କରିଛନ୍ତି। ହେଲେ ଏହି ଯୋଜନା ଗ୍ରାମାଞ୍ଚଳରେ ରହୁଥିବା ଆଦିବାସୀଙ୍କ ପାଇଁ କେବଳ ଯୋଜନା ହିଁ ହୋଇ ରହିଯାଇଛି। ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକଙ୍କ ଇନ୍ଧନ ସମସ୍ୟାର ସମାଧାନ କରିବାରେ ବିଫଳ ହୋଇଛି ଏହି ଯୋଜନା। ଗ୍ରାମାଞ୍ଚଳ ମହିଳା ଏବେ ବି ଜାଳେଣି ସନ୍ଧାନରେ ବୁଲୁଛନ୍ତି କୋଶ କୋଶ ବାଟ। ନିକଟସ୍ଥ ଜଙ୍ଗଲ ବ୍ୟତୀତ ଗାଁ ଆଖପାଖରେ ଥିବା ଶୁଖିଲା ଗଛ, ଶୁଖିଲା ବୁଦା, ଶୁଖିଲା ମକାନଡ଼ା, ଶୁଖିଲା ଡାଙ୍ଗ, ନୀଳଗିରି ଛାଲି ଓ ପତ୍ର ଆଦି ପାଲଟିଛି ଗ୍ରାମାଞ୍ଚଳ ମହିଳାଙ୍କ ଜାଳେଣିର ମାଧ୍ୟମ। ମହିଳା ବ୍ୟତୀତ ଘରର ଯୁବତୀ ଓ ବାଳିକା ସକାଳେ ପଖାଳ ଭାତ ଖାଇ ବାହାରି ପଡନ୍ତି ଜାଳେଣୀ ସନ୍ଧାନରେ। ମହିଳାମାନେ ଭିନ୍ନ ଭିନ୍ନ ବିକଳ୍ପ ଅବଲମ୍ବନ କରି ଘରର ଇନ୍ଧନ



## ଚାଲୁଛନ୍ତି ମାଇଲ ମାଇଲ ବାଟ

ସମସ୍ୟା ଦୂର କରୁଥିବା କହିଛନ୍ତି। ଗୋବର ଘଷିରେ ଧାନ କଣ୍ଡା, ବିରି, କୋଳଥ ଆଦି ଶସ୍ୟର କଣ୍ଡା ଓ ଚୋପାକୁ ମିଶେଇ ଛେନା (ଘଷି )ପ୍ରସ୍ତୁତ କରୁଛନ୍ତି। ତା' ଛଡା ମକା ନାଡ଼ ଓ ଛୋଟ ଛୋଟ ଡାଙ୍ଗ ସବୁ ସଂଗ୍ରହ କରି ସେସବୁରେ ଗୋବର ପ୍ରଲେପ କରି ଖରାରେ ଶୁଖେଇ ତାକୁ ମଧ୍ୟ ଜାଳେଣୀ ଭାବେ ବ୍ୟବହାର କରୁଛନ୍ତି। ଉଜ୍ଜଳା ଯୋଜନା ସମ୍ପର୍କରେ ସେମାନେ କହିଛନ୍ତି ସରକାର ଆମକୁ ଉଜ୍ଜଳା ଯୋଜନାରେ ସାମିଲ କରି ଚୁଲା ଓ ଗ୍ୟାସ୍ ହାଣ୍ଡି ଦେଇଛନ୍ତି। ହେଲେ ଏବେ ଏସବୁ ରୋଷେଇ ଘର କୋଣରେ ପଡ଼ି ଖତ ଖାଉଛି। ବୁଢିଆଣୀ ତା ଦେହରେ ଜାଲ ତିଆରି କରିସାରିଲାଣି। ବର୍ତ୍ତମାନ ଗ୍ୟାସର ଦର ଯାହା ସେତିକି ଦରରେ ଗ୍ୟାସ କିଣିବା ପାଇଁ ବଡ଼ କଷ୍ଟକର ହେଉଛି। ଆମେ ତ ସମସ୍ତେ କୁଲି ମଜୁରିଆ ଲୋକ। ଖଟିଲେ ହିଁ ପେଟ ପାଇଁ ଦାନା ମିଳୁଛି। ଆଉ ଏତେ ଏତେ ଟଙ୍କା କୋଉଠୁ ପାଇବୁ ଯେ ମାସକୁ ମାସ ୯୦୦ ଟଙ୍କା ଯୋଗାଡ଼ କରି ଗ୍ୟାସ ଆଣିବୁ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଆମ ପରି ଗରିବ ଓ ଖଟିଖିଆ ଲୋକଙ୍କ ପାଇଁ ସରକାର ଏହି ଯୋଜନା କରିନାହାନ୍ତି। ବଡ଼ବଡ଼ିଆ ଓ ପଇସା ଥିବା ଲୋକଙ୍କ ପାଇଁ ଏହି ଯୋଜନା କରାଯାଇଛି। ଗରିବଙ୍କ ପାଇଁ ଉଜ୍ଜ୍ୱଳା ଯୋଜନା କରାଯାଇଛି ବୋଲି କୁହାଯାଉଥିବା ବେଳେ ପ୍ରକୃତରେ ସେମାନେ ଉପକୃତ ହୋଇପାରୁ ନ ଥିବା ଅଭିଯୋଗ ହେଉଛି। ସରକାର ଆମ ଗରିବ ଲୋକଙ୍କୁ ଦିନ ଦ୍ୱିପ୍ରହରେ ଜହ୍ନ ଦେଖାଉଛନ୍ତି ବୋଲି ବହୁ ମହିଳା କହିଛନ୍ତି।

# ଯୁବ ବିଜେଡି ଉପସଭାପତିଙ୍କ ମୃତଦେହ ଉଦ୍ଧାର

## ହତ୍ୟା ଅଭିଯୋଗ ଆଣିଲେ ପରିବାର

**ଫୁଲବାଣୀ, ୧।୧୨(ସମିସ):** ସଦର ଥାନା ଅନ୍ତର୍ଗତ ଦଡକି ପଞ୍ଚାୟତର ଯୁବନେତା ତଥା ଯୁବ ବିଜେଡିର ଯୁବ ଉପସଭାପତି ସଞ୍ଜିତ ମଲ୍ଲିକଙ୍କ ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ହୋଇଛି। ମୃତ ସଞ୍ଜିତ (୩୦) ଦଡକି ସରପଞ୍ଚ ନମିତା ମଲ୍ଲିକଙ୍କ ପୁଅ। ସୂଚନା ଅନୁସାରେ, ସଞ୍ଜିତ ଗତକାଲି ରାତିରେ ଖାଲି ପଡ଼ିଥିବା ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ କ୍ୱାର୍ଟରରେ ଶୋଇଥିଲେ। ସକାଳୁ ତାଙ୍କ ବାପା ତାଙ୍କୁ ଉଠାଇବା ପାଇଁ ଯାଇ ସେ ମୃତ୍ୟୁବରଣ କରିଥିବା ଦେଖିବାକୁ ପାଇଥିଲେ। ପୁଲିସକୁ ଖବର ଦିଆଯିବାରେ ସଦର ଥାନା ପୁଲିସ ସହ ଏସଡିପିଓ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ଏପଟେ ପରିବାର ପକ୍ଷରୁ ସଞ୍ଜିତଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଘଟଣା ସ୍ଥଳରେ ଡଗ ସ୍କ୍ୱାଡ ଓ ସାଇଣ୍ଟିଫିକ ଟିମ ପହଞ୍ଚି ଛାନବିନ କରୁଛନ୍ତି। କିଛି ଦିନ ତଳେ ସଞ୍ଜିତଙ୍କ ଅନ୍ୟ କିଛି ଯୁବକଙ୍କ



ସହିତ କୌଣସି କାରଣକୁ ନେଇ ଝଗଡ଼ା ହୋଇଥିବା ପରିବାର ଲୋକେ କହୁଛନ୍ତି। ମୃତ ସଞ୍ଜିତଙ୍କ ବାପା ଯଶୋବନ୍ତ ମଲ୍ଲିକଙ୍କ ଏତଲା ଆଧାରରେ ସଦର ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ସହ ୩ଜଣଙ୍କୁ ସନ୍ଦେହ କରି ଅଟକ ରଖିଥିବା ସଦର ଏସଡିପିଓ ସୁପ୍ରସନ୍ନ ମଲ୍ଲିକ ପ୍ରକାଶ କରିଛନ୍ତି। ସଞ୍ଜିତଙ୍କ ମୃତ୍ୟୁକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସଞ୍ଜିତଙ୍କ ବାପା ଯଶୋବନ୍ତଙ୍କ କହିବା ଅନୁଯାୟୀ, ଗତକାଲି ରାତିରେ ତାଙ୍କର କିଛି ସାଙ୍ଗ ପୁଅର ମୋଟର ସାଇକଲ ମାଗି ନେଇଥିଲେ। ସକାଳୁ ମୋଟର ସାଇକଲ ପିଇଓ କ୍ୱାର୍ଟର ଆଗରେ ରଖାଯାଇଥିବା ସେ ଦେଖିଥିଲେ। ଘରର କବାଟ ଭିତରୁ ବନ୍ଦ ନ ହୋଇ କେବଳ ଆଉଜା ଯାଇଥିଲା। ସଞ୍ଜିତ ଏକ କମ୍ବଳ ଘୋଡାଇ ହୋଇ ଶୋଇଥିବା ବେଳେ ତାଙ୍କ ଦେହରେ ସାର୍ଟ ପ୍ୟାଣ୍ଟ ନ ଥିଲା ବୋଲି ଯଶୋବନ୍ତ କହିଛନ୍ତି। ଏପଟେ ସଞ୍ଜିତଙ୍କୁ ତାଙ୍କ ମାମୁ ହତ୍ୟା କରିଛନ୍ତି ବୋଲି ଅଭିଯୋଗ କରିଛନ୍ତି ତାଙ୍କ ସ୍ତ୍ରୀ ସୂଚିସ୍ମିତା ଦେହୁରୀ। କୋଟଗଡ଼ରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ସୂଚିସ୍ମିତା ସ୍ୱାମୀଙ୍କ ମୃତ୍ୟୁ ଖବର ପାଇ ଆଜି ଆସି ଗାଁରେ ପହଞ୍ଚିଥିଲେ। ଶବ ବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ସଦରଥାନା ଏସ ଆଇ ସମ୍ବିତ ବେହେରା କହିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ନବନିର୍ବାଚିତ ଏନଏସି ଅଧ୍ୟକ୍ଷା ଓ ବିଜେଡି କର୍ମକର୍ତ୍ତା

**ଜି.ଉଦୟଗିରି, ୧।୧୨(ସମିସ):** କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ଏନଏସି ଅଧ୍ୟକ୍ଷ ଉପନିର୍ବାଚନରେ ବିଜେଡିର ବିପୁଳ ବିଜୟ ହେବା ପରେ ଜିଲ୍ଲା ପର୍ଯ୍ୟବେକ୍ଷକ ବିଜୟ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଶୁକ୍ରବାର ନବନିର୍ବାଚିତା ଅଧ୍ୟକ୍ଷା ଦେବସ୍ମିତା ଶତପଥୀଙ୍କ ସହ ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ କ୍ଳେଶ କୁମାର ପ୍ରଧାନ, ନଗର ବିଜୁ ଜନତା ଦଳ ନଗର ସଭାପତି ଗୋପାଳକୃଷ୍ଣ ମହାପାତ୍ର, କାର୍ଯ୍ୟକାରୀ ସଭାପତି ଅନିଲ କୁମାର ଦଳବେହେରା, ପି.ସଞ୍ଜୀବ କୁମାର ପାତ୍ର, ସମୀର କୁମାର ପାଢ଼ୀ, କୃଷ୍ଣ କୁମାର ପଣ୍ଡା, କାଳୁ ଚରଣ ପଣ୍ଡା, ବଳରାମ ତ୍ରିପାଠୀ, ମହିଳା ସଭାନେତ୍ରୀ କୃତାଞ୍ଜଳୀ ନାୟକ ସମସ୍ତ କାଉନସିଲର ତଥା ବରିଷ୍ଠ କର୍ମକର୍ତ୍ତା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି କୃତଜ୍ଞତା ଜଣାଇଛନ୍ତି। ଉପନିର୍ବାଚନରେ ବିପୁଳ ବିଜୟ କରାଇଥିବାରୁ ମୁଖ୍ୟମନ୍ତ୍ରୀ ଉପସ୍ଥିତ ଜି.ଉଦୟଗିରିର ସମସ୍ତ ପ୍ରତିନିଧି ଏବଂ ଜନସାଧାରଣଙ୍କ ଧନ୍ୟବାଦ ଜଣାଇଥିଲେ।

# 'ମୁଁ ବି ହେବି ନବୀନ ଓଡ଼ିଶାର ସାରଥି' କାର୍ଯ୍ୟକ୍ରମ



ପାରଳାଖେମୁଣ୍ଡି, ୧।୧୨(ସମିସ): ପାରଳାଖେମୁଣ୍ଡି ସ୍ଥିତ ବିଜେଡି ଜିଲ୍ଲା କାର୍ଯ୍ୟାଳୟରେ ମୁଁ ବି ହେବି ନବୀନ ଓଡ଼ିଶାର ସାରଥି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ବିଜୁ ଛାତ୍ର ଜନତା ଦଳର ସଭାପତି ପ୍ରଣବ ବଳବନ୍ତରାୟଙ୍କ ସହ ଦେବୀ ରଞ୍ଜନ ତ୍ରିପାଠୀ, ବି.ରାୟ, ତାରିଣୀ ପ୍ରସାଦ ନାୟକ, ଶୁଭେନ୍ଦୁ ଦାସ ମଙ୍ଗରାଜ, ଧୃତି ରଞ୍ଜନ ମାର୍ଥା, ରଞ୍ଜିତ ଦାସ ପ୍ରମୁଖଙ୍କ ସହ ଜିଲ୍ଲା ବିଜେଡି ଯୁବ ସଭାପତି ଏସ୍.ଲିଙ୍ଗରାଜ, ଜିଲ୍ଲା ଛାତ୍ର ବିଜେଡି ସଭାପତି ବିଶ୍ୱଜିତ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ର ବିଜୁ ଜନତା ଦଳର ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ ଯୋଜନାର ବାର୍ତ୍ତା କିପରି ପ୍ରତ୍ୟେକ ଘରେ ପହଞ୍ଚିବ ସେ ନେଇ ଆଲୋଚନା ହୋଇଥିଲା।

# ସୁନେତ୍ର ଯୋଜନାରେ ଚକ୍ଷୁ ପରୀକ୍ଷା



**ପାରଳାଖେମୁଣ୍ଡି, ୧।୧୨(ସମିସ):** ସ୍ଥାନୀୟ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟ ପରିସରରେ ପିଲାଙ୍କ ଚକ୍ଷୁ ଶିବିର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଓ ଶିକ୍ଷା ବିଭାଗରର ମିଳିତ ଆନୁକୂଲ୍ୟରେ ସୁନେତ୍ର ଯୋଜନା ଅଧୀନରେ ହୋଇଥିଲା। କାର୍ଯ୍ୟକ୍ରମକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଦୀପ କୁମାର ପାତ୍ର ଉଦଘାଟନ କରିଥିବା ବେଳେ ଗୋଷାଣି ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଟି.କିଶୋର କୁମାର ପ୍ରମୁଖଙ୍କ ସମେତ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ, ଗୋଷ୍ଠୀ ଚିକିତ୍ସାଧିକାରୀ ଗୁରାଣ୍ଡିର ଡା. ପତିତ ପାବନ ବାରିକ ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉପସ୍ଥିତ ଥିଲେ। ଗୋଷାଣି ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ୨୦୦ ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା କରାଯାଇ ଔଷଧ ଓ ଚଷମା ଦେବା ନିମିତ୍ତ ସ୍ଥିର କରାଯାଇଥିଲା।

# ଗଜପତିରେ ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା ମାସ ପାଳନ

**ପାରଳାଖେମୁଣ୍ଡି, ୧।୧୨(ସମିସ):** ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା ମାସ ପାଳନ ଅବସରରେ ଏବଂ ଜିଲ୍ଲାର ପିତୃମାତୃ ହୀନ, ଅବହେଳିତ ଏବଂ ପରିତ୍ୟକ୍ତ ଶିଶୁଙ୍କୁ କୋଳେଇ ନେବା ପାଇଁ ଜିଲ୍ଲାବାସୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି ନିମନ୍ତେ ଶୁକ୍ରବାର ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ତଥା ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ସହଯୋଗରେ ଜିଲ୍ଲା ପରିଷଦ ସମ୍ମେଳନ କକ୍ଷରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ଯୋଗଦେଇ ପିତୃମାତୃ ହୀନ, ଅବହେଳିତ ଏବଂ ପରିତ୍ୟକ୍ତ ଶିଶୁଙ୍କୁ କୋଳେଇ ନେଉଥିବା ପିତାମାତାଙ୍କୁ ଅଶେଷ ଧନ୍ୟବାଦ ପ୍ରଦାନ କରିଥିଲେ। ପରେ ଜିଲ୍ଲାରୁ ଅନ୍ୟ ଜିଲ୍ଲା, ରାଜ୍ୟ ଏବଂ ବିଦେଶକୁ ପୋଷ୍ୟ ସନ୍ତାନ ଭାବେ ଯାଇଥିବା ଶିଶୁ ଏବଂ ସେମାନଙ୍କର ଆଇନତଃ ପିତାମାତାଙ୍କ ସହ ଭିଡ଼ିଓ କଲ୍ ମାଧ୍ୟମରେ ପିଲାଙ୍କ ଭଲମନ୍ଦ ବୁଝିବା ସହ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିରେନ୍ଦ୍ର କୁମାର ଦାସ ଓ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଡ଼. ଗୁଣନିଧି ନାୟକ ଯୋଗ ଦେଇଥିଲେ। ଏହି ଅବସରରେ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ନିସାନ ସାଲୋମର ୪୯ ତମ ଶିଶୁକୁ ତଥା କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ସମ୍ବଳ କେନ୍ଦ୍ର ଦ୍ୱାରା ଅନୁମୋଦିତ ହୋଇଥିବା ଉତ୍ତର ପ୍ରଦେଶର ଏକ ଦମ୍ପତିଙ୍କୁ ଜିଲ୍ଲାପାଳ ପୋଷ୍ୟ ସନ୍ତାନ ରୂପେ ହସ୍ତାନ୍ତର କରିଥିଲେ। ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରକୁ ଉଦ୍ଧାର ହୋଇଥିବା ଶିଶୁଙ୍କୁ ରକ୍ତ ଦେଇ ଜୀବନ ବଞ୍ଚାଇଥିବା ଦେବାଶିଷ ପଟ୍ଟନାୟକ ଏବଂ ପ୍ରଶାନ୍ତ କୁମାର ପାଷ୍ଟୁରେଡ଼ିଙ୍କୁ ସମ୍ମାନିତ କରାଯାଇଥିଲା। ଆବଶ୍ୟକ ସୂଚନା ପାଇଁ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ଟୋଲ୍ ଫ୍ରି ନଂ ୯୬୭୮୮୮୯୮୨୮ ଜିଲ୍ଲାପାଳଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା। ପରିଚାଳକ ପ୍ରତ୍ୟୁଷ କୁମାର ସୂର୍ଯ୍ୟ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଶ୍ରମ ଅଧିକାରୀ ଲୋକନାଥ ପଣ୍ଡା, ଶିଶୁ ମଙ୍ଗଳ ସମିତି ର ଅଧ୍ୟକ୍ଷ ଅଶ୍ୱିନୀ କୁମାର ମହାପାତ୍ର, ଜିଲ୍ଲା ସଂସ୍କୃତି ଅଧିକାରିଣୀ ଅର୍ଚ୍ଚନା ମଙ୍ଗରାଜ, ଜିଲ୍ଲା ପ୍ରଶାସନ ଦ୍ୱାରା ପରିଚାଳିତ ବିଭିନ୍ନ ଶିଶୁ ଯତ୍ନ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ରହି ଶିଶୁଙ୍କୁ ଉତ୍ସାହିତ କରିଥିଲେ।



# ପ୍ଲାଷ୍ଟିକ୍‌ମୁକ୍ତ ଭାରତ ଗଠନ ଲାଗି ସଚେତନତା ଶୋଭାଯାତ୍ରା

**ମୋହନା, ୧।୧୨(ସମିସ):** ଗଜପତି ଜିଲ୍ଲା ମୋହନା ହିଲ୍ ଟପ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଆନୁକୂଲ୍ୟରେ ସାମାଜିକ ସଚେତନତାମୂଳକ କାର୍ଯ୍ୟକ୍ରମ ଉଦଘାଟିତ ହୋଇଥିଲା। ନୋଡାଲ ଅଧିକାରୀ ଅନିଲ ତ୍ରିପାଠୀଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମକୁ ସ୍ଥାନୀୟ ସରପଞ୍ଚ ସୁନିତା ମଳିକ ଉଦଘାଟନ କରିଥିଲେ। ଏଥି ଉପଲକ୍ଷେ ସଚେତନତା କାର୍ଯ୍ୟକ୍ରମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବା ସହ ଛାତ୍ରଛାତ୍ରୀ ଶୋଭାଯାତ୍ରାରେ ବାହାରି ପ୍ଲାଷ୍ଟିକ ମୁକ୍ତ ଭାରତ ଗଠନ ସହ ପରିବେଶ ସୁରକ୍ଷା ସମ୍ପର୍କରେ ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ସାମ୍ବାଦିକ ବାବୁଲା ସେଠୀ, ସମ୍ମାନିତ ଅତିଥି ଭାବେ




ଶୁଭ୍ରକାନ୍ତ ମହାନ୍ତି, ଏସ. ରମେଶ ଅଭିଭାଷଣ ରଖିଥିଲେ। ସଭାପତି ଭାବେ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଭଗବାନ ବିଷୋୟୀ ସଭା ପରିଚାଳନା କରିଥିଲେ। ଅଧ୍ୟାପକ ଡ଼.ଅନ୍ତର୍ଯ୍ୟାମୀ ଗୌଡ଼, ଗୋପାଳ ଚନ୍ଦ୍ର ପଟ୍ଟନାୟକ, ମାନସ ରଞ୍ଜନ ପାଣିଗ୍ରାହୀ, ଶ୍ରୀକାନ୍ତ ମାଦଳା, ନୀଳମାଧବ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସ୍କୁଟର ଦୁର୍ଘଟଣାରେ ଯୁବକ ମୃତ

**ଦାରିଙ୍ଗବାଡି, ୧।୧୨(ସମିସ):** କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ଥାନା ପର୍ଡମାହା ପଞ୍ଚାୟତ ଅନ୍ତର୍ଗତ କଟାବାଡ଼ି ଗ୍ରାମ ନିକଟ ବୁଲାଣିରେ ଗୁରୁବାର ବିଳମ୍ବିତ ରାତିରେ ଏକ ସ୍କୁଟର ଦୁର୍ଘଟଣାରେ ଘଟଣା ସ୍ଥଳରେ ଚାଳକ ଯୁବକର ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଲେ ଶ୍ରୀନିକେତା ପଞ୍ଚାୟତ ସୁଲୁମାହା ଗ୍ରାମର ସମୀର ପ୍ରଧାନ(୨୨)। ସମୀର ଗୁରୁବାର ଦିନ କୌଣସି କାମରେ ରାଣୀପାଙ୍ଗା ଗ୍ରାମକୁ ଯାଇ ବିଳମ୍ବିତ ରାତିରେ ଫେରୁଥିବା ବେଳେ କଟାବାଡ଼ି ନିକଟ ବୁଲାଣିରେ ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ଏକ ପଥରରେ ପିଟି ହୋଇଯାଇଥିଲେ। ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। କିଛି ଲୋକ ଯୁବକଙ୍କ ମୃତଦେହ ଦେଖି ପ୍ରଥମେ ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ପରେ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକ ଘଟଣା ସ୍ଥଳରେ ପହଞ୍ଚି ପୁଲିସଙ୍କୁ ସୂଚନା ଦେଇଥିଲେ। ଶୁକ୍ରବାର ଦିନ ସକାଳେ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ସ୍କୁଟର ଜବତ କରିଥିଲେ। ଏସମ୍ପର୍କରେ ପୁଲିସ ଏକ ମାମଲା ଦାୟର କରି ତଦନ୍ତ କରୁଛି।

# ରାଜ୍ୟସ୍ତରୀୟ ଭାରୋତ୍ତୋଳନ ପ୍ରତିଯୋଗିତାରେ କୃତୀ ଛାତ୍ରଙ୍କୁ ସମ୍ବର୍ଦ୍ଧନା

ଜି.ଉଦୟଗିରି, ୧।୧୨(ସମିସ): ବ୍ରହ୍ମପୁରରେ ଚାଲିଥିବା ରାଜ୍ୟସ୍ତରୀୟ ବିଦ୍ୟାଳୟ ସ୍ତରୀୟ ଭାରୋତ୍ତୋଳନ ପ୍ରତିଯୋଗିତାରେ ଜି.ଉଦୟଗିରି ହବାକ ହାଇସ୍କୁଲର ନବମ ଶ୍ରେଣୀ ଛାତ୍ର ମାର୍କ ନାୟକ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ତିନି ଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ସ୍କୁଲର ପ୍ରତିଯୋଗୀ ଭାଗ ନେଇଥିବା ବେଳେ ମାର୍କ ତ୍ରିତୀୟ ସ୍ଥାନ ହାସଲ କରି କାଂସ୍ୟ ପଦକ ପାଇଛନ୍ତି। କନ୍ଧମାଳ ଜିଲ୍ଲାର ପ୍ରଥମ ପ୍ରତିଯୋଗୀ ଭାବେ କୃତିତ୍ୱ ହାସଲ କରିଥିବାରୁ ହାଇସ୍କୁଲ ତରଫରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନ ଶିକ୍ଷକ ବିଜୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଖେଳ ଶିକ୍ଷକ ସତ୍ୟବ୍ରତ କର୍ଣ୍ଣର୍ ସହିତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।



# ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ଉପକରଣ ବଣ୍ଟନ



ଦାରିଙ୍ଗବାଡି, ୧।୧୨(ସମିସ): ଦାରିଙ୍ଗବାଡି ଗୋଷ୍ଠୀ ଶିକ୍ଷା ସାଧନ କେନ୍ଦ୍ରରେ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଉପକରଣ ବଣ୍ଟନ କରାଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ରସାନନ୍ଦ କରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ, ମୁଖ୍ୟବକ୍ତା ଭାବେ ବିଡ଼ିଓ ଗଦାଧର ପାତ୍ର, ଅତିଥି ଭାବେ ତହସିଲଦାର ଶରତ ଶବର, ବି.ଆର.ସି.ସି ଗୋକୁଳ ଚନ୍ଦ୍ର ନାୟକ, ଅସ୍ଥିଶଲ୍ୟ ଡା. ଅମିତ ମିଶ୍ର, ଅଡିଓଲୋଜି ଡା. ଏ. ଜୟକାନ୍ତ, ଏବିଓ ବନମାଳୀ ମାଝୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ୨୧ ଜଣଙ୍କୁ ଟ୍ରାଇ ସାଇକଲ, ୨ ଜଣଙ୍କୁ ହୁଇଲ ଚେୟାର, ୯ ଜଣଙ୍କୁ ଶ୍ରବଣ ଯନ୍ତ୍ର, ୩ ଜଣଙ୍କୁ କର୍ଣ୍ଣର ଚେୟାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ ପ୍ରଶାନ୍ତ ସାହୁ ସଂଯୋଜନା କରିଥିବା ବେଳେ ଗୋଷ୍ଠୀ ସମ୍ବଳ ଶିକ୍ଷକ ମାନସ ଷଡ଼ଙ୍ଗୀ ଓ ରଶ୍ମିତା ସେନାପତି ପରିଚାଳନା କରିଥିଲେ।

# ଶିକ୍ଷା ବିକାଶ ସମ୍ବନ୍ଧିତ ଲାଇବ୍ରେରୀ ଉଦ୍‌ଘାଟିତ

**ଫିରିଙ୍ଗିଆ, ୧।୧୨(ସମିସ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକରେ ପିରାମଲ ଫାଉଣ୍ଡେସନ ତରଫରୁ ତୃତୀୟ ଶ୍ରେଣୀ ଠାରୁ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ଶିକ୍ଷାର ବିକାଶ, ମାନସିକ ଓ ଜ୍ଞାନର ଅଭିବୃଦ୍ଧି ପାଇଁ ଲାଇବ୍ରେରୀ ଉଦଘାଟିତ ହୋଇଛି। ଫିରିଙ୍ଗିଆ ଗୋଷ୍ଠୀଶିକ୍ଷା ଅଧିକାରୀ ଅଶୋକ ମିଶ୍ର ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ସିଆରସିସି ଦିଲୀପ ପାଣିଗ୍ରାହୀ, ପ୍ରଧାନ ଶିକ୍ଷକ ଯୋଗେଶ୍ୱର ବେହେରା, ପିରାମଲ ଫାଉଣ୍ଡେସନର ସଦସ୍ୟା ସୁବର୍ଣ୍ଣା ସାହାନ ଯୋଗ ଦେଇଥିଲେ। ଡିଣ୍ଡିରା ଗାଁ ପ୍ରାଥମିକ ବିଦ୍ୟାଳୟରେ ଏହି ଲାଇବ୍ରେରୀ ଉଦଘାଟିତ ହୋଇଛି। ଶିକ୍ଷାର ଅଭିବୃଦ୍ଧି ପାଇଁ ଏଭଳି ପଦକ୍ଷେପ ନିଆଯାଇଥିବା ବେଳେ ଛାତ୍ରଛାତ୍ରୀ ନିଜ ବିଦ୍ୟାଳୟରେ



ଲାଇବ୍ରେରୀରେ ବିଭିନ୍ନ ପାଠ୍ୟ ପୁସ୍ତକ ପାଇବେ ଏବଂ ସେମାନଙ୍କ ଜ୍ଞାନର ପରିଚୟ ଯେପରି ବୃଦ୍ଧି ପାଇବ ତାହା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ରହିଛି।

# ଆଇଟିଆଇରେ ଯୁବ ବିକାଶ କ୍ରୀଡ଼ା ପ୍ରତିଯୋଗିତା

**ଦାରିଙ୍ଗବାଡି, ୧।୧୨(ସମିସ):**

କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନରେ ଯୁବ ଓଡ଼ିଶା ନବୀନ ଓଡ଼ିଶା ପକ୍ଷରୁ ସମ୍ମନିତ ଯୁବ ବିକାଶ କାର୍ଯ୍ୟକ୍ରମ ଜରିଆରେ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଆଇଟିଆଇ ଅଧ୍ୟକ୍ଷ ପ୍ରଦୀପ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିଯୋଗିତାରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ସୁଶାନ୍ତ ପ୍ରଧାନ, ଅତିଥି ଭାବେ ବିଡ଼ିଓ ଗଦାଧର ପାତ୍ର ଓ ତହସିଲଦାର ଶରତ ଶବର ଯୋଗ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ରହିଥିବା ଲୁକ୍କାୟିତ କ୍ରୀଡ଼ା ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ରାଜ୍ୟ ସରକାର ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଏଥିରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ହୋଇଥିଲା। ଶିକ୍ଷୟିତ୍ରୀ ସରୋଜିନୀ ଦାସ ମଞ୍ଚ ସଂଯୋଜନା କରିଥିଲେ। ପିଇଟି ଶିକ୍ଷକ ଜଗଦୀଶ ମୁଦୁଲି, ସନ୍ତୋଷ କୁମାର ମାଝୀ, ସୌମ୍ୟ ପ୍ରକାଶ କର୍ଣ୍ଣ, ରଶ୍ମିରଞ୍ଜନ ତ୍ରିପାଠୀଙ୍କ ସମେତ ଆଇଟିଆଇ ତାଲିମ କେନ୍ଦ୍ର ଶିକ୍ଷକ ପ୍ରକାଶ ରାଉତ, ଅଲିଭ ସାହୁ, ଭୁପେନ, ଲିଙ୍ଗରାଜ, ଶେଳି ଡାକୁଆ ପରିଚାଳନାରେ ସହଯୋଗ କରିଥିଲେ।



## ବଜାର ଗାଁରେ ରାଧାକୃଷ୍ଣ ପୂଜା

**ପଞ୍ଚୁପାଣ୍ଡବ, ୧।୧୨(ସମିସ):** ଡେରାବିଶ ବ୍ଲକ ବେଣିପୁର ପଞ୍ଚାୟତ ବଜାର ଗ୍ରାମରେ ରାଧାକୃଷ୍ଣ ପୂଜା ପାଳିତ ହେଉଛି। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭଜନ, କୀର୍ତ୍ତନ ଓ ମେଲୋଡ଼ି ଆଦି ଆୟୋଜିତ ହେଉଛି। ଉତ୍ସବ ପରିଚାଳନାରେ ପୂଜା କମିଟିର ସଭାପତି ଅଶୋକ ସେଠୀଙ୍କ ସହିତ ରମାକାନ୍ତ ସେଠି, ଅର୍ଜୁନ ମଳିକ, ସାମନ୍ତ ମଳିକ, ଅମର ବେହେରା, ଶ୍ରୀକାନ୍ତ ବେହେରା, ରମେଶ ନାଥଶର୍ମା, ସାନ୍ତନୁ ମଳିକ, ନାରାୟଣ ନାଥଶର୍ମା ଏବଂ ସମିତିସଭ୍ୟା କବିତା ସେଠୀ ସହଯୋଗ କରୁଛନ୍ତି।

## ବିଜ୍ଞାନ ମେଳା ନିମନ୍ତେ ପ୍ରସ୍ତୁତି

**ପଞ୍ଚୁପାଣ୍ଡବ, ୧।୧୨(ସମିସ):** ଡିସେମ୍ବର ୮ରେ ଡେରାବିଶ ବ୍ଲକ ମଣ୍ଡଳସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହେବ। ଏଥିଲାଗି ବେଣିପୁର ଉଚ୍ଚବିଦ୍ୟାଳୟରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଶଶିକାନ୍ତ ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ଏହି ବୈଠକରେ ଶଚିକାନ୍ତ ମିଶ୍ର, ଦେବଦତ୍ତ ଶତପଥୀ, ବେଣିପୁର ସରପଞ୍ଚ ମୋହନ ଚରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ପ୍ରାକ୍ତନ ଜିଲ୍ଲା ବିଜ୍ଞାନ ପରିଦର୍ଶକ ପିତବାସ ପଣ୍ଡା, ମଙ୍ଗଳେଶ୍ୱର ଉଚ୍ଚ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ଭାଗୀରଥି ମହାନ୍ତି, ସମସ୍ତ କ୍ଲଷ୍ଟରର ସିଆରସିସି, ମଣ୍ଡଳର ସମସ୍ତ ବିଜ୍ଞାନ ଶିକ୍ଷକ ଶିକ୍ଷୟିତ୍ରୀ ଉକ୍ତ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବେଣିପୁର ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ବୈଠକ ପରିଚାଳନାରେ ସହଯୋଗ କରିଥିଲେ।

## ଧବଳେଶ୍ୱରଙ୍କ ପ୍ରତିଷ୍ଠା ଉତ୍ସବ

**ରାଜନଗର, ୧।୧୨(ସମିସ):** ରାଜନଗର ବ୍ଲକ ବାଲିସାହିପାଟଣା ପଞ୍ଚାୟତ ଧାନଦିଆ ଗ୍ରାମରେ ପ୍ରତ୍ୟେକ ବର୍ଷ ପରି ଚଳିତବର୍ଷ ଶ୍ରୀ ଶ୍ରୀ ଧବଳେଶ୍ୱର ମହାଦେବଙ୍କ ବାର୍ଷିକ ଉତ୍ସବ ଓ ବିଶ୍ୱ ଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ପୂଜା କମିଟିର ସୁବାସ ଚନ୍ଦ୍ର ଦାସ, ଫକୀର ପରିଡ଼ା, ବସନ୍ତ ପରିଡ଼ା, କିଶୋର ପାତ୍ର, କୈଳାସ ପରିଡ଼ା, ଅଭିରାମ ପରିଡ଼ା, ଦୁଃଶାସନ ରାଉତ, ଅନନ୍ତ ପରିଡ଼ା, ରତ୍ନାକର ସାମଲ, ସୂର୍ଯ୍ୟମଣି ବରାଳ, ଚକ୍ରଧର ପ୍ରଧାନ, ଅକ୍ଷୟ ରାଉତ ପ୍ରମୁଖଙ୍କ ସହିତ ଗ୍ରାମବାସୀ ଓ ଯୁବକମାନେ ସହଯୋଗ କରୁଛନ୍ତି।

## ବିଭିନ୍ନ ପଞ୍ଚାୟତରେ ବ୍ୟାଙ୍କ ଉଦ୍‌ଘାଟିତ

**ରାଜନଗର, ୧।୧୨(ସମିସ):** ରାଜନଗର ବ୍ଲକର ମହୁଲିଆ, ରଙ୍ଗଣୀ, କେରୁଆଁପାଳ, କୃଷ୍ଣନଗର, ବାଘମାରି, ଖମାରସାହି ପଞ୍ଚାୟତରେ ଆମ ବ୍ୟାଙ୍କ ଯୋଜନାରେ ବ୍ୟାଙ୍କ ଶାଖା ଉଦ୍‌ଘାଟିତ ହୋଇଛି। ଏହି ଉଦ୍‌ଘାଟନ ଉତ୍ସବରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ଏଜିଏମ ଦେବାଶିଷ ରଥ, ଲିଡ୍ ବ୍ୟାଙ୍କ କେନ୍ଦ୍ରାପଡ଼ାର ମନୋଜ ପ୍ରଧାନ, ମ୍ୟାନେଜର ବିଦୁଭୂଷଣ ରାଉତ, ଭିତରକନିକା ଏସ୍‌ବିଆଇ ବ୍ୟାଙ୍କ ଶାଖା ପରିଚାଳକ ମନୋରଞ୍ଜନ ସ୍ୱାଇଁ, କନିଷ୍ଠଯନ୍ତ୍ରୀ ପ୍ରଭାତ ମାଝି, ଉମାଶଙ୍କର ଦଳାଇ, ସରପଞ୍ଚ ନନ୍ଦ ଦୁଲାଲ ପରିଡ଼ା, ମଞ୍ଜୁଳା ଦାସ, ଭବାନୀ ପାତ୍ର, ଗାୟତ୍ରୀ ପରିଡ଼ା, ଅନସୂୟା ବିଶ୍ୱାଳ, ଲୋପାମୁଦ୍ରା ଜେନା, ସମିତିସଭ୍ୟ ତାପସ ସାହୁ, ଶ୍ୟାମଳି ମାଇତି, ବିଶ୍ୱନାଥ ମାଇତି, ମନୋରଞ୍ଜନ ମଣ୍ଡଳ, ସଞ୍ଜୟ ସ୍ୱାଇଁ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଗୋପାଳ ମୁରବି ପ୍ରଭାକର ଦାସଙ୍କ ସ୍ମୃତିଚାରଣ

**କୁଜଙ୍ଗ, ୧।୧୨(ସମିସ):** କୁଜଙ୍ଗ ଅଞ୍ଚଳ ସମେତ ଜିଲ୍ଲାର ପ୍ରମୁଖ ଗୋପାଳ ସମ୍ପ୍ରଦାୟର ମୁରବି ପ୍ରଭାକର ଦାସଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ତାଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧ ଉତ୍ସବରେ କୁଜଙ୍ଗ ଜଗନ୍ନାଥପୁରସ୍ଥିତ ବାସଭବନରେ ଏହି ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଯାଦବ ସଂଘର ଉପଦେଷ୍ଟା ତଥା କୁଜଙ୍ଗର ପ୍ରାକ୍ତନ ସମିତି ସଭ୍ୟ ଏଏନ୍‌ଡି ଯାଦବ, କୁଜଙ୍ଗ ଓକିଲ ସଂଘର ପ୍ରାକ୍ତନ ସଭାପତି ଅମୃତ ଦାସ, ଭାରତ ଭୂଷଣ ଦାସ, ବିକାଶ ଦାସ, ଲକ୍ଷ୍ମୀଧର ଦାସ, ଶ୍ରମିକ ନେତା ପ୍ରକାଶ ଚନ୍ଦ୍ର ତ୍ରିପାଠୀ, ନବ ସାହୁ, ପ୍ରଫୁଲ୍ଲ ପରିଡ଼ା, ଲୋକନାଥ ଦାସ, ଅକ୍ଷୟ ଦାସ, ବରିଷ୍ଠ ସାମ୍ବାଦିକ ଦୁଷ୍ମନ୍ତ ମାଝୀ ପ୍ରମୁଖ ସ୍ମୃତିଚାରଣ କରିଥିଲେ।

## କବି ଭଗବାନ ମହାପାତ୍ରଙ୍କ ସ୍ମୃତିଚାରଣ

**କୁଜଙ୍ଗ, ୧।୧୨(ସମିସ):** କେନ୍ଦ୍ରାପଡ଼ା ମାଟିର ମହକ ତଥା ପାରାଦ୍ୱୀପ ବନ୍ଦରରେ କାର୍ଯ୍ୟକରୀ ବହୁ ପ୍ରଶଂଶା ସାଉଁଟିଥିବା କବି ଭଗବାନ ମହାପାତ୍ରଙ୍କ ପରଲୋକରେ କୁଜଙ୍ଗ ପୂଜ୍ୟପୂଜା ସଂସଦ ପକ୍ଷରୁ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କବିତା ମାଧ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। କୁଜଙ୍ଗ ମହାବୀର ମନ୍ଦିରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶିଷ୍ଟ ସାମ୍ୟବାଦୀ ନେତା ବାବୁରାମ ଚୌଧୁରୀ ପୌରୋହିତ୍ୟ କରିଥିଲେ। କୁଜଙ୍ଗ ପ୍ରେସ୍ କ୍ଲବର ସଭାପତି ରଘୁନାଥ ସାହୁ, ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର, ଜୀବନାନନ୍ଦ ଅଧିକାରୀ, କବି ନବୀନ ପ୍ରଧାନ, ବିଜୟ ମାଝୀ, ଅରବିନ୍ଦ ମଳିକ, କବି ଗୌରୀ ବାରିକ, କବି ରୁନୁବାଳା ମଳିକ, ସରୋଜିନୀ ମିଶ୍ର, କବି ଗୀତା ଦାସ, କୃଷ୍ଣଚନ୍ଦ୍ର ମହାନ୍ତି, ପୂର୍ଣ୍ଣଚନ୍ଦ୍ର ସାହୁ, ଅଜୟ ପଟ୍ଟନାୟକ, ଶଙ୍କର ଦାସ, ଛବିନ୍ଦ୍ର ସାହୁ, ଜୟନ୍ତୀ ଦାସ ପ୍ରମୁଖ କବିତା ଓ ବକ୍ତବ୍ୟ ମାଧ୍ୟମରେ ଭଗବାନଙ୍କ ସଶ୍ରଦ୍ଧ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# କେନ୍ଦ୍ରୀୟ ବିଦ୍ୟାଳୟକୁ ରାସ୍ତା ନାହିଁ

**ଡେରାବିଶ, ୧।୧୨(ସମିସ)**

- କେନ୍ଦ୍ରାପଡ଼ା-ଇନ୍ଦୁପୁର ରାସ୍ତାର ବାରିମୂଳ ଛକରେ ଗାଡ଼ି ଅଟକୁଛି
- ଛାତ୍ରଛାତ୍ରୀଙ୍କୁ ଦୈନିକ ଅଧ କିଲୋମିଟର ଚାଲିବାକୁ ପଡୁଛି
- ବାରିମୂଳ ଜେଲ୍‌କୁ ଯାଇଥିବା ଅଣଓସାରିଆ ପୁରୁଣା ରାସ୍ତା ଭରସା




ଡେରାବିଶ ବ୍ଲକ ବାରିମୂଳ ପଞ୍ଚାୟତ ଅଧୀନ ବାରିମୂଳ ଗ୍ରାମରେ ୨୦୧୦ ମସିହାରେ କେନ୍ଦ୍ରାପଡ଼ା କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ହୋଇଛି। କେନ୍ଦ୍ରାପଡ଼ାରେ ଶିକ୍ଷାର ସମୃଦ୍ଧି ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରତିଷ୍ଠା ହୋଇଥିବା ଏହି ବିଦ୍ୟାଳୟକୁ ଭଲ ରାସ୍ତାଟିଏ ନାହିଁ। ଦୁର୍ଦ୍ଦଶାରେ ଛାତ୍ରଛାତ୍ରୀ ଏହି ବିଦ୍ୟାଳୟକୁ ଯାତାୟତ କରୁଛନ୍ତି। ୫ ଏକର ପରିମିତ ଜାଗାରେ ପ୍ରତିଷ୍ଠା ହୋଇଥିବା ଏହି କେନ୍ଦ୍ରୀୟ ବିଦ୍ୟାଳୟରେ ଦ୍ୱାଦଶ ଶ୍ରେଣୀ ଯାଏ ରହିଛି। ୯୯୬ ଛାତ୍ରଛାତ୍ରୀ ପଢୁଛନ୍ତି। ବିଦ୍ୟାଳୟ ପାଇଁ ସରକାରଙ୍କ ପକ୍ଷରୁ ଆବଶ୍ୟକୀୟ ଭିତ୍ତିଭୂମି ଥିବା ବେଳେ ଭଲ ରାସ୍ତାଟିଏ ନ ଥିବାରୁ ଛାତ୍ରଛାତ୍ରୀ ଦୈନିକ ଆସୁଥିବା ଯାନବାହାନରୁ ଓହ୍ଲାଇ ଅଧ କିଲୋମିଟର ଚାଲିବାକୁ ପଡୁଛି। କେନ୍ଦ୍ରାପଡ଼ା-ଇନ୍ଦୁପୁର ରାସ୍ତାର ପାର୍ଶ୍ୱରେ ଅବସ୍ଥିତ ଏହି ବିଦ୍ୟାଳୟ ଦେଇ ବାରିମୂଳ ଜେଲ୍‌କୁ ଯାଇଥିବା ଏକ ଅଣଓସାରିଆ ପୁରୁଣା ରାସ୍ତାକୁ ବିଦ୍ୟାଳୟ କର୍ତ୍ତୃପକ୍ଷ ବ୍ୟବହାର କରୁଛନ୍ତି। ଏହି ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କୁ ନେଇ ଆସୁଥିବା ବିଭିନ୍ନ ଯାନବାହାନ ବିଦ୍ୟାଳୟ ନିକଟକୁ ଯାଇ ନ ପାରି କେନ୍ଦ୍ରାପଡ଼ା-ଇନ୍ଦୁପର ରାସ୍ତାର ବାରିମୂଳ ଛକଠାରେ ରାସ୍ତାର ଉଭୟ ପାର୍ଶ୍ୱରେ ରହିବାକୁ ପଡୁଛି। ଏହା ଫଳରେ ଏହି ରାସ୍ତା ଦେଇ ଯାଉଥିବା ଯାନବାହାନ ପାଇଁ ଟ୍ରାଫିକ ସମସ୍ୟା ଉତ୍କଟ ହେବାରେ ଲାଗିଛି। ଅନ୍ୟପକ୍ଷରେ ବିଦ୍ୟାଳୟ ଦେଇ ଯାଇଥିବା ବାରିମୂଳ ଜେଲ୍ ରାସ୍ତାରେ ଜେଲକୁ ଯାଉଥିବା ବିଭିନ୍ନ ଯାନବାହାନ ପିଲାଙ୍କ ପାଇଁ ଘୋର ସମସ୍ୟା ସୃଷ୍ଟି କରିଛି। ଏପରିକି ଜେଲ୍ ରାସ୍ତାରେ ବଡ଼ବଡ଼ ଚାକୁଣ୍ଡା ଗଛ ଥିବାରୁ ଛାତ୍ରଛାତ୍ରୀଙ୍କୁ ନେଇ ଆସୁଥିବା ବିଦ୍ୟାଳୟ ବସ୍ ଇନ୍ଦୁପୁର ରାସ୍ତାରେ ଅଟକିବାକୁ ପଡୁଛି। ଗାଡ଼ିରୁ ଓହ୍ଲାଇ ପିଲାମାନେ ଚାଲିଚାଲି ଆସୁଛନ୍ତି। କେବଳ ସେତିକି ନୁହେଁ; କେନ୍ଦ୍ର ସରକାରଙ୍କ ଶିକ୍ଷା ବିଭାଗ ପକ୍ଷରୁ ଛାତ୍ରଛାତ୍ରୀଙ୍କ ପାଇଁ ଦିଲ୍ଲୀ ଓ ଭୁବନେଶ୍ୱରରୁ ଆସୁଥିବା ବିଜ୍ଞାନ ଓ ବୈଷୟିକ ଜ୍ଞାନକୌଶଳ ପ୍ରଦର୍ଶନୀ ବସ୍ ବିଦ୍ୟାଳୟ ପରିସର ମଧ୍ୟକୁ ଯାଇ ନ ପାରି ଇନ୍ଦୁପୁର ରାସ୍ତା ଉପରେ ପ୍ରଦର୍ଶିତ ହେଉଛି। ଏହାକୁ ଦେଖିବା ପାଇଁ ବିଦ୍ୟାଳୟର ଶିକ୍ଷକ ଛାତ୍ରଛାତ୍ରୀଙ୍କୁ ଇନ୍ଦୁପୁର ରାସ୍ତା ନିକଟକୁ ଆଣିଥାନ୍ତି। ଏହା ଫଳରେ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମହଲରେ ଏ ନେଇ ତିବ୍ର ଅସନ୍ତୋଷ ଦେଖାଦେଇଛି। ତେବେ ଏହି ବିଦ୍ୟାଳୟକୁ ବାରିମୂଳ ପଞ୍ଚାୟତ କାର୍ଯ୍ୟାଳୟଠାରୁ ମାତ୍ର ୫୦୦ ମିଟର ରାସ୍ତା ନିର୍ମାଣ କରାଗଲେ ସମସ୍ୟାର ସମାଧାନ ହୋଇପାରନ୍ତା ବୋଲି ଜୟନ୍ତ ମୁଖାର୍ଜୀ କହିଛନ୍ତି। ତାଙ୍କ ସୂଚନା ଅନୁଯାୟୀ ଏହି ୫୦୦ ମିଟର ରାସ୍ତା ଆଗରୁ ମଧ୍ୟ ରହିଛି; ମାତ୍ର ନିର୍ମାଣ ଓ ରକ୍ଷଣାବେକ୍ଷଣ ଅଭାବରୁ ରାସ୍ତାଟି ଅନାବନା ଜଙ୍ଗଲରେ ଭର୍ତ୍ତି ହୋଇଯାଇଛି। କେନ୍ଦ୍ରୀୟ ବିଦ୍ୟାଳୟ ଅଧ୍ୟକ୍ଷ ଶଶି କୌଶଳଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନ ବ୍ୟବସ୍ଥା ପ୍ରତି ତାଙ୍କର ପ୍ରାଥମିକ ଗୁରୁତ୍ୱ ରହିଛି। ଶିକ୍ଷା ବ୍ୟବସ୍ଥା କିପରି ସମୃଦ୍ଧ ହେବ ସେ ନେଇ ସେ ଓ ଅନ୍ୟ ଶିକ୍ଷକମାନେ ନିଷ୍ଠାପର ଉଦ୍ୟମ ଜାରି ରଖିଛନ୍ତି। ଏ ବିଷୟରେ ବାରିମୂଳ ସରପଞ୍ଚ କଳ୍ପନା ବେହେରାଙ୍କୁ ପଚାରିବାରୁ ଏହି ରାସ୍ତା ନିର୍ମାଣ ପାଇଁ ଏନଆରଇଜିଏସ୍‌ରେ ଡେରାବିଶ ବିଡ଼ିଓ ଓ ପିଡ଼ିଙ୍କୁ ପଞ୍ଚାୟତ ପକ୍ଷରୁ ବାରମ୍ବାର ଅନୁରୋଧ କରାଯାଇଛି। ଅର୍ଥ ମଞ୍ଜୁର ହେଲେ ଏହି ରାସ୍ତା ନିର୍ମାଣ ହେବ ବୋଲି କହିଛନ୍ତି। ଏ ବିଷୟରେ ବିଡ଼ିଓ ଦାସରଥି ଜେନାଙ୍କୁ ଯୋଗାଯୋଗ କରିବାରୁ ଏହି ରାସ୍ତା ନିର୍ମାଣ ପାଇଁ ପଦକ୍ଷେପ ନିଆଯାଉଛି ବୋଲି କହିଥିଲେ।

# ସରପଞ୍ଚ, ପିଇଓଙ୍କ ମନମୁଖି କାର୍ଯ୍ୟକୁ ବିରୋଧ

**ଡେରାବିଶ, ୧।୧୨(ସମିସ)**

- ଜିଲ୍ଲାପାଳଙ୍କୁ ଭେଟିଲେ ସମିତିସଭ୍ୟ, ୱାର୍ଡସଭ୍ୟ
- ଡିସେମ୍ବର ୪ରୁ ଧାରଣା ଚେତାବନୀ

ଡେରାବିଶ ବ୍ଲକ ଏଣ୍ଡର ସରପଞ୍ଚ ଓ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ (ପିଇଓ) ମନଇଚ୍ଛା କାର୍ଯ୍ୟକଳାପ ଚାଳାଇଛନ୍ତି। କୌଣସି କଥାରେ ସେ ଦୁହେଁ ସମିତିସଭ୍ୟ, ୱାର୍ଡସଭ୍ୟଙ୍କୁ ପଚାରୁ ନାହାନ୍ତି ବା ମତାମତ ନେଉନାହାନ୍ତି। ଏହାକୁ ନେଇ ସମିତିସଭ୍ୟ, ୱାର୍ଡସଭ୍ୟମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। କେବଳ ଅସନ୍ତୋଷ ପ୍ରକାଶ କରି ନାହାନ୍ତି ବରଂ ଏ ନେଇ ଜିଲ୍ଲାପାଳଙ୍କୁ ଭେଟିଛନ୍ତି। ଏଭଳିକି ୪ ତାରିଖରୁ ଧାରଣା ଦେବାକୁ ସେମାନେ ନିଷ୍ପତ୍ତି ନେଇଥିବା ଅବଗତ କରିଛନ୍ତି।

ନିକଟରେ ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ଜନ ଶୁଣାଣି ଶିବିରରେ ଏଣ୍ଡର ପଞ୍ଚାୟତର ସମିତିସଭ୍ୟ ପ୍ରଫୁଲ୍ଲ ସେଠୀଙ୍କ ସମେତ ୱାର୍ଡସଭ୍ୟ ଜିଲ୍ଲାପାଳ ଓ ଏସପିଙ୍କୁ ଏହି ଅଭିଯୋଗ କରିଛନ୍ତି। ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କୁ ପ୍ରଦାନ କରାଯାଇଥିବା ଲିଖିତ ଅଭିଯୋଗରେ ଦର୍ଶାଯାଇଛି ଯେ, ସରପଞ୍ଚ ୱାର୍ଡସଭ୍ୟସଭ୍ୟାଙ୍କୁ ଅଣଦେଖା କରିବା ସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ପଚାରୁ ନାହାନ୍ତି। ଏହାର ବିରୋଧ କରିବାରୁ ପଞ୍ଚାୟତର ସମସ୍ତ କାର୍ଯ୍ୟରେ ଅଂଶଗ୍ରହଣ କରୁଥିବା ତାଙ୍କ ପୁଅ ୱାର୍ଡସଭ୍ୟସଭ୍ୟାଙ୍କୁ ଗାଳିଗୁଲଜ କରୁଛନ୍ତି। ଗତବର୍ଷ ଅକ୍ଟୋବର ୩୧ରେ ଏଣ୍ଡର ପଞ୍ଚାୟତ କାର୍ଯ୍ୟାଳୟରେ ହୋଇଥିବା 'ପଲ୍ଲୀରେ ପ୍ରଶାସନ' କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ବିଡିଓଙ୍କୁ ୱାର୍ଡସଭ୍ୟସଭ୍ୟା ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ବିଡିଓ ଉଭୟ ପକ୍ଷଙ୍କୁ ଡକାଇ ଆଲୋଚନା କରିଥିଲେ; ହେଲେ ପୁଣି ୱାର୍ଡସଭ୍ୟସଭ୍ୟାଙ୍କୁ ପଞ୍ଚାୟତ ବୈଠକ ବା ବିଭିନ୍ନ କାର୍ଯ୍ୟକ୍ରମ ବାବଦରେ ୬ମାସ ହେଲା କୌଣସି ସୂଚନା ପ୍ରଦାନ କରାଯାଉ ନାହିଁ। ୬ମାସ ପୂର୍ବରୁ ହୋଇଥିବା ପଞ୍ଚାୟତ ବୈଠକରେ ସରପଞ୍ଚ, ତାଙ୍କ ପୁଅ ଓ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ୱାର୍ଡସଭ୍ୟସଭ୍ୟାଙ୍କୁ ଦୁର୍ବ୍ୟବହାର କରିବାରୁ ବୈଠକ ଅଧାରୁ ବନ୍ଦ ହୋଇଥିଲା। ସରପଞ୍ଚ ଓ ପିଇଓ ବୈଠକରେ ରେଜୁଲେସନରେ କେତେକ ପ୍ରକଳ୍ପକୁ ସ୍ଥାନିତ କରି ୱାର୍ଡସଭ୍ୟସଭ୍ୟାଙ୍କ ଅଜାଣତରେ ଉକ୍ତ କାର୍ଯ୍ୟ କରୁଛନ୍ତି। ଅନ୍ୟ ଜିଲ୍ଲା ଅଧୀନରେ ଥିବା ରାସ୍ତା କାମ ମଧ୍ୟ କରାଯାଉଥିବା ୱାର୍ଡସଭ୍ୟାସଭ୍ୟ ଅଭିଯୋଗରେ ଦର୍ଶାଇଛନ୍ତି। ସରପଞ୍ଚଙ୍କ ପୁଅ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ସଭ୍ୟସଭ୍ୟା ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିବା ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ତୁରନ୍ତ ଏ ସବୁର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଆନ୍ଦୋଳନ କରିବାକୁ ସମିତିସଭ୍ୟ ଓ ୱାର୍ଡସଭ୍ୟମାନେ ଚେତାବନୀ ଦେଇଛନ୍ତି।

## କେନ୍ଦ୍ରାପଡ଼ା କଲେଜ ଦୁର୍ନୀତିର ଭିଜିଲାନ୍ସ ତଦନ୍ତ ଦାବି

**କେନ୍ଦ୍ରାପଡ଼ା, ୧।୧୨(ସମିସ):** କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ହୋଇଥିବା ଦୁର୍ନୀତିର ଭିଜିଲାନ୍ସ ତଦନ୍ତ କରିବାକୁ ଛାତ୍ର କଂଗ୍ରେସ ଦାବି କରିଛି। ପରଭେଜ ଅକତରଙ୍କ ନେତୃତ୍ୱରେ ପ୍ରଶାସନକୁ ଏକ ଦାବିପତ୍ର ଦିଆଯାଇଥିଲା। ଗରାପୁର କଂଗ୍ରେସ କାର୍ଯ୍ୟାଳୟରୁ ଏକ ବିଶାଳ ବାଇକ୍ ରାଲି ବାହାରି ତିନିମୁହାଣୀ, ନୂଆ ବସଷ୍ଟାଣ୍ଡ ଓ ପୁରୁଣା ବସ୍‌ଷ୍ଟାଣ୍ଡ ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା।

ଏହି ମହାବିଦ୍ୟାଳୟରେ ଦୁର୍ନୀତି ଓ ଅର୍ଥ ତୋଷରପାତ ପ୍ରସଙ୍ଗ ଦାଣ୍ଡରେ ପଡ଼ି ହାଟରେ ଗଡ଼ିଛି। ଅସାଧୁ ମେଣ୍ଟ ହେତୁ କଲେଜର ବିବିଧ ପ୍ରକଳ୍ପ ପାଇଁ ମିଳିଥିବା ଅର୍ଥ ଲୁଟ୍ ଚାଲିଛି। କୋଟି କୋଟି ଟଙ୍କାର କେଳେଙ୍କାରି ଘଟଣାର ତଦନ୍ତ ଆଞ୍ଚଳିକ ନିର୍ଦ୍ଦେଶକଙ୍କ ଦ୍ୱାରା କରାଯିବାର ନିଷ୍ପତ୍ତି ନେଇ ଉଚ୍ଚଶିକ୍ଷା ବିଭାଗ ହାତ ଟେକି ଦେଇଛି ବୋଲି ଅଭିଯୋଗରେ ଉଲ୍ଲେଖ ରହିଛି। ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ଦାବିପତ୍ର ଗ୍ରହଣ କରିଥିଲେ। ବିକାଶ ମଲ୍ଲିକ, ରାକେଶ ବେହେରା, ମହମ୍ମଦ ସାବିତ ଅଲ୍ଲୀ, ମହମ୍ମଦ ସଜାମିଲ, ଅମିତ ଜେନା, ସାର୍ଥକ ମହାପାତ୍ର, ବିଶ୍ୱଜିତ୍ ବେଉରା, ରାମେଶ୍ୱର ଶତପଥୀ, ଉମାକାନ୍ତ ମଲ୍ଲିକ, କାର୍ତ୍ତିକ ବେହେରା, ହିମାଂଶୁ ବେହେରା, ସୋନୁ ଜେନା, ୟାସିନ ଅହମ୍ମଦ, ଅମୀର ଅହମ୍ମଦ, ଏସ୍‌କେ ଅନୱାର, ରକିବ୍ ଖାନ, ସେକ ଜଲିଲ, ୱାଇଦୁର ରହେମାନ, ଆଦିପ ଖାନ, ରମାକାନ୍ତ ମଲ୍ଲିକ, ରିଙ୍କୁ ଖାନ, ସାହିଦ ଅକ୍ତର, ସୁଜିତ ଦାସ ଓ ନରେଶ ଜେନାଙ୍କ ସମେତ ଶତାଧିକ ଛାତ୍ର ସାମିଲ ହୋଇଥିଲେ। ପ୍ରଫୁଲ୍ଲ ଦାସ, ନାରାୟଣ ଚନ୍ଦ୍ର ପରିଡ଼ା, ସୌମେନ୍ଦ୍ର ପୃଷ୍ଟି, ରତିକାନ୍ତ ସାମଲ ଓ ମଧୁସୂଦନ ସେଠୀ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ

**ଡେରାବିଶ, ୧।୧୨(ସମିସ)**



ଆୟତପୁର ପଞ୍ଚାୟତସ୍ଥିତ ଶ୍ରୀ ଶ୍ରୀ ଅନନ୍ତ ନାରାୟଣ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ରାଜ୍ୟ ସରକାରଙ୍କ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ମହାବିଦ୍ୟାଳୟ ସଭାକକ୍ଷରେ ଆୟୋଜିତ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ମଳୟ ଜେନା ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରଜ୍ଞାନନ୍ଦ ସରସ୍ୱତୀ ଯୋଗ ଦେଇଥିଲେ। ଯୁବଶକ୍ତିର ଅପଚୟ କରା ନ ଯାଇ କ୍ରୀଡ଼ା, ସାଂସ୍କୃତିକ ଓ ସମାଜସେବା କାର୍ଯ୍ୟରେ ନିୟୋଜିତ କରାଯାଇ ପାରିଲେ ଯୁବକମାନଙ୍କ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟରେ ଉନ୍ନତି ହେବା ସହ ସମାଜର ଉନ୍ନତି ହୋଇପାରିବ; ଯାହା ରାଜ୍ୟ ଓ ଦେଶର ବିକାଶରେ ସହାୟକ ହୋଇପାରିବ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟର ଯୁବ ବ୍ୟାପାର ବିଭାଗର ଅଧ୍ୟାପକ ଦୟାନିଧି ମିଶ୍ର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ନରେନ୍ଦ୍ରପୁର ତୁଳସୀ ସଂସ୍କୃତ ମହାବିଦ୍ୟାଳୟ, ପଲେଇ ବଳଦେବଜୀଉ ସଂସ୍କୃତ ମହାବିଦ୍ୟାଳୟ, ହରିଅଙ୍କ ରାମଚଣ୍ଡୀ ସଂସ୍କୃତ ମହାବିଦ୍ୟାଳୟ, ନାଗଣପୁର ଆର୍ତ୍ତବଲ୍ଲଭ ସଂସ୍କୃତ ମହାବିଦ୍ୟାଳୟ ଓ ଜାଗୁଳେଇପଡ଼ା ଶ୍ରୀଲକ୍ଷ୍ମୀ ସଂସ୍କୃତ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଅଧ୍ୟାପକ ସୁରେଶ ଚନ୍ଦ୍ର ବେହେରା ଅତିଥି ଓ ସ୍ୱାଗତ ଭାଷଣ ପରିଚୟ ପ୍ରଦାନ କରିଥିଲେ। ଶେଷରେ ଅଧ୍ୟାପକ ଶାରଦା ପ୍ରସାଦ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ବିଶ୍ୱରଞ୍ଜନ ପାଢ଼ୀ, ଅଧ୍ୟାପିକା ପ୍ରଭାସିନୀ ପାଢ଼ୀ, କାଦମ୍ବିନୀ ପାଢ଼ୀ ଓ ମହାବିଦ୍ୟାଳୟର କର୍ମଚାରୀ ଶରତଚନ୍ଦ୍ର ସାମଲ, ପ୍ରତାପ ସାମଲ ଏବଂ ଆୟତପୁର ପଞ୍ଚାୟତର ଆଶୁତୋଷ ପାତ୍ର ପରିଚାଳନା କରିଥିଲେ।

# ଦୁର୍ଘଟଣାଜନିତ ଶୂନ୍ୟ ମୃତ୍ୟୁ ସପ୍ତାହ ପାଇଁ ମାନସ ମନ୍ଥନ

**ଜଗତସିଂହପୁର, ୧।୧୨(ସମିସ)**



ସଡକ ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟା ଶୂନ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଡିସେମ୍ବର ୧ରୁ ୭ ତାରିଖ ପର୍ଯ୍ୟନ୍ତ ସଡକ ଦୁର୍ଘଟଣା ଜନିତ ମୃତ୍ୟୁ ଶୂନ୍ୟ ସପ୍ତାହ ପାଳନ କରାଯିବ। ଏଥି ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ ଲଗ୍ନଜିତ୍ ରାଉତଙ୍କ ଅଧ୍ୟକ୍ଷତାରେ ଆଭାସୀ ମାଧ୍ୟମରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଲଗ୍ନଜିତ୍ ରାଉତ ଯୋଗଦେଇ କହିଲେ ଯେ, ଜଗତସିଂହପୁର ଜିଲ୍ଲାର ଅନେକ ଦୁର୍ଘଟଣା ପ୍ରବଣ ସ୍ଥାନ ରହିଛି। ସେହି ସବୁ ସ୍ଥାନରେ ଦୁର୍ଘଟଣା ରୋକିବାକୁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ଏହାକୁ ରୋକାଯାଇପାରିବ। ଆଞ୍ଚଳିକ ପରିବହନ ଅଧିକାରୀ ନିର୍ମଳ ମହାନ୍ତି ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋକପାତ କରି ରାଜ୍ୟ ପରିବହନ ଆୟୋଗ ପକ୍ଷରୁ ଜାରି କରାଯାଇଥିବା ଏସ୍‌ଓପିର ପ୍ରତିଟି ବିଷୟ ଉପରେ ବିଷଦ ଆଲୋଚନା କରିଥିଲେ। ସଡକ ଦୁର୍ଘଟଣା ରୋକିବାରେ ସହଯୋଗ କରିବା ପାଇଁ ୭ଟି ବିଭାଗର ଗୁରୁଦାୟିତ୍ୱ ରହିଛି। ପ୍ରଥମେ ସେ ପରିବହନ ବିଭାଗକୁ ଦୁର୍ଘଟଣାର ମୁଖ୍ୟ କାରଣ ରୂପେ ଦ୍ରୁତ ଗାଡ଼ିଚାଳନା, ବିନା ହେଲମେଟରେ ଯାତ୍ରା, ଚାରି ଚକିଆ ଯାନ ଚଳାଇବା ସମୟରେ ସିଟ୍ ବେଲ୍ଟ ନ ବାନ୍ଧିବା, ଗାଡି ଚାଳନା ସମୟରେ ମୋବାଇଲ ବ୍ୟବହାର କରିବା, ନିଶାସକ୍ତ ଅବସ୍ଥାରେ ଗାଡି ଚାଳନା, ପ୍ରତିଯୋଗିତାମୂଳକ ଗାଡି ଚାଳନା, ୧୮ ବର୍ଷରୁ କମ୍ ବୟସର ପିଲାଙ୍କ ଦ୍ୱାରା ଗାଡି ଚାଳନା, ବେଆଇନ ପାର୍କିଂ, ଭୁଲ୍ ଜାଗାରେ ଦୀର୍ଘ ସମୟ ଧରି ପାର୍କିଂ ଆଦି ଉପରେ ରୋକ୍ ଲଗାଇବାକୁ କହିଥିଲେ। ପୁଲିସ ବିଭାଗ ସହ ଯୋଗାଯୋଗ କରି ଦୁର୍ଘଟଣା ବ୍ଲାକ୍ ସ୍ପଟ୍ ଚିହ୍ନଟ ଓ ଏହାର ନିରାକରଣ ଉପରେ କାର୍ଯ୍ୟ କରିବାକୁ କହିଥିଲେ। ସେହିପରି ପୁଲିସ ବିଭାଗ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଚେକିଂ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ କହିଥିଲେ। ଜିଲ୍ଲାରେ ଥିବା ବ୍ଲକ ସ୍ପଟ୍ ଅଞ୍ଚଳ ଯେପରିକି କୁଜଙ୍ଗ ଥାନା ଅଧୀନ ସନ୍ତରା ଗଡ଼ିଆ, ମଙ୍ଗରାଜପୁର, ସିଦ୍ଧ ଭୂମି ପରି ଅଞ୍ଚଳରେ ସିଗନାଲ୍, ସାଇନ ବୋର୍ଡ ଓ ରମ୍ବଲର ନିର୍ମାଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସମସ୍ତ ଥାନା ଅଧିକାରୀଙ୍କୁ ଥାନା ଗୁଡିକରେ ଏ ନେଇ ସଚେତନତା ଜାରି କରିବା ଓ ଟ୍ରାଫିକ ନିୟମ ଉଲ୍ଲଂଘନ କରୁଥିବା ବ୍ୟକ୍ତିକୁ ଘଟଣା ସ୍ଥଳରେ ହିଁ ସଚେତନ କରାଇବା ପାଇଁ କୁହାଯାଇଥିଲା। ପୁଲିସ ପକ୍ଷରୁ ଆମ୍ବୁଲାନ୍ସ, ଟ୍ରମା କେୟାର ତଥା ଫାଷ୍ଟ ରେସପଣ୍ଡର ସହ ଯୋଗାଯୋଗ ରଖିବା ପାଇଁ କୁହାଯାଇଥିଲା। କୌଣସି ଜାଗାରେ ଦୀର୍ଘ ସମୟ ଧରି ଚାଳକ ବିହୀନ ଗାଡିକୁ ତୁରନ୍ତ ହଟାଇବା ସହ ନିଶାସକ୍ତ ଅବସ୍ଥାରେ ଗାଡି ଚଳାଉଥିବା ବ୍ୟକ୍ତି ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦିଗରେ ଆଲୋଚନା ହୋଇଥିଲା। ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ସ୍ୱାସ୍ଥ୍ୟ ବିଭାଗର ଦାୟିତ୍ୱ ସମ୍ପର୍କରେ ଆଲୋଚନା କରିବାକୁ ଯାଇ ଆର୍‌ଟିଓ କହିଲେ ଯେ, ସ୍ୱାସ୍ଥ୍ୟ ବିଭାଗ ଦୁର୍ଘଟଣା ପ୍ରବଣ ଅଞ୍ଚଳରେ ଆମ୍ବୁଲାନ୍ସର ଉପସ୍ଥିତି, ଜିପିଏସ୍ ସୁବିଧା ସହ ୧୦୮ ଆମ୍ବୁଲାନ୍ସ ଯୋଗାଇଦେବା ସହ ଦୁର୍ଘଟଣାର ୪୮ ଘଣ୍ଟା ମଧ୍ୟରେ ମାଗଣାରେ ଟ୍ରମା କେୟାର ଯୋଗାଇଦେବା ପାଇଁ ନିଜକୁ ପ୍ରସ୍ତୁତ କରିବା ଆବଶ୍ୟକ। ଏହାସହ ସମସ୍ତ ଗ୍ରୁପକୁ ସଚେତନ କରିବା ଉଚିତ। ଅନ୍ୟପକ୍ଷରେ ରାସ୍ତା ନିର୍ମାଣ କ୍ଷେତ୍ରରେ ଜାତୀୟ ରାଜପଥ ପ୍ରାଧିକରଣକୁ ରାସ୍ତା ଗୁଡିକର ନିର୍ମାଣ ଓ ମରାମତି, ରାସ୍ତା ପାର୍ଶ୍ୱବର୍ତ୍ତୀ ବୃକ୍ଷର ଡାଳ ଛେଦନ, ନିର୍ମାଣ କାର୍ଯ୍ୟ ଚାଲୁଥିବା ଜାଗା ଏବଂ ଦରକାରି ଜାଗା ଗୁଡିକରେ ରିଫ୍ଲେକଟିଭ ଟେପ ଲଗାଇବା, ଦୃଷ୍ଟି ଆକର୍ଷଣ କରୁଥିବା ବିଜ୍ଞାପନ ଗୁଡିକୁ ହଟାଇବା ପାଇଁ କହିଥିଲେ। ସେହିପରି ଶିକ୍ଷା ବିଭାଗ ପକ୍ଷରୁ ଛାତ୍ରଛାତ୍ରୀଙ୍କ ଦ୍ୱାରା ସଚେତନତା ଶୋଭାଯାତ୍ରା, ସାଇକ୍ଲୋଥନ, ମାରାଥନ ଆଦିର ଆୟୋଜନ, ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇବା, ପ୍ରାର୍ଥନା ସଭାରେ ସଡକ ସୁରକ୍ଷା ସମ୍ବନ୍ଧୀୟ ଧାରଣା ଦେବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଗୃହ ଓ ସହର ବିକାଶ ବିଭାଗକୁ ରାସ୍ତା କଡରେ ବୁଲା କୁକୁର ଓ ଗୋରୁଗାଈଙ୍କୁ ହଟାଇବା, ବେଆଇନ ପାର୍କିଂ ଓ ଅଧିଗ୍ରହଣ ଉପରେ ରୋକ୍ ଲଗାଇବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଓଏସ୍‌ଆର୍‌ଟିସିକୁ ଡ୍ରାଇଭରଙ୍କ ସେନ୍ସିଟାଇଜେସନ କରିବାକୁ କୁହାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରାଉତ କହିଲେ ଯେ, ବର୍ତ୍ତମାନ ପିକନିକ ସମୟ। ତେଣୁ ଡ୍ରିଙ୍କ୍ ଆଣ୍ଡ ଡ୍ରାଇଭ ବିରୋଧରେ କାର୍ଯ୍ୟାନୁଷ୍ଠାନ ବ୍ୟବସ୍ଥାକୁ କଡାକଡି କରିବାକୁ ପଡ଼ିବ। ସମସ୍ତ ବିଡିଓ ଓ ତହସିଲଦାରଙ୍କୁ ସେମାନଙ୍କ ବ୍ଲକରେ ସ୍ୱୟଂ ସହାୟକ ଗୋଷ୍ଠୀ ସହ ଜନସାଧାରଣଙ୍କୁ ଏ ନେଇ ସଚେତନ କରାଇବା ନିମନ୍ତେ ବ୍ଲକ ସ୍ତରରେ ବୈଠକ ଆୟୋଜନ କରିବା ପାଇଁ ଶ୍ରୀ ରାଉତ କହିଥିଲେ। ଏହି ଆଭାସୀ ବୈଠକରେ ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. କ୍ଷେତ୍ରବାସୀ ଦାଶ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ସମସ୍ତ ବ୍ଲକର ବିଡିଓ, ଦୁଇ ପୌର ପରିଷଦର ନିର୍ବାହୀ ଅଧିକାରୀ, ବିଭିନ୍ନ ଥାନାର ଅଧିକାରୀ, ବସ୍ ଓ ଟ୍ରକ୍ ସଂଘର କର୍ମକର୍ତ୍ତା, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## 'ବିଜ୍ଞାନ ଆମ ବିକାଶ ଓ ସମୃଦ୍ଧିର ସୂତ୍ରଧର'

### ବ୍ଲକସ୍ତରୀୟ ବିଜ୍ଞାନ ମେଳାରେ ୮୩ ପ୍ରକଳ୍ପ ପ୍ରଦର୍ଶିତ



**କୁଜଙ୍ଗ, ୧।୧୨(ସମିସ):** ଅଗପାଳସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ କୁଜଙ୍ଗ ବ୍ଲକସ୍ତରୀୟ ମେଳା ଅନୁଷ୍ଠିତ ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ୮୩ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏଥିରୁ ୧୧ଟି ପ୍ରକଳ୍ପ ପରବର୍ତ୍ତୀ ପର୍ଯ୍ୟାୟକୁ ଚୟନ କରାଯାଇଛି। ତେବେ ଏହି ମେଳାକୁ କୁଜଙ୍ଗ ବ୍ଲକ ଅଧ୍ୟକ୍ଷା ନୀନାରାଣୀ ସାହୁ, କୁଜଙ୍ଗ ବିଡିଓ ଦୀପକ ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ବିଜ୍ଞାନ ଜୟଯାତ୍ର ଓ ଭାରତର ଚନ୍ଦ୍ର ଅଭିଯାନକୁ ସ୍ମରଣ କରି ବିଜ୍ଞାନ ଆମ ବିକାଶ ଓ ସମୃଦ୍ଧିର ସୂତ୍ରଧର ସେ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଅରୁଣ ବେହେରା, ପ୍ରାକ୍ତନ ପ୍ରଧାନ ଶିକ୍ଷକ ସରୋଜ ବେହେରା, ବିଜ୍ଞାନ କ୍ଲବ୍ ସମ୍ପାଦକ ଶରଦା ପ୍ରସାଦ ଦାସ, କୋଷାଧ୍ୟକ୍ଷ ସୁବାସଚନ୍ଦ୍ର ଦାସ, ଶିକ୍ଷକ ପ୍ରସନ୍ନ ସେଠୀ, ରଶ୍ମିକାନ୍ତ ଦାସ, ସିଆରସିସି ଲଳିତ ସେଠୀ, ସ୍ଥାନୀୟ ପ୍ରଧାନ ଶିକ୍ଷୟିତ୍ରୀ ମିରାରାଣୀ ସାସ୍‌ମଲ, ଶରଦା ପ୍ରସନ୍ନ ମଲ୍ଲ ଯୋଗ ଦେଇଥିଲେ। କୁଜଙ୍ଗ ବିଇଓ ପ୍ରବିତ୍ର କର ଏଥିରେ ସଭାପତିତ୍ୱ କରିଥିଲେ। ଅଗପାଳ ହାଇସ୍କୁଲର ବରିଷ୍ଠ ଶିକ୍ଷକ ସୁଧୀରଞ୍ଜନ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ପୁରସ୍କାର ବିତରଣ ଉତ୍ସବ ତଥା ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ରାଉତ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ନେତା ବସନ୍ତ ଦାସ, ବିଇଓ ପବିତ୍ର କର, ବିନୋଦ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ।

## ସପ୍ତାହକ ବିରତି ପରେ ଗାଜାରେ ପୁଣି ରକ୍ତର ହୋଲି

# ଇସ୍ରାଏଲ ଆକ୍ରମଣରେ ଘଣ୍ଟାକରେ ୬୦ ମୃତ



**ତେଲ୍ ଆଭିଭ୍,୧।୧୨(ଏଜେନ୍ସି):** ଗାଜାରେ ପୁଣି ରକ୍ତର ହୋଲି ଆରମ୍ଭ ହୋଇଛି। ଇଜିପ୍ଟ ଏବଂ କାତାରର ମଧ୍ୟସ୍ଥତା ଭିତରେ ଇସ୍ରାଏଲ ସେନା ଏବଂ ହମାସ ମଧ୍ୟରେ ହୋଇଥିବା ଯୁଦ୍ଧ ବିରତି ଅବଧି ଶେଷ ହେବା ପରେ ଇସ୍ରାଏଲର ଆଇଡିଏଫ ସେନା ପୁଣି ରକ୍ତମୁଖା ହୋଇପଡ଼ିଛି। ଶୁକବ୍ରାର ଆଇଡିଏଫର ଘନ ଘନ ବୋମା ବିସ୍ଫୋରଣରେ ଗାଜାର ବିଭିନ୍ନ ଅଞ୍ଚଳ ପୁଣି ଧ୍ୱସ୍ତବିଧ୍ୱସ୍ତ ହେବା ଆରମ୍ଭ ହୋଇଛି। ସାତ ଦିନର ଯୁଦ୍ଧ ବିରତି ପରେ ଇସ୍ରାଏଲ ସେନା ହମାସ୍ ବିରୋଧରେ ତୀବ୍ର ଆକ୍ରମଣ ଆରମ୍ଭ କରିଥିଲା ବେଳେ ଘଣ୍ଟାକ ମଧ୍ୟରେ ଗାଜା ସ୍ଥିତି ପୁଣିଥରେ ସଙ୍କଟଜନକ ହୋଇପଡ଼ିଛି। ବିଶେଷକରି ଇସ୍ରାଏଲ ସେନା ପକ୍ଷରୁ ଗାଜାରେ ପରବର୍ତ୍ତୀ ପର୍ଯ୍ୟାୟ ଗ୍ରାଉଣ୍ଡ ଅପରେସନ ଆରମ୍ଭ କରାଯାଇଥିଲା ବେଳେ ଘଣ୍ଟାକ ମଧ୍ୟରେ ୬୦ ଜଣଙ୍କ ମୃତ୍ୟୁ ହୋଇଥିବା ପାଲେଷ୍ଟାଇନ ସ୍ୱାସ୍ଥ୍ୟ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି। ସାମ୍ବାଦିକମାନଙ୍କୁ ସୂଚନା ଦେଇ ସ୍ୱାସ୍ଥ୍ୟ ମନ୍ତ୍ରାଳୟ ମୁଖପାତ୍ର ଅଶରଫ ଅଲ୍-କୁଦ୍ରା କହିଛନ୍ତି ଯେ ,ଗାଜାର ଅଲ୍-ମଗାଜୀରେ ୧୦, ଦକ୍ଷିଣରେ ରାଫାରେ ୯ ଓ ଉତ୍ତର ଗାଜାରେ ପାଞ୍ଚ ଜଣଙ୍କ ମୃତ୍ୟୁ ହୋଇଛି । ଗାଜାର ବିଭିନ୍ନ ସ୍ଥାନରେ ରହିଥିବା ହମାସ ଠିକଣାକୁ ନିଶାଣ କରି ଇସ୍ରାଏଲ ସେନା ବୋମା ମାଡ଼ କରିବା ସହିତ ଆକାଶମାର୍ଗରୁ ମଧ୍ୟ ଆକ୍ରମଣ କରାଯାଇଛି। ଏହାଦ୍ୱାରା ଅଧିକାଂଶ ଭାବେ ସାଧାରଣ ନାଗରିକ ମୃତ୍ୟୁର ଶିକାର ହୋଇଛନ୍ତି। ଘନ ଘନ ବୋମାମାଡ଼ରେ ଗାଜାର ବିଭିନ୍ନ ଅଞ୍ଚଳ ବାରୁଦ ଗନ୍ଧରେ ଭର୍ତ୍ତି ହୋଇଯିବା ସହିତ ପୂରା ଅଞ୍ଚଳ କଳା ଧୂଆଁରେ ଭର୍ତ୍ତି ହୋଇଯାଇଥିବା ଦେଖିବାକୁ ମିଳିଛି। ବର୍ତ୍ତମାନ ସୁଦ୍ଧା ଇସ୍ରାଏଲ ଆକ୍ରମଣରେ ଗାଜାରେ ୧୫ ହଜାରରୁ ଅଧିକ ଲୋକଙ୍କ ମୃତ୍ୟୁ ହେବା ସହିତ ୩୦ ହଜାରରୁ ଅଧିକ ଲୋକ ଆହତ ହୋଇଛନ୍ତି। ଏହାବ୍ୟତୀତ ୧୫ ଲକ୍ଷରୁ ଅଧିକ ଲୋକ ବାସଚ୍ୟୁତ ହୋଇପଡ଼ିଛନ୍ତି। ତେବେ ଇସ୍ରାଏଲ ପୁଣି ଆକ୍ରମଣ କରିଥିବାରୁ ଏଠାକାର ମୃତ୍ୟୁସଂଖ୍ୟା ଆହୁରି ବଢିବାର ଆଶଙ୍କା ଦେଖାଯାଇଛି। ହମାସକୁ ଶେଷ ନ କରିବା ଯାଏଁ ଇସ୍ରାଏଲ କୌଣସି ସ୍ଥିତିରେ ଯୁଦ୍ଧ ବନ୍ଦ କରିବ ନାହିଁ ବୋଲି ପଣ କରିଥିଲା ବେଳେ ଶୁକ୍ରବାର ପୁଣି ଆକ୍ରମଣ ଆରମ୍ଭ କରିଛି। ଏଭଳି ସ୍ଥିତିରେ ଉଭୟ ପକ୍ଷ ମଧ୍ୟରେ ଯୁଦ୍ଧ ବିରତି ଆଣିବାକୁ କାତାର ଏବଂ ଇଜିପ୍ଟ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ଅକ୍ଟୋବର ୭ ତାରିଖରେ ଇସ୍ରାଏଲ ଉପରେ ହମାସ୍ ପକ୍ଷରୁ ଆକ୍ରମଣ କରାଯିବା ପରେ ଏହା ପରଦିନ ଠାରୁ ଇସ୍ରାଏଲ ହମାସ୍ ବିରୋଧରେ ଯୁଦ୍ଧ ଆରମ୍ଭ କରିଦେଇଥିଲା। କିନ୍ତୁ ଗତ ସପ୍ତାହକ ତଳେ (ନଭେମ୍ବର ୨୪)କାତାର ଏବଂ ଇଜିପ୍ଟର ମଧ୍ୟସ୍ଥତାରେ ଉଭୟ ପକ୍ଷ ୪ ଦିନ ଯୁଦ୍ଧ ବିରତି ପାଇଁ ରାଜି ହୋଇଥିଲେ। ଏହାପରେ ପୁଣି ଆଉ ଦୁଇ ଦିନ ବିରତି ଅବଧି ବଢାଇ ଦିଆଯାଇଥିଲା। କିନ୍ତୁ ଶୁକ୍ରବାର ସକାଳେ ଏହି ଅବଧି ଶେଷ ହେବା ପରେ ଇସ୍ରାଏଲ ପକ୍ଷରୁ ହମାସ୍ ବିରୋଧରେ ଆଲର୍ଟ ଜାରି କରାଯିବା ସହିତ ଆକ୍ରମଣ ଆରମ୍ଭ ହୋଇଛି।

## ଇସ୍ରାଏଲ ରାଷ୍ଟ୍ରପତିଙ୍କୁ ଭେଟିଲେ ମୋଦୀ

କିଛି ଦିନର ବିରତି ପରେ ହମାସ୍ ଉପରେ ଇସ୍ରାଏଲ ସେନା ଆକ୍ରମଣ ଆରମ୍ଭ କରିଥିଲା ବେଳେ ଏହି ସ୍ଥିତିକୁ ନେଇ ବିଭିନ୍ନ ମହଲରେ ପୁଣି ଉଦବେଗ ପ୍ରକାଶ ପାଇଛି। ଏହି ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ଇସ୍ରାଏଲ ରାଷ୍ଟ୍ରପତି ଆଇଜାକ୍ ହେର୍ଜୋଗଙ୍କୁ ଭେଟିଛନ୍ତି। ଦୁବାଇରେ ଅନୁଷ୍ଠିତ ଜାତିସଂଘ ଜଳବାୟୁ ସମ୍ମିଳନୀ(ସିଓପି-୨୮)ରେ ଉଭୟ ନେତା ପରସ୍ପରକୁ ଭେଟିବା ସହିତ ଆଲୋଚନା କରିଥିଲା ବେଳେ ପ୍ରଧାନମନ୍ତ୍ରୀ ମୋଦୀ କୂଟନୈତିକ ସ୍ତରରେ ଇସ୍ରାଏଲ ଏବଂ ପାଲେଷ୍ଟାଇନ ସମସ୍ୟାର ଶୀଘ୍ର ଏବଂ ସ୍ଥାୟୀ ସମାଧାନ ପାଇଁ ଗୁରୁତ୍ୱ ଦେଇଛନ୍ତି। ମୋଦୀ ଗତ ଅକ୍ଟୋବର୭ରେହୋଇଥିବାଆତଙ୍କବାଦୀଆକ୍ରମଣରେନିରୀହଲୋକଙ୍କମୃତ୍ୟୁକୁ ନେଇ ସମବେଦନା ଜଣାଇବା ସହିତ ବନ୍ଧକମାନଙ୍କୁ ମୁକ୍ତିକୁ ସ୍ୱାଗତ କରିଛନ୍ତି।

**ପାଲେଷ୍ଟାଇନ ସମସ୍ୟାର ଶୀଘ୍ର ସମାଧାନ ଉପରେ ଗୁରୁତ୍ୱାରୋପ**




## ଛିଡୁନି ମୁଖ୍ୟମନ୍ତ୍ରୀ-ରାଜ୍ୟପାଳ ବିବାଦ

# ଷ୍ଟାଲିନଙ୍କ ସହ ବୈଠକ କରିବାକୁ ରାଜ୍ୟପାଳଙ୍କୁ ପରାମର୍ଶ



**ନୂଆଦିଲ୍ଲୀ,୧।୧୨(ଏଜେନ୍ସି):** ତାମିଲନାଡୁ ସରକାରଙ୍କ କାର୍ଯ୍ୟରେ ବାରମ୍ବାର ହସ୍ତକ୍ଷେପ କରିବାକୁ ନେଇ ପୂର୍ବରୁ ରାଜ୍ୟପାଳ ଆରଏନ ରବି ଏବଂ ମୁଖ୍ୟମନ୍ତ୍ରୀ ଏମ କେ ଷ୍ଟାଲିନଙ୍କ ମଧ୍ୟରେ ବିବାଦୀୟ ସ୍ଥିତି ଦେଖାଯାଇଛି। ବିଶେଷକରି ତାମିଲନାଡୁ ବିଧାନସଭାରେ ପାରିତ ହୋଇଥିବା ବିଲ୍‌ଗୁଡିକୁ ରାଜ୍ୟପାଳ ବର୍ଷ ବର୍ଷ ଧରି ଅନୁମୋଦନ ନ ଦେବା ଘଟଣାକୁ ନେଇ ତାମିଲନାଡୁ ସରକାର ସୁପ୍ରିମକୋର୍ଟରେ ପହଞ୍ଚିବା ପରେ ସର୍ବୋଚ୍ଚ ନ୍ୟାୟାଳୟ ରାଜ୍ୟପାଳଙ୍କ ଉପରେ ବର୍ଷିଛନ୍ତି। ରାଜ୍ୟପାଳ ରବି ବିଧାନସଭାରେ ପାରିତ ବିଲ୍ ଉପରେ ମୋହର ମାରିବାରେ ବିଳମ୍ବ କରିଥିବାରୁ ସର୍ବୋଚ୍ଚ ଅଦାଲତ ଅସନ୍ତୋଷ ପ୍ରକାଶ କରିବା ସହିତ ରାଜ୍ୟପାଳଙ୍କୁ ମୁଖ୍ୟମନ୍ତ୍ରୀ ଷ୍ଟାଲିନଙ୍କ ସହ ବୈଠକ କରି ଅଚଳାବସ୍ଥା ଦୂର କରିବାକୁ ପରାମର୍ଶ ଦେଇଛନ୍ତି।ରାଜ୍ୟପାଳ ଅଚଳାବସ୍ଥା ଦୂର କରନ୍ତୁ ବୋଲି ଆମେ ଚାହୁଁଛୁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏଥିପାଇଁ ରାଜ୍ୟପାଳ ତୁରନ୍ତ ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ କରନ୍ତୁ ଓ ତାଙ୍କ ସହ ଏକାଠି ବସି ସମସ୍ୟା ପ୍ରସଙ୍ଗରେ ଆଲୋଚନା କରନ୍ତୁ ବୋଲି ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି। ଏହି ପ୍ରସଙ୍ଗରେ ସୁପ୍ରିମକୋର୍ଟରେ ଶୁଣାଣି ବେଳେ ତାମିଲନାଡୁ ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ଅଭିଷେକ ମନୁସିଙ୍ଘଭୀ ସୁପ୍ରିମକୋର୍ଟଙ୍କୁ କହିଥିଲେ ଯେ , ରାଜ୍ୟ ବିଧାନସଭା ଦ୍ୱାରା ପୁନଃପାରିତ ହୋଇଥିବା ୧୦ଟି ବିଲ୍ ଉପରେ ରାଜ୍ୟପାଳ ଏବେ ସୁଦ୍ଧା ମୋହର ମାରିନାହାନ୍ତି। ସେ ଏହି ବିଲଗୁଡ଼ିକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ନିକଟକୁ ପଠାଇ ଦେଇଛନ୍ତି। ଏହା ଶୁଣିବା ପରେ ସର୍ବୋଚ୍ଚ ଅଦାଲତ ଅସନ୍ତୋଷ ପ୍ରକାଶ କରିବା ସହ ରାଜ୍ୟପାଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସହ ବୈଠକ କରିବାକୁ ପରାମର୍ଶ ଦେଇଛନ୍ତି। ଏବେ ମାମଲାର ପରବର୍ତ୍ତୀ ଶୁଣାଣି ଡିସେମ୍ବର ୧୧ରେ କରିବାକୁ ସୁପ୍ରିମକୋର୍ଟ ଦିନ ଧାର୍ଯ୍ୟ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ବିଧାନସଭାରେ ପୂର୍ବରୁ ପାରିତ ପ୍ରାୟ ୧୦ଟି ବିଲ୍‌କୁ ରଜ୍ୟପାଳ ରବି ପକାଇ ରଖିବା ପରେ ସେଗୁଡ଼ିକୁ ଫେରାଇ ଦେଇଥିଲେ। ପରେ ପରେ ତାମିଲନାଡୁ ସରକାରଙ୍କ ଦ୍ୱାରା ପୁଣି ଏହି ବିଲଗୁଡିକୁ ବିଧାନସଭାରେ ପାରିତ କରାଯାଇଥିଲା। ଏହାପରେ ଅନୁମୋଦନ ପାଇଁ ବିଲ୍‌ଗୁଡ଼ିକୁ ରାଜ୍ୟପାଳଙ୍କ ନିକଟକୁ ପଠାଯାଇଥିଲା। ତେବେ ରାଜ୍ୟପାଳ ଏହାକୁ ଗ୍ରହଣ ନ କରି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପାଖକୁ ପଠାଇ ଦେଇଥିବାରୁ ପୁଣିଥରେ ବିବାଦ ମୁଣ୍ଡ ଟେକିଛି।

## ୪୮ ସ୍କୁଲରେ ବୋମା ଆତଙ୍କ

**ବେଙ୍ଗାଲୁରୁ,୧।୧୨(ଏଜେନ୍ସି):** ବେଙ୍ଗାଲୁରୁ ସହର ଏବଂ ଆଖପାଖ ଇଲାକରେ ରହିଥିବା ସ୍କୁଲଗୁଡିକରେ ଶୁକ୍ରବାର ସକାଳେ ବୋମା ଆତଙ୍କ ଦେଖାଯାଇଥିଲା। ଗୋଟିଏ କି ଦୁଇଟି ନୁହେଁ, ଏକାଥରେ ଏଠାକାର ୪୮ ଟି ସ୍କୁଲକୁ ଇ-ମେଲ ଯୋଗେ ବିସ୍ଫୋରଣର ଧମକ ମିଳିବା ପରେ ନାହିଁ ନଥିବା ପରିସ୍ଥିତି ଉପୁଜିଥିଲା। ଇ-ମେଲ ଯୋଗେ ଘରୋଇ ସ୍କୁଲଗୁଡ଼ିକୁ ଉଡ଼ାଇ ଦେବାକୁ ଧମକ ମିଳିବା ପରେ ସ୍କୁଲ କର୍ମଚାରୀ, ପିଲା ଏବଂ ସେମାନଙ୍କ ଅଭିଭାବକ ମହଲରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ଏହି ଖବର ପ୍ରଚାରିତ ହେବା ପରେ ପୁଲିସ ସହ ସୁରକ୍ଷା ଏଜେନ୍ସି ଓ ଡଗ ସ୍କ୍ୱାଡ ସର୍ଚ୍ଚ ଅପରେସନ ଆରମ୍ଭ କରିଥିଲେ। ସେହିପରି ଏହି ୪୮ ସ୍କୁଲରୁ ପିଲା ଓ କର୍ମଚାରୀଙ୍କୁ ମଧ୍ୟ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ଏବେ ସୁଦ୍ଧା କୌଣସି ସ୍କୁଲରୁ ବୋମା ଠାବ କରାଯାଇ ନଥିବା କୁହାଯାଇଛି।ଏହାସତ୍ତ୍ୱେ ଅଭିଭାବକମାନେ ପିଲାମାନଙ୍କ ସୁରକ୍ଷାକୁ ନେଇ ଏବେ ଚିନ୍ତାରେ ପଡ଼ିଛନ୍ତି। ମିଳିଥିବା ଖବର ଅନୁସାରେ ଶୁକ୍ରବାର ସକାଳୁ ପ୍ରଥମେ ୧୫, ପରେ ୨୫ ଓ ଶେଷରେ ୪୮ ଟି ସ୍କୁଲର ଇ-ମେଲକୁ ହଠାତ୍ ବୋମା ବିସ୍ଫୋରଣ ନେଇ ଧମକପୂର୍ଣ୍ଣ ମେସେଜ୍ ଆସିଥିଲା। ଖବର ପାଇ ପୁଲିସ ସମେତ ବୋମା ନିଷ୍କ୍ରିୟକାରୀ ଟିମ୍ ବିଭିନ୍ନ ସ୍କୁଲରେ ପହଞ୍ଚି ଯାଞ୍ଚ ଆରମ୍ଭ କରିଥିଲେ। ତୁରନ୍ତ ସ୍କୁଲ ପିଲା ଓ କର୍ମଚାରୀମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା।ଖବର ପାଇ ସ୍କୁଲ ବାହାରେ ଅଭିଭାବକମାନେ ମଧ୍ୟ ଭିଡ଼ କରିଥିଲେ। ହ୍ୱାଇଟଫିଲ୍ଡ, କୋରେମଙ୍ଗାଲା, ବାସବେଶନଗର, ୟାଲାହାଙ୍କା ଓ ସଦାସିବନଗରରେ ଥିବା ଘରୋଇ ସ୍କୁଲଗୁଡ଼ିକୁ ବୋମା ବିସ୍ଫୋରଣ ଧମକ ମିଳିଛି। ସ୍କୁଲରେ ଯାଞ୍ଚ କଡ଼ାକଡ଼ି ଭାବେ ଚାଲୁଥିବାରୁ ଅଭିଭାବକଙ୍କୁ ଡାକି ପିଲାମାନଙ୍କୁ ଘରକୁ ପଠାଇ ଦିଆଯାଇଛି। ଏନେଇ ଭୟଭୀତ ହେବାର କିଛି ନାହିଁ ବୋଲି ବେଙ୍ଗାଲୁରୁ ପୁଲିସ କମିସନର ସମସ୍ତଙ୍କୁ ଆଶ୍ୱସନା ଦେଇଛନ୍ତି। ଇ-ମେଲ କେଉଁଠୁ ଆସିଛି,ତା'ର ତଦନ୍ତ କରାଯାଉଛି ବୋଲି କର୍ଣ୍ଣାଟକ ଗୃହମନ୍ତ୍ରୀ ଜି ପରମେଶ୍ୱର କହିଛନ୍ତି।ତେବେ ଗୋଟିଏ ସମୟରେ ଏତେ ସଂଖ୍ୟକ ସ୍କୁଲକୁ ବୋମା ବିସ୍ଫୋରଣର ଧମକ ସମସ୍ତଙ୍କୁ ଚକିତ କରିଛି।

**୫ ହଜାର ଛାତ୍ରଛାତ୍ରୀଙ୍କୁ ଖାଲି କରାଗଲା**

## ୩ ବଦଳରେ ୪ ତାରିଖରେ ହେବ ମିଜୋରାମ ଭୋଟ ଗଣତି

**ନୂଆଦିଲ୍ଲୀ,୧।୧୨(ଏଜେନ୍ସି):** ୫ ରାଜ୍ୟର ବିଧାନସଭା ନିର୍ବାଚନକୁ ନେଇ ଆସନ୍ତା ୩ ତାରିଖରେ ଭୋଟ ଗଣତି କରାଯିବ ବୋଲି କାର୍ଯ୍ୟସୂଚୀ ସ୍ଥିର ହୋଇଥିଲା। କିନ୍ତୁ ମିଜୋରାମ ଭୋଟ ଗଣତି ୩ ପରିବର୍ତ୍ତେ ୪ ତାରିଖରେ ହେବ ବୋଲି ଶୁକ୍ରବାର ନିର୍ବାଚନ କମିସନ ସୂଚନା ଦେଇଛନ୍ତି। ରାଜ୍ୟବାସୀଙ୍କ ଦାବିକୁ ସ୍ୱୀକାର କରି କମିସନ ଏହି ନିଷ୍ପତ୍ତି ନେଇଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ରବିବାର ମିଜୋରାମବାସୀଙ୍କ ପାଇଁ ବିଶେଷ ମହତ୍ତ୍ୱ ରଖିଛି। ରାଜ୍ୟର ପ୍ରାୟ ୮୭ ପ୍ରତିଶତ ଲୋକ ଖ୍ରୀଷ୍ଟଧର୍ମାବଲମ୍ବୀ ହୋଇଥିବାରୁ ସେମାନେ ଏହି ଦିନରେ ପ୍ରାର୍ଥନା କରିବାକୁ ଚର୍ଚ୍ଚ ଯାଇଥାଆନ୍ତି। ତେଣୁ ଭୋଟ ଗଣତି ରବିବାର କରାଗଲେ କୌଣସି ସମସ୍ୟା ଦେଖାଯିବା ଆଶଙ୍କାରେ ଏହାକୁ ବଦଳାଇବାକୁ ରାଜ୍ୟବାସୀ ଦାବି କରିଥିଲେ। ଏହାକୁ ଦୃଷ୍ଟିରେ ରଖି ନିର୍ବାଚନ କମିସନ ଏହି ନିଷ୍ପତ୍ତି ନେଇଛନ୍ତି। ତେବେ ନିର୍ବାଚନ କମିସନଙ୍କ ପୂର୍ବ ନିଷ୍ପତ୍ତି ଅନୁସାରେ ରାଜସ୍ଥାନ, ମଧ୍ୟପ୍ରଦେଶ, ଛତିଶଗଡ଼ ଓ ତେଲେଙ୍ଗାନା ବିଧାନସଭା ନିର୍ବାଚନ ଫଳାଫଳ ୩ ତାରିଖରେ ପ୍ରକାଶ ପାଇବ ବୋଲି କୁହାଯାଇଛି।

■ **କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡର ନିଷ୍ପତ୍ତି**

## ଦଶମ-ଦ୍ୱାଦଶରୁ ହଟିଲା ଡିଷ୍ଟିଙ୍କସନ୍

**ନୂଆଦିଲ୍ଲୀ,୧।୧୨(ଏଜେନ୍ସି):** କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସଇ)୨୦୨୪ ଶିକ୍ଷାବର୍ଷ ପାଇଁ ଦଶମ ଏବଂ ଦ୍ୱାଦଶ ପରୀକ୍ଷା କାର୍ଯ୍ୟସୂଚୀ ଜାରି କରିବା ପୂର୍ବରୁ ଏକ ବଡ଼ ନିଷ୍ପତ୍ତି ନେଇଛି। ଛାତ୍ରଛାତ୍ରୀଙ୍କ ମାର୍କ ପ୍ରତିଶତକୁ ନେଇ କିଛି ପରିବର୍ତ୍ତନ ହେବ। ସିବିଏସଇ ପରୀକ୍ଷା ନିୟନ୍ତ୍ରକଙ୍କ ସୂଚନା ଅନୁଯାୟୀ, ଏଣିକି ସିବିଏସଇ ଦଶମ ଏବଂ ଦ୍ୱାଦଶ ବୋର୍ଡ ପରୀକ୍ଷାରେ କୌଣସି ଡିଭିଜନ ଏବଂ ଡିଷ୍ଟିଙ୍କସନ ରହିବ ନାହିଁ। ସେ ଆହୁରି କହିଛନ୍ତି ବୋର୍ଡ ସମୁଦାୟ ମାର୍କ, ପ୍ରତିଶତ ମଧ୍ୟ ଦେବନାହିଁ। କିନ୍ତୁ ଯଦି ଉଚ୍ଚଶିକ୍ଷା କିମ୍ବା ଚାକିରି ପାଇଁ କେହି ଛାତ୍ରଙ୍କୁ ମାର୍କ ପ୍ରତିଶତର ଆବଶ୍ୟକ ହେବ ତେବେ ସେ ପଢୁଥିବା ସଂସ୍ଥାଙ୍କ ଠାରୁ ନେଇପାରିବେ। ଯଦି କୌଣସି ଛାତ୍ର ପାଞ୍ଚରୁ ଅଧିକ ବିଷୟ ନେଇଛନ୍ତି, ତେବେ ସର୍ବୋତ୍ତମ ପାଞ୍ଚ ବିଷୟରେ ଥିବା ମାର୍କକୁ ଆଧାର କରି ମାର୍କସିଟ୍ ପ୍ରସ୍ତୁତ କରାଯିବ ବୋଲି ସେ କହିଛନ୍ତି।

## ପୁଲୱାମାରେ ଆଉ ଜଣେ ଆତଙ୍କୀ ନିପାତ

**ଶ୍ରୀନଗର,୧।୧୨(ଏଜେନ୍ସି):** ଜମ୍ମୁ-କଶ୍ମୀରରେ ଚାଲିଥିବା ଏନକାଉଣ୍ଟରରେ ଆଉ ଜଣେ ଆତଙ୍କବାଦୀ ନିହତ ହୋଇଛି। ଗତକାଲି ବିଳମ୍ବିତ ରାତିରେ ପୁଲୱାମା ଜିଲ୍ଲାର ଆରିହାଲରେ ସୁରକ୍ଷା ବାହିନୀ ଓ ଆତଙ୍କବାଦୀଙ୍କ ମଧ୍ୟରେ ଏନକାଉଣ୍ଟର ହୋଇଥିଲା । ଏଥିରେ ଜଣେ ଆତଙ୍କବାଦୀ ନିହତ ହୋଇଥିବା ବେଳେ ସେ ଲସ୍କର ସଂଗଠନର ସଦସ୍ୟ ବୋଲି ଜଣାପଡ଼ିଛି। ପୁଲୱାମା ସମେତ ପଡ଼ୋଶୀ ଜିଲ୍ଲାରେ ଏହି ଆତଙ୍କବାଦୀ ଜଣକ ସକ୍ରିୟ ରହିବା ସହିତ ବିଭିନ୍ନ ଆତଙ୍କବାଦୀ କାର୍ଯ୍ୟରେ ତା'ର ସଂପୃକ୍ତି ଥିଲା ବୋଲି କୁହାଯାଇଛି।

● **ଜାତିସଂଘ ଜଳବାୟୁ ସମ୍ମିଳନୀରେ ମୋଦୀ**

## ପର୍ଯ୍ୟାବରଣ-ଅର୍ଥନୀତିର ଉତ୍କୃଷ୍ଟ ସମତୁଲତା ପାଇଁ ଭାରତ ଉଦାହରଣ




**ଦୁବାଇ,୧।୧୨(ଏଜେନ୍ସି):** ଜଳବାୟୁ ପରିବର୍ତ୍ତନକୁ ନେଇ ସାରା ବିଶ୍ୱ ଏବେ ନାନା ସଙ୍କଟର ସମ୍ମୁଖୀନ ହୋଇଥିଲା ବେଳେ ଏହାଦ୍ୱାରା ଅର୍ଥନୀତି ମଧ୍ୟ ପ୍ରଭାବିତ ହେଉଛି ବୋଲି ବିଭିନ୍ନ ମହଲରେ ଉଦବେଗ ସୃଷ୍ଟି ହୋଇଛି। କିନ୍ତୁ ପର୍ଯ୍ୟାବରଣ ଏବଂ ଅର୍ଥନୀତି ମଧ୍ୟରେ ସମତୁଲତା ରକ୍ଷା କରିବା କ୍ଷେତ୍ରରେ ଭାରତ ଯେଭଳି ପଦକ୍ଷେପ ଗ୍ରହଣ କରିଛି ତାହା ଅନ୍ୟ କୌଣସି ସ୍ଥାନରେ ଦେଖାଯାଇ ନାହିଁ। ଏଥିପାଇଁ ଭାରତ ହିଁ ସାରା ବିଶ୍ୱରେ ଶ୍ରେଷ୍ଠ ଉଦାହରଣ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏଠାରେ ଅନୁଷ୍ଠିତ ସିଓପି-୨୮ ସମ୍ମିଳନୀକୁ ସମ୍ବୋଧିତ କରି କହିଛନ୍ତି। ସେ କହିଛନ୍ତି ଯେ, ବିଶ୍ୱ ଜନସଂଖ୍ୟାର ୧୭ ପ୍ରତିଶତ ଲୋକ ଭାରତରେ ବସବାସ କରୁଛନ୍ତି। କିନ୍ତୁ ବିଶ୍ୱସ୍ତରରେ ଅନ୍ୟାନ୍ୟ ରାଷ୍ଟ୍ରମାନଙ୍କ ତୁଳନାରେ ଭାରତର ପ୍ରଦୂଷଣ ହାର ମାତ୍ର ୪ ପ୍ରତିଶତ ରହିଛି। ଏହାବ୍ୟତୀତ ଏନଡିସି(ନ୍ୟାସନାଲି ଡିଟରମିନଡ୍ କଣ୍ଟ୍ରିବ୍ୟୁସନ) ସର୍ତ୍ତକୁ ପୂରଣ କରୁଥିବା ବିଶ୍ୱର ଅଳ୍ପ କିଛି ରାଷ୍ଟ୍ରଙ୍କ ମଧ୍ୟରେ ଭାରତ ମଧ୍ୟ ସାମିଲ ହୋଇଛି। ଭାରତ ଆର୍ଥିକ କ୍ଷେତ୍ରରେ ବିକାଶ କରିବା ସହିତ ଅଣ-ଜୈବ ଜାଳେଣି ବ୍ୟବହାରକୁ ନେଇ ଭାରତ ସମ୍ମୁଖରେ ଯେଉଁ ଲକ୍ଷ୍ୟ ରହିଛି ତାହାକୁ ଆମେ ପୂର୍ବରୁ ପୂରଣ କରିବୁ ବୋଲି ମୋଦୀ କହିଛନ୍ତି। ସେହିପରି ୨୦୩୦ ସୁଦ୍ଧା ଭାରତ ଏହାର ପ୍ରଦୂଷଣ ହାରରେ ୪୫ ପ୍ରତିଶତ ହ୍ରାସ କରିବାକୁ ସକ୍ଷମ ହେବ ବୋଲି ମୋଦୀ କହିଛନ୍ତି।

● **ପ୍ରଧାନମନ୍ତ୍ରୀଙ୍କୁ ପ୍ରବାସୀ ଭାରତୀୟଙ୍କ ଭବ୍ୟ ସ୍ୱାଗତ**

## 'ଅବ୍ କି ବାର୍.. ୪୦୦ ପାର'

**ଦୁବାଇ,୧।୧୨(ଏଜେନ୍ସି):** ଆସନ୍ତା ୩ ତାରିଖରେ ୫ ରାଜ୍ୟର ନିର୍ବାଚନ ଫଳାଫଳ ପ୍ରକାଶ ପାଇବାକୁ ନେଇ ଦେଶରେ ମାହୋଲ ସରଗରମ ରହିଛି। କିନ୍ତୁ ବିଦେଶରେ ମଧ୍ୟ ଏହି ଉଷ୍ମତା କିଛି କମ୍ ନାହିଁ। ଦୁବାଇ ଠାରେ ଅନୁଷ୍ଠିତ ସିଓପି-୨୮ ସମ୍ମିଳନୀରେ ଯୋଗ ଦେବା ଲାଗି ପ୍ରଧାନମନ୍ତ୍ରୀ ମୋଦୀ ଦୁବାଇରେ ପହଞ୍ଚିବା ପରେ ସେଠାରେ ତାଙ୍କୁ ପ୍ରବାସୀ ଭାରତୀୟ ସମାଜ ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଥିଲା। ସେମାନେ ମୋଦୀଙ୍କୁ ଦେଖିବା ପରେ ହର ହର ମୋଦୀ...ଅବ କି ବାର ୪୦୦ ପାର ନାରା ଦେଇ ପାଛୋଟି ନେଇଥିଲେ। ମୋଦୀଙ୍କ ନେତୃତ୍ୱକୁ ସମର୍ଥନ କରି ଭାରତୀୟମାନେ ଏଭଳି ନାରା ଦେଇଥିଲେ। ନିଜ ଦେଶର ଲୋକଙ୍କ ଏଭଳି ଅଭିବାଦନରେ ମୋଦୀ ମଧ୍ୟ ଅଭିଭୁତ ହୋଇପଡିଥିଲେ ବୋଲି କହିଛନ୍ତି।

## ୫ ରାଜ୍ୟକୁ ନେଇ 'ପୋଲ ଅଫ୍ ପୋଲ୍' ରିପୋର୍ଟ

# ରାଜସ୍ଥାନ-ଏମ୍‌ପିରେ ବିଜେପି; ଛତିଶଗଡ଼-ତେଲଙ୍ଗାନରେ କଂଗ୍ରେସ

**ନୂଆଦିଲ୍ଲୀ,୧।୧୨(ଏଜେନ୍ସି):** ରାଜସ୍ଥାନ, ମଧ୍ୟପ୍ରଦେଶ, ଛତିଶଗଡ଼, ତେଲଙ୍ଗାନା ଏବଂ ମିଜୋରାମ ଭଳି ୫ ରାଜ୍ୟର ବିଧାନସଭା ନିର୍ବାଚନ ପ୍ରକ୍ରିୟା ଗତକାଲି ସୁଦ୍ଧା ଶେଷ ହେବା ପରେ ବିଭିନ୍ନ ଏଜେନ୍ସିଙ୍କ ପକ୍ଷରୁ ବୁଥ୍ ବାହୁଡ଼ା ରିପୋର୍ଟ ଜାରି କରାଯାଇଥିଲା। ଏହି ରିପୋର୍ଟରେ ଯାହା କିଛି ଆକଳନ କରାଯାଇଥିଲା ତଦ୍ୱାରା କେବଳ ଛତିଶଗଡ଼କୁ ବାଦ୍ ଦେଇ ଅନ୍ୟ ରାଜ୍ୟଗୁଡିକରେ କେଉଁ ଦଳ ସରକାର ଗଢ଼ିବ ତାହା ସ୍ପଷ୍ଟ ହୋଇ ନଥିଲା। ରାଜସ୍ଥାନ ଏବଂ ମଧ୍ୟପ୍ରଦେଶରେ କଂଗ୍ରେସ ଓ ବିଜେପି ମଧ୍ୟରେ କଡ଼ା ଟକ୍କର ଯୋଗୁଁ ଏହି ଦୁଇ ରାଜ୍ୟରେ ପ୍ରକୃତରେ କିଏ ସଂଖ୍ୟା ଗରିଷ୍ଠତା ହାସଲ କରିବ ତାହା ଆକଳନ କରିବା କଷ୍ଟକର ହୋଇପଡ଼ିଥିଲା। ସେହିପରି ତେଲଙ୍ଗାନରେ ଶାସକ ବିଆରଏସ୍ ପୁଣିଥରେ କ୍ଷମତାସୀନ ହେବ ବୋଲି କିଛି ଏଜେନ୍ସି ଆକଳନ କରିଥିଲେ ହେଁ ବହୁ ସଂସ୍ଥାଙ୍କ ଆକଳନରେ କଂଗ୍ରେସ ବିଆରଏସ୍ ଠାରୁ ଅଧିକ ଆସନ ହାତେଇବ ବୋଲି କୁହାଯାଇଥିଲା। କେବଳ ଏକମାତ୍ର ରାଜ୍ୟ ଭାବେ ଛତିଶଗଡ଼ରେ କଂଗ୍ରେସ ସର୍ବାଧିକ ଆସନରେ ବିଜୟୀ ହୋଇ ପୁଣିଥରେ ବାଘେଲ ସରକାର କ୍ଷମତାସୀନ ହେବେ ବୋଲି ସବୁ ସଂସ୍ଥା ଅକଳନ କରିଥିଲେ। ତେବେ ରାଜସ୍ଥାନ ଏବଂ ମଧ୍ୟପ୍ରଦେଶ ଫଳାଫଳକୁ ନେଇ ସାଧାରଣ ଭୋଟରଙ୍କ ଠାରୁ ଆରମ୍ଭ କରି ରାଜନୀତିକ ମହଲ ଯାଏଁ ଦ୍ୱନ୍ଦ୍ୱ ଲାଗି ରହିଥିଲା ବେଳେ 'ପୋଲ ଅଫ୍ ପୋଲ' ରିପୋର୍ଟରେ ଏହି ଦୁଇ ରାଜ୍ୟରେ ବିଜେପି ସରକାର ଗଢିବାର ସମ୍ଭାବନା ଅଧିକ ବୋଲି କୁହାଯାଇଛି। ଏହି ୫ଟି ରାଜ୍ୟରେ ୮ ପ୍ରମୁଖ ନ୍ୟୁଜ୍ ଚାନେଲ ବିଭିନ୍ନ ସର୍ଭେ ଟିମ୍ ସହ ସାମିଲ ହୋଇ ବୁଥ୍ ବାହୁଡ଼ା(ଏକଜିଟ୍ ପୋଲ୍) ରିପୋର୍ଟ ପ୍ରକାଶ କରିଥିଲେ। ତେବେ ଏହିସବୁ ରିପୋର୍ଟକୁ ଆଧାର କରି ହାରାହାରି ଭାବେ ୫ ରାଜ୍ୟର ପରିବର୍ତ୍ତିତ ସ୍ଥିତି ସମ୍ପର୍କରେ ଆକଳନ କରାଯାଇଛି। ଏଥିରେ ରାଜସ୍ଥାନ, ମଧ୍ୟପ୍ରଦେଶରେ ବିଜେପି ସରକାର ଏବଂ ଛତିଶଗଡ଼ ଓ ତେଲଙ୍ଗାନରେ କଂଗ୍ରେସ ସରକାର ଗଢିବା ନେଇ କୁହାଯାଇଛି। ୮ଟି ଏଜେନ୍ସିଙ୍କ ମଧ୍ୟରୁ ୫ଟି ସଂସ୍ଥା ରାଜସ୍ଥାନରେ ବିଜେପି ସରକାର କରିବ ବୋଲି ଆକଳନ କରିଥିବାରୁ ଏହା ହିଁ ନିର୍ବାଚନ ଫଳାଫଳରେ ପ୍ରତିଫଳିତ ହେବ ବୋଲି ଧରି ନିଆଯାଇଛି। ସେହିପରି ମଧ୍ୟପ୍ରଦେଶକୁ ନେଇ ୪ ଏଜେନ୍ସି ଏକଜିଟ୍ ପୋଲ୍‌ରେ ବିଜେପି ସରକାର ଗଢିବା ନେଇ ଆକଳନ କରିଥିଲା ବେଳେ ୩ ଏଜେନ୍ସି କଂଗ୍ରେସ ସପକ୍ଷରେ ଆକଳନ କରିଥିଲେ। ତେଣୁ ହାରାହାରି ଭାବେ ବିଜେପି ହିଁ ଏହି ରାଜ୍ୟରେ ସରକାର ଗଢିବା ଏକପ୍ରକାର ସମ୍ଭବ ବୋଲି କୁହାଯାଇଛି। ସେହିପରି ଛତିଶଗଡ଼କୁ ନେଇ ୮ ଏଜେନ୍ସି ମଧ୍ୟରୁ ୫ ଏଜେନ୍ସି କଂଗ୍ରେସର ବିଜୟକୁ ନେଇ ଆକଳନ କରିଥିଲେ। ତେଣୁ ଏଠାରେ ବାଘେଲ ସରକାର ପୁଣି କ୍ଷମତାସୀନ ହେବା ଏକପ୍ରକାର ନିଶ୍ଚିତ ବୋଲି କୁହାଯାଇଛି। ଅନ୍ୟପକ୍ଷରେ ମିଜୋରାମରେ ଝୁଲା ସରକାର ଗଠନକୁ ନେଇ ସବୁ ଏଜେନ୍ସି ଆକଳନ କରିଛନ୍ତି।

**ମିଜୋରାମରେ ଝୁଲା ସରକାର**

| ରାଜ୍ୟ | ମୋଟ ଆସନ | ବହୁମତ | ବିଜେପି | କଂଗ୍ରେସ | ଅନ୍ୟ |
|---|---|---|---|---|---|
| ରାଜସ୍ଥାନ | ୧୯୯ | ୧୦୦ | ୧୦୨ | ୮୬ | ୧୧ |
| ଏମ୍‌ପି | ୨୩୦ | ୧୧୬ | ୧୨୫ | ୧୦୦ | ୦୫ |
| ଛତିଶଗଡ଼ | ୯୦ | ୪୬ | ୩୯ | ୪୮ | ୦୩ |
| ତେଲେଙ୍ଗାନା | ୧୧୯ | ୬୦ | ୦୭ | ୬୪ | ୪୪ ବିଆରଏସ୍ |



**କନିଷ୍ଠ ବିଶ୍ୱକପ୍ ମହିଳା ହକି**

# ଲଢ଼େଇ କରି ହାରିଲା ଭାରତ




ସାଣ୍ଟିଆଗୋ, ୧।୧୨(ଏଜେନ୍ସି): ଏଠାରେ ଚାଲିଥିବା କନିଷ୍ଠ ବିଶ୍ୱକପ୍ ମହିଳା ହକି ପ୍ରତିଯୋଗିତାର ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ପରାଜିତ ହୋଇଛି। ଗତଥରର ରନର୍ସ ଅପ୍ ଜର୍ମାନୀ ୪-୩ ଗୋଲରେ ଭାରତକୁ ପରାସ୍ତ କରିଛି। ପ୍ରଥମାର୍ଦ୍ଧ ଶେଷ ସୁଦ୍ଧା ଭାରତ ୩-୨ ଗୋଲରେ ଆଗୁଆ ରହିଥିଲା। କିନ୍ତୁ ଦ୍ୱିତୀୟାର୍ଦ୍ଧର ୩୬ତମ ଓ ୩୮ତମ ମିନିଟ୍‌ରେ ଜର୍ମାନୀ ଦଳ ୨ଟି ଗୋଲ ଦେଇ ୪-୩ରେ ଆଗୁଆ ରହିଥିଲା। ଏହା ପରେ ଜୋରଦାର ଲଢ଼େଇ ହୋଇଥିଲେ ମଧ୍ୟ ଭାରତ ଆଉ ଗୋଲ ଦେବାକୁ ସମର୍ଥ ହୋଇ ପାରି ନଥିଲା। ଏହା ଫଳରେ ଭାରତ ଦ୍ୱିତୀୟ ମ୍ୟାଚ୍‌ରେ ପ୍ରଥମ ପରାଜୟ ବରଣ କରିଥିଲା। ପୂର୍ବରୁ ପ୍ରଥମ ଲିଗ୍ ମ୍ୟାଚ୍‌ରେ ଭାରତ ୧୨-୦ ଗୋଲରେ ଦୁର୍ବଳ କାନାଡ଼ାକୁ ପରାସ୍ତ କରିଥିଲା। ସେହିପରି ତୃତୀୟ ତଥା ଶେଷ ଲିଗ୍ ମ୍ୟାଚ୍‌ରେ ବେଲଜିୟମ ସହ ଡିସେମ୍ବର ୨ତାରିଖ ଅର୍ଥାତ୍ ଶନିବାର ସନ୍ଧ୍ୟା ୬ଟା ୩୦ ମିନିଟ୍‌ରେ ଭାରତ ମୁକାବିଲା କରିବ। ଏହି ମ୍ୟାଚ୍‌ରେ ଭାରତ ପକ୍ଷରୁ ଅନ୍ନୁ, ରୋପନି କୁମାରୀ ଓ ମମ୍‌ତାଜ୍ ଖାନ୍ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଜର୍ମାନୀ ପକ୍ଷରୁ ଲୌରା ପ୍ଲୁଥ୍ ୨ଟି, ସୋଫିଆ ସ୍କବେ ଓ କାରୋଲିନ୍ ସିଡେଲ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଏହି ମ୍ୟାଚ୍‌ଟି ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ଓ ଚିତ୍ତାକର୍ଷକ ହୋଇଥିଲା।

ଖେଳ ଆରମ୍ଭ ହେବା ମାତ୍ରେ ଭାରତୀୟ ଖେଳାଳି ଉତ୍ତମ ସମନ୍ୱୟ ରକ୍ଷା କରି ଆକ୍ରମଣ କରିଥିଲେ। ଖେଳାଳିଙ୍କ ମଧ୍ୟରେ ଚମତ୍କାର ପାସ୍ ବିନିମୟ ହୋଇଥିଲା। ଘନ ଘନ ଆକ୍ରମଣ ଫଳରେ ଭାରତକୁ ପେନାଲ୍ଟି କର୍ଣ୍ଣର ମିଳିଥିଲା। ଦ୍ୱିତୀୟ ପେନାଲ୍ଟି କର୍ଣ୍ଣରରୁ ଖେଳର ୧୧ତମ ମିନିଟ୍‌ରେ ଅନ୍ନୁ ଓ ୧୪ତମ ମିନିଟ୍‌ରେ ରୋପନି କୁମାରୀ ଚତୁର୍ଥ ପେନାଲ୍ଟି କର୍ଣ୍ଣରରୁ ଗୋଲ ସ୍କୋର କରିଥିଲେ। ଫଳରେ ପ୍ରଥମ କ୍ୱାର୍ଟର ଶେଷସୁଦ୍ଧା ଭାରତ ୨-୦ ଗୋଲରେ ଆଗୁଆ ରହିଥିଲା। ଦ୍ୱିତୀୟ କ୍ୱାର୍ଟରରେ ମ୍ୟାଚ୍‌କୁ ନିଜ ନିୟନ୍ତ୍ରଣରେ ରଖିବା ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିଲା। ଯାହା ଫଳରେ ଘନ ଘନ ଆକ୍ରମଣ କରିଥିଲା। ଏହା ଫଳରେ ଖେଳର ୧୭ତମ ମିନିଟ୍‌ରେ ସୋଫିଆ ଓ ୨୧ତମ ମିନିଟ୍‌ରେ ଲୌରା ଦୁଇଟି ଫିଲ୍ଡ ଗୋଲ ଦେଇ ଖେଳକୁ ସମାନ ସ୍ତରକୁ ନେଇଆସିଥିଲେ। ଭାରତ ମଧ୍ୟ ପ୍ରତ୍ୟାକ୍ରମଣ କରିଥିଲା। ଯାହାର ଫଳ ଦଳକୁ ୨୪ତମ ମିନିଟ୍‌ରେ ମିଳିଥିଲା। ମମ୍‌ତାଜ ଖାନ୍ ଦଳ ପକ୍ଷରୁ ଫିଲ୍ଡ ଗୋଲ ଦେଇ ପ୍ରଥମାର୍ଦ୍ଧ ସୁଦ୍ଧା ଭାରତକୁ ୩-୨ ଗୋଲରେ ଅଗ୍ରଣୀ କରାଇଥିଲେ।

ଦ୍ୱିତୀୟାର୍ଦ୍ଧରେ ଜର୍ମାନୀର ଆକ୍ରମଣ ଅବ୍ୟାହତ ରହିଥିଲା। ଖେଳର ୩୬ତମ ମିନିଟ୍‌ରେ ଲୌରା ଦ୍ୱିତୀୟ ଗୋଲ ସ୍କୋର କରି ଖେଳକୁ ସମାନସ୍ତରକୁ ନେଇଆସିଥିଲେ। ଏହାର ଦୁଇ ମିନିଟ୍ ପରେ ପେନାଲ୍ଟି କର୍ଣ୍ଣରରୁ କାରୋଲିନ୍ ଆଉ ଏକ ଗୋଲ ଦେଇ ଜର୍ମାନୀକୁ ୪-୩ରେ ଅଗ୍ରଣୀ କରାଇଥିଲେ। ଏହା ପରେ କେହି କାହାରିକୁ ଗୋଲ ଦେବାରେ ସମର୍ଥ ହୋଇ ନଥିଲେ। ଚତୁର୍ଥ କ୍ୱାର୍ଟରରେ ଉଭୟ ଦଳ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲେ ମଧ୍ୟ କୌଣସି ଗୋଲ ହୋଇ ନ ଥିଲା। ଖେଳର ଶେଷ ମୁହୂର୍ତ୍ତରେ ଭାରତକୁ ଦୁଇଟି ପେନାଲ୍ଟି କର୍ଣ୍ଣର ମିଳିଥିଲା। କିନ୍ତୁ ଏହାକୁ ଦଳ ଗୋଲରେ ପରିଣତ କରିବାରେ ସମର୍ଥ ହୋଇପାରି ନ ଥିଲା। ସେହିପରି ଜର୍ମାନୀ ଦଳ ମଧ୍ୟ ସୁବର୍ଣ୍ଣ ସୁଯୋଗ ପାଇଥିଲା। ଗୋଲପୋଷ୍ଟରେ କେବଳ ମାଧୁରୀ କିଣ୍ଡୋ ଏକାକୀ ଥିଲେ ମଧ୍ୟ ଜର୍ମାନୀ ଦଳର ଖେଳାଳି ଗୋଲ ଦେବାରେ ଅସମର୍ଥ ହୋଇଥିଲେ। ସମସ୍ତ ଚେଷ୍ଟା ସତ୍ତ୍ୱେ ଖେଳ ଜର୍ମାନୀ ସପକ୍ଷରେ ୪-୩ରେ ରହିଥିଲା।

**● ଦକ୍ଷିଣ ଆଫ୍ରିକା ଗସ୍ତ**

## ଭରତଙ୍କୁ ଭାରତ-ଏ'ର ନେତୃତ୍ୱ

ନୂଆଦିଲ୍ଲୀ, ୧।୧୨(ଏଜେନ୍ସି): ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ସିରିଜ୍ ବେଳେ ଉଭୟ ଦେଶର 'ଏ' ଦଳ ମଧ୍ୟରୁ ଦୁଇଟି ୪ ଦିନିଆ ବା ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍ ଖେଳାଯିବ। ଏହି ଦୁଇଟି ମ୍ୟାଚ୍‌ରେ ୱିକେଟରକ୍ଷକ କେଏସ୍ ଭରତଙ୍କୁ ଭାରତ-ଏ' ଦଳର ନେତୃତ୍ୱ ନେବାକୁ ମନୋନୀତ କରାଯାଇଛି। ମ୍ୟାଚ୍ ଦୁଇଟି ଟେଷ୍ଟ ମ୍ୟାଚ୍ ପୂର୍ବରୁ ଖେଳାଯିବ। ସାଧାରଣତଃ ଏହି ଟୁର ଟେଷ୍ଟ ସିରିଜ୍ ପୂର୍ବରୁ ଖେଳାଯାଇଥାଏ ଓ ଟେଷ୍ଟ ଦଳରେ ସ୍ଥାନ ପାଇଥିବା ବିଶେଷଜ୍ଞ ଖେଳାଳିମାନଙ୍କୁ ଏହି ମ୍ୟାଚ୍‌ରେ ସୁଯୋଗ ଦିଆଯାଇଥାଏ। କିନ୍ତୁ ଏଥର ସେ ସୁଯୋଗ ମିଳିନାହିଁ। ଘରୋଇ କ୍ରିକେଟରେ ଭଲ ପ୍ରଦର୍ଶନ କରୁଥିବା ଖେଳାଳିମାନଙ୍କୁ ନେଇ ଏହି ଦଳ ଗଠିତ ହୋଇଛି। ଏଥିରେ ମଧ୍ୟ କିଛି ସୀମିତ ଓଭର ଖେଳାଳିମାନଙ୍କୁ ସାମିଲ କରାଯାଇଛି। ଟେଷ୍ଟ ଦଳ ଲାଗି କୌଣସି ଅଭ୍ୟାସ ମ୍ୟାଚ୍ ନାହିଁ। ଏହି ଖେଳାଳିଙ୍କ ମଧ୍ୟରେ ଅଭ୍ୟାସ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ବିସିସିଆଇ ପକ୍ଷରୁ ସୂଚନା ଦିଆଯାଇଛି।



ଅଧିନାୟକ ଭରତ ଶେଷଥର ଲାଗି ଭାରତ ପକ୍ଷରୁ ଅଷ୍ଟ୍ରେଲିଆ ବିପକ୍ଷ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲରେ ଖେଳିଥିଲେ। ଏବେ ଦକ୍ଷିଣ ଆଫ୍ରିକା ବିପକ୍ଷ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଲାଗି ଲୋକେଶ ରାହୁଲ ଓ ଇଶାନ କିଶାନଙ୍କୁ ୱିକେଟରକ୍ଷକ ଭାବେ ଚୟନ କରାଯାଇଛି। ଯାହା ଫଳରେ ଭରତଙ୍କୁ କୌଣସି ପରିସ୍ଥିତିରେ ସାମିଲ କରାଯାଇପାରିବ ନାହିଁ। ଏହି ଦଳରେ ଓପନର ଅଭିମନ୍ୟୁ ଈଶ୍ୱରନଙ୍କୁ ସାମିଲ କରାଯାଇଛି। ସେ ଯଦି ଫିଟ୍ ହୁଅନ୍ତି ତେବେ ଦକ୍ଷିଣ ଆଫ୍ରିକା ଗସ୍ତରେ ଯିବେ।

**ପ୍ରଥମ ମ୍ୟାଚ୍ ଲାଗି ଖେଳାଳି:** ସାଇ ସୁଦର୍ଶନ, ଅଭିମନ୍ୟୁ ଈଶ୍ୱରନ, ଦେବଦତ୍ତ ପାଡିକଲ, ପ୍ରଦୋଷ ରଞ୍ଜନ ପାଲ, ସର୍ଫରାଜ ଖାନ୍, କେଏସ୍ ଭରତ (ଅଧିନାୟକ ଓ ୱିକେଟରକ୍ଷକ), ଧ୍ରୁବ ଜୁରେଲ, ଶାର୍ଦ୍ଦୁଳ ଠାକୁର, ପୁଲକିତ ନାରଙ୍ଗ, ସୌରଭ କୁମାର, ମାନବ ସୁତାର, ପ୍ରସିଦ୍ଧ କ୍ରିଷ୍ଣା, ଆକାଶ ଦୀପ, ବିଦ୍ୱାଥ କାଭେରାପ୍ପା ଓ ତୁଷାର ଦେଶପାଣ୍ଡେ।

**ଦ୍ୱିତୀୟ ମ୍ୟାଚ୍ ଲାଗି ଦଳ :** ସାଇ ସୁଦର୍ଶନ, ଅଭିମନ୍ୟୁ ଈଶ୍ୱରନ, ଋତୁରାଜ ଗାଏକ୍ୱାଡ, ତିଳକ ବର୍ମା, କେଏସ୍ ଭରତ (ଅଧିନାୟକ ଓ ୱିକେଟରକ୍ଷକ), ଧ୍ରୁବ ଜୁରେଲ, ୱାଶିଂଟନ ସୁନ୍ଦର, ଅକ୍ଷର ପଟେଲ, ହର୍ଷିତ ରାଣା, କୁଲଦୀପ ଯାଦବ, ମାନବ ସୁତାର, ଆକାଶ ଦୀପ, ବିଦ୍ୱାଥ କାଭେରାପ୍ପା ଓ ନଭଦୀପ ସାଇନି।

**ବିଜୟ ହଜାରେ ଟ୍ରଫି**

## କାର୍ତ୍ତିକଙ୍କ ୯୩ ରନ୍ ବୃଥା; ତାମିଲନାଡୁ ପରାସ୍ତ

ବେଙ୍ଗାଲୁରୁ, ୧।୧୨ (ଏଜେନ୍ସି): ବିସିସିଆଇ ଆନୁକୂଲ୍ୟରେ ଚାଲିଥିବା ଘରୋଇ ଏକଦିବସୀୟ କ୍ରିକେଟ୍ ପ୍ରତିଯୋଗିତା ବିଜୟ ହଜାରେ ଟ୍ରଫିର ୫ମ ରାଉଣ୍ଡ ମ୍ୟାଚ୍ ଶୁକ୍ରବାର ଦେଶର ବିଭିନ୍ନ ଗ୍ରାଉଣ୍ଡରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁମ୍ବଇ, ବିଦର୍ଭ, ହରିୟାଣା, କର୍ଣ୍ଣାଟକ ୫ମ ମ୍ୟାଚରୁ ୫ମ ବିଜୟ ହାସଲ କରି ସେମାନଙ୍କ ଅପରାଜେୟ ଧାରା ବଜାୟ ରଖିଛନ୍ତି।

ଗ୍ରୁପ୍-ସି'ରେ ଖେଳାଯାଇଥିବା ଏକ ମ୍ୟାଚରେ ଦେବଦତ୍ତ ପାଡିକଲ୍‌ଙ୍କ ୧୧୪ ରନ ବଳରେ କର୍ଣ୍ଣାଟକ ୨୨ ରନରେ ଚଣ୍ଡିଗଡ଼କୁ ପରାସ୍ତ କରିଛି। ଚମତ୍କାର ଫର୍ମରେ ଥିବା ପାଡିକଲ୍ ୨ ଶତକ ଓ ୩ ଅର୍ଦ୍ଧଶତକ ସହ ପ୍ରତିଯୋଗିତାରେ ସର୍ବାଧିକ ୪୬୫ ରନ ସଂଗ୍ରହ କରିଛନ୍ତି। ସେହିଭଳି ଏହି ଗ୍ରୁପ୍‌ର ଆଉ ଏକ ମୁକାବିଲାରେ ହରିୟାଣା ୫୩ ରନରେ ଦିଲ୍ଲୀକୁ ପରାସ୍ତ କରି କ୍ରମାଗତ ୫ମ ବିଜୟ ସ୍ୱାଦ ଚାଖିଛି। ହରିୟାଣାର ରାହୁଲ ତେୱାତିଆ ଅପରାଜିତ ୯୯ ରନ କରିଥିଲେ। ଅଜିଙ୍କ୍ୟା ରାହାଣେଙ୍କ ନେତୃତ୍ୱାଧୀନ ମୁମ୍ବଇ ମଧ୍ୟ ୫ ୱିକେଟରେ ସହଜରେ ସୌରାଷ୍ଟ୍ରକୁ ପରାସ୍ତ କରିଛି। ଏଥିସହ ୫ମ ମ୍ୟାଚରୁ ୫ମ ବିଜୟ ହାସଲ କରି ମୁମ୍ବଇ ଗ୍ରୁପ୍-ଏ'ରେ ୨୦ ପଏଣ୍ଟ ପାଇ ଶୀର୍ଷରେ ରହିଛି। ଅପରପକ୍ଷରେ ଅଧିନାୟକ ଅଥର୍ବ ତାଇଡେଙ୍କ ୧୦୧ ରନର ପାଳି ବଳରେ ବିଦର୍ଭ ୯ ରନରେ ଛତିଶଗଡ଼କୁ ହରାଇଦେଇଛି। ଛତିଶଗଡ଼ର ଶଶାଙ୍କ ସିଂ



ଦିନେଶ କାର୍ତ୍ତିକ

୧୫୪ ରନର ମାରାଥନ ପାଳି ଖେଳିଥିଲେ ମଧ୍ୟ ତାହା ବୃଥା ଯାଇଥିଲା। ଗ୍ରୁପ୍-ଇ'ରେ ଅନୁଷ୍ଠିତ ଏକ ମ୍ୟାଚରେ ମନଦୀପ ସିଂହଙ୍କ ପଞ୍ଜାବ ୭୬ ରନରେ ତାମିଲନାଡୁକୁ ପରାସ୍ତ କରିଛି। ତାମିଲନାଡୁର ଅଧିନାୟକ ଦୀନେଶ କାର୍ତ୍ତିକ ୯୩ ରନର ପାଳି ଖେଳିଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ।

## ଅର୍ଜୁନ ତେନ୍ଦୁଲକରଙ୍କ ଦମ୍‌ଦାର ବୋଲିଂ

ଥାଣେ, ୧।୧୨(ଏଜେନ୍ସି): ଦେଶର ସର୍ବବୃହତ୍ ଦିନିକିଆ ଟୁର୍ଣ୍ଣାମେଣ୍ଟ ବିଜୟ ହଜାରେ ଟ୍ରଫିରେ କ୍ରିକେଟ ଆଇକନ ସଚିନ ତେନ୍ଦୁଲକରଙ୍କ ପୁଅ ଅର୍ଜୁନ ଦମ୍‌ଦାର ପ୍ରଦର୍ଶନ କରିଛନ୍ତି। ମୁମ୍ବଇ ଛାଡି ଅର୍ଜୁନ ଗୋଆ ତରଫରୁ ଘରୋଇ କ୍ରିକେଟରେ ପ୍ରତିନିଧିତ୍ୱ କରୁଛନ୍ତି। ଶୁକ୍ରବାର ଖେଳାଯାଇଥିବା ନାଗାଲାଣ୍ଡ ବିପକ୍ଷ ମ୍ୟାଚ୍‌ରେ ସେ ୧୦ ଓଭର ବୋଲିଂ କରି ଗୋଟିଏ ମେଡେନ ନେବା ସହ ୩୦ ରନ ଦେଇ ମୂଲ୍ୟବାନ ୪ ୱିକେଟ ନେଇ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଏହି ମ୍ୟାଚ୍‌ରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଗୋଆ ନିର୍ଦ୍ଧାରିତ ୫୦ ଓଭରରେ ୬ ୱିକେଟ ହରାଇ ୩୮୩ ରନ ସଂଗ୍ରହ କରିଥିଲା। ଜବାବରେ ନାଗାଲାଣ୍ଡ ଅର୍ଜୁନଙ୍କ ସାମ୍ନା କରିନପାରି ୩୯.୧ ଓଭରରେ ୧୫୧ ରନରେ ଅଲଆଉଟ ହୋଇଥିଲା।

ଆଗାମୀ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ନିଲାମୀରେ ଅର୍ଜୁନଙ୍କ ଉପରେ ସବୁ ଫ୍ରାଞ୍ଚାଇଜ୍‌ର ନଜର ରହିବ। ଗତବର୍ଷ ସେ ଆଇପିଏଲରେ ପଦାର୍ପଣ କରିଥିଲେ ଓ ୪ଟି ମ୍ୟାଚ୍ ଖେଳି ୩ଟି ୱିକେଟ ଅକ୍ତିଆର କରିଥିଲେ। ୨୪ ବର୍ଷୀୟ ଅର୍ଜୁନ ଏପର୍ଯ୍ୟନ୍ତ ୭ଟି ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳିଛନ୍ତି। ଏଥିରେ ସେ ଗୋଟିଏ ଶତକ ସହ ୨୨୩ ରନ ସଂଗ୍ରହ କରିଛନ୍ତି।

**ସର୍ବ ଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ଟେନିସ**

## କ୍ୱାର୍ଟର ଫାଇନାଲରେ କିଟ୍

ଭୁବନେଶ୍ୱର, ୧।୧୨(ସମିସ): ହରିୟାଣାର ମୁର୍ଥାଲଠାରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ସର୍ବ ଭାରତୀୟ ଅନ୍ତ ବିଶ୍ୱବିଦ୍ୟାୟ ଆନ୍ତଃ ଜୋନ୍ ମହିଳା ଟେନିସ ଟୁର୍ଣ୍ଣାମେଣ୍ଟରେ କିଟ୍ ବିଶ୍ୱବିଦ୍ୟାଳୟ ଦଳ ବିଜୟରୁ ଅଭିଯାନ ଆରମ୍ଭ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ନୂଆଦିଲ୍ଲୀସ୍ଥିତ ଆସୋସିଏସନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟି (ଏଆଇୟୁ) ସହାୟତାରେ ମୁର୍ଥାଲର ଦୀନବନ୍ଧୁ ଛୋଟୁ ରାମ ବିଶ୍ୱବିଦ୍ୟାଳୟରେ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାରେ କିଟ୍ ଦଳ ତା'ର ପ୍ରଥମ ମ୍ୟାଚ୍‌ରେ



୨-୦ରେ ଚଣ୍ଡିଗଡ଼ର ପଞ୍ଜାବ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। କିଟ୍ ଏବେ ଶନିବାର କ୍ୱାର୍ଟରରେ ଗ୍ୱାଲିୟରର ଏଲ୍‌ଏନ୍‌ଆଇପିଇ କିମ୍ବା ୟୁନିଭର୍ସିଟି ଅଫ୍ ମାଡ୍ରାସକୁ ଭେଟିବ। ଉଲ୍ଲେଖଥାଉ କି, କିଟ୍ ୨୦୨୩-୨୪ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ଚତୁର୍ଥ ସଂସ୍କରଣ ପାଇଁ ଯୋଗ୍ୟତା ହାସଲ କରିସାରିଛି। ଋତୁପର୍ଣ୍ଣା ଚୌଧୁରୀ, ଅଭିଲାଷ ବିଷ୍ଟା, ରିୟା ମର୍ଦ୍ଦରାଜ, ଅକ୍ରିତି କିଟ ତରଫରୁ ପ୍ରତିନିଧିତ୍ୱ କରୁଛନ୍ତି। ମହମ୍ମଦ ଆନାମୁଲ ହକ୍ କିଟ୍ ଦଳର କୋଚ୍ ରହିଛନ୍ତି। ଅକୁଣ୍ଠିତ ସାହାଯ୍ୟ ସମର୍ଥନ ପାଇଁ ଖେଳାଳିମାନେ କିଟ୍ ଓ କିସ୍ ପ୍ରତିଷ୍ଠାତା ତଥା କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି। ବିଜୟୀ ଦଳକୁ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।

**ସୟଦ ମୋଦୀ ବ୍ୟାଡ୍‌ମିଣ୍ଟନ**

## ସେମିରେ ପ୍ରିୟାଂଶୁ, ଅଶ୍ୱିନୀ-ତନୀଶା

ଲକ୍ଷ୍ନୌ, ୧।୧୨(ଏଜେନ୍ସି): ଏଠାରେ ଚାଲିଥିବା ସୟଦ ମୋଦୀ ଅନ୍ତର୍ଜାତୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଯୁବ ଭାରତୀୟ ଖେଳାଳି ପ୍ରିୟାଂଶୁ ରାଜାୱତ୍ ଓ ଅଶ୍ୱିନୀ ପୋନ୍ନାପ୍ପା ଓ ତନୀଶା କ୍ରାଷ୍ଟୋଙ୍କୁ ନେଇ ଗଠିତ ମହିଳା ଯୋଡି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଚଳିତ ସିଜନ୍‌ରେ ଓର୍ଲେନ୍ସ ମାଷ୍ଟର୍ସ ଟାଇଟଲ ଜିତିଥିବା ମଧ୍ୟ ପ୍ରଦେଶର ୨୧ ବର୍ଷୀୟ ପ୍ରିୟାଂଶୁ କ୍ୱାର୍ଟର ଫାଇନାଲରେ ଇଣ୍ଡୋନେସିଆର ଅଲୱି ଫରହାନଙ୍କୁ ୨୧-୧୫, ୨୧-୧୬ରେ ପରାସ୍ତ କରି ସେମିକୁ


ପ୍ରିୟାଂଶୁ ରାଜାୱତ୍

ଉଠିଛନ୍ତି। ପ୍ରିୟାଂଶୁଙ୍କୁ ବିଜୟୀ ହେବାକୁ ୪୯ ମିନିଟ୍ ସମୟ ଆବଶ୍ୟକ ହୋଇଥିଲା। ସେ ଏବେ ସେମିରେ ଚାଇନିଜ ତାଇପେର ଚି ୟୁ ଜେନ୍ କିମ୍ବା ଚିଆ ହାଓ ଲିଙ୍କୁ ଭେଟିବେ। ସେହିପରି ବିଶ୍ୱର ୩୨ ନଂ ଯୋଡି ଅଶ୍ୱିନୀ ଓ ତନୀଶା କ୍ୱାର୍ଟର ଫାଇନାଲରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ପଦକ ଜିତିଥିବା ବିଶ୍ୱର ୧୯ ନଂ ଅନ୍ୟତମ ଭାରତୀୟ ଯୋଡି ତ୍ରିଶା ଜୋଲି ଓ ଗାୟତ୍ରୀ ଗୋପୀଚାନ୍ଦଙ୍କୁ ୨୧-୧୯, ୨୧-୮ରେ ହରାଇ ସେମିକୁ ଉଠିଛନ୍ତି। ସେମିରେ ତ୍ରିଶା ଓ ଅଶ୍ୱିନୀ ଟପ୍ ସିଡ୍ ମାନ୍ୟତା ପାଇଥିବା ଜାପନୀ ଯୋଡି ୟୁକି ଫୁକୁସୀମା ଓ ସାୟାକୋ ହିରୋଟାଙ୍କୁ ଭେଟିବାର ଯଥେଷ୍ଟ ସମ୍ଭାବନା ରହିଛି।

**● ବିଶ୍ୱକପ୍ ଟ୍ରଫି ଉପରେ ଗୋଡ**

## ମାର୍ଶଙ୍କ ଅଜବ ମନ୍ତବ୍ୟ: ପୁଣି ଏପରି କରିବି

ନୂଆଦିଲ୍ଲୀ, ୧।୧୨(ଏଜେନ୍ସି): ବିଶ୍ୱକପ୍ ଚାମ୍ପିଅନ ହେବା ପରେ ଟ୍ରଫି ଉପରେ ଗୋଡ ରଖି ବିବାଦ ସୃଷ୍ଟି କରିଥିବା ଅଷ୍ଟ୍ରେଲୀୟ ବ୍ୟାଟର ମିଚେଲ ମାର୍ଶ ଶେଷରେ ଏ ନେଇ ନିରବତା ଭଙ୍ଗ କରିଛନ୍ତି। ଏ ସଂକ୍ରାନ୍ତରେ ସେ ଅଜବ ପ୍ରକାର ମନ୍ତବ୍ୟ ଦେଇଛନ୍ତି। ଏପରି କରିବା ଅପମାନଜନକ ନ ଥିଲା ଓ ପୁଣି ଦ୍ୱିତୀୟବାର ଏପରି କରିବି ବୋଲି ମାର୍ଶ କହିଛନ୍ତି। ଗତ ୧୯ ତାରିଖରେ ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଅନୁଷ୍ଠିତ ଫାଇନାଲ ମୁକାବିଲାରେ ଅଷ୍ଟ୍ରେଲିଆ ୬ ୱିକେଟରେ ଭାରତକୁ ପରାସ୍ତ କରି ରେକର୍ଡ ୫ମଥର ପାଇଁ ଚାମ୍ପିଅନ ହେବାର ଗୌରବ ଅର୍ଜନ କରିଥିଲା। ଅଷ୍ଟ୍ରେଲିଆ ଅଧିନାୟକ ପ୍ୟାଟ କମିନ୍ସ ମାର୍ଶଙ୍କର ଏହି ବିବାଦୀୟ ଫଟୋକୁ ନିଜ ଇନଷ୍ଟାଗ୍ରାମ ଏକାଉଣ୍ଟରେ ସେୟାର କରିଥିଲେ। ସେନ୍ ରେଡିଓକୁ ସାକ୍ଷତା ଦେବା ବେଳେ ମାର୍ଶ ଏ ନେଇ ନିଜର ମତ ରଖିଛନ୍ତି। ଏହି ଫଟୋରେ ସେପରି କିଛି ଅପମାନଜନକ ନଥିଲା। ଏ ନେଇ ବେଶି କିଛି ଚିନ୍ତା କରି ନଥିଲି। ସାମାଜିକ ଗଣମାଧ୍ୟମରେ ମଧ୍ୟ ଏହାକୁ ଦେଖି ନଥିଲି। ଏ ନେଇ ବିବାଦ ହୋଇଛି ବୋଲି ସମସ୍ତେ କହୁଛନ୍ତି। ପୁଣି ଏପରି କରିବେ କି ବୋଲି ପ୍ରଶ୍ନ ହେବାର ସେ ଅଜବ ମନ୍ତବ୍ୟ ଦେବାକୁ ପଛାଇ ନଥିଲେ। ସତ କଥା କହିବାକୁ ଗଲେ ଏପରି ମୁଁ ଦ୍ୱିତୀୟଥର ମଧ୍ୟ କରିବି ବୋଲି ସେ କହିଛନ୍ତି। ପୂର୍ବରୁ ମାର୍ଶଙ୍କ ଏଭଳି ଆଚରଣକୁ ଭାରତୀୟ ଦ୍ରୁତ ବୋଲର ମହମ୍ମଦ ସାମି ମଧ୍ୟ ସମାଲୋଚନା କରିଥିଲେ। ଭାରତୀୟ ପ୍ରଶଂସକମାନେ ମଧ୍ୟ ଏହାକୁ ସହଜରେ ହଜମ କରିପାରି ନଥିଲେ।

## ଆନ୍ତଃସ୍କୁଲ ଫୁଟବଲ; ସେମିରେ କ୍ୟାପିଟାଲ ହାଇସ୍କୁଲ

ଭୁବନେଶ୍ୱର, ୧।୧୨ (ସମିସ): ଓଡ଼ିଏମ୍ ଗ୍ଲୋବାଲ ସ୍କୁଲକୁ ୨-୧ ଗୋଲରେ ପରାସ୍ତ କରି କ୍ୟାପିଟାଲ ହାଇସ୍କୁଲ ଏଠାରେ ଚାଲିଥିବା ଆନ୍ତଃସ୍କୁଲ ଫୁଟବଲ ପ୍ରତିଯୋଗିତାର ଶେଷ ସେମିଫାଇନାଲ ସ୍ଥାନ ପୂରଣ କରିଛି। ଶନିବାର ଦୁଇଟିଯାକ ସେମିଫାଇନାଲ ମୁକାବିଲା ହେବ। ଏହା ମଧ୍ୟରୁ ପ୍ରଥମ ସେମିଫାଇନାଲରେ କ୍ୟାପିଟାଲ ହାଇସ୍କୁଲ ସହ ୟୁନିଟ୍-୬ ହାଇସ୍କୁଲ ଏବଂ ଦ୍ୱିତୀୟ ସେମିଫାଇନାଲରେ କଟକର ସୟଦ ସେମିନାରୀ ହାଇସ୍କୁଲ ସହ ଭୁବନେଶ୍ୱର କିସ୍ ସ୍କୁଲର ମୁକାବିଲା ହେବ। ଶୁକ୍ରବାର ଖେଳାଯାଇଥିବା ଶେଷ କ୍ୱାର୍ଟର ଫାଇନାଲରେ ବିଜୟୀ କ୍ୟାପିଟାଲ ହାଇସ୍କୁଲ ପକ୍ଷରୁ ସୁରେଶ ମୁର୍ମୁ ଓ ଗୁଲସାନ ଦିଗଲ ଗୋଟିଏ ଲେଖାଏଁ ଗୋଲ ସ୍କୋର




କରିଥିଲେ। ପରାଜିତ ଓଡିଏମ୍ ସ୍କୁଲ ପକ୍ଷରୁ ରିଜୟିସ ଦିଗଲ ଗୋଟିଏ ଗୋଲ ଶୁଝାଇବାରେ ସମର୍ଥ ହୋଇଥିଲେ। ଗୁଲସାନ ଦିଗଲଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଆୟୋଜକ ଭୁବନେଶ୍ୱର ଭେଟେରାନ ଖେଳାଳି ସଂଘର ସଭାପତି ନବରଞ୍ଜନ ପଟ୍ଟନାୟକ ମୁଖ୍ୟଅତିଥିଭାବେ ଯୋଗ ଦେଇ ଗୁଲସାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

**ପ୍ରଥମ ଟେଷ୍ଟ: ଐତିହାସିକ ବିଜୟ ପଥରେ ବାଂଲାଦେଶ**

# ପରାଜୟ ଦ୍ୱାରଦେଶରେ ନ୍ୟୁଜିଲାଣ୍ଡ

ସିଲ୍‌ହାଟ, ୧।୧୨ (ଏଜେନ୍ସି): ଭ୍ରମଣକାରୀ ନ୍ୟୁଜିଲାଣ୍ଡ ବିପକ୍ଷରେ ଏଠାରେ ଚାଲିଥିବା ପ୍ରଥମ ଟେଷ୍ଟରେ ବାଂଲାଦେଶ ଐତିହାସିକ ବିଜୟ ପଥରେ ଅଗ୍ରସର ହେଉଛି। ୩୩୨ ରନର ଲକ୍ଷ୍ୟକୁ ପିଛା କରୁଥିବା ନ୍ୟୁଜିଲାଣ୍ଡ ଶୁକ୍ରବାର ୪ର୍ଥ ଦିବସ ଖେଳ ଶେଷ ସୁଦ୍ଧା ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୭ ୱିକେଟ୍‌ରେ ୧୧୩ ରନ ସଂଗ୍ରହ କରିଛି। ଶନିବାର ମ୍ୟାଚର ଶେଷ ଦିବସ ହୋଇଥିବାବେଳେ ଅନ୍ତିମ ୩ ୱିକେଟ୍‌ରେ ନ୍ୟୁଜିଲାଣ୍ଡକୁ ଜିତିବାକୁ ଆହୁରି ୨୧୯ ରନ ଆବଶ୍ୟକ ହେଉଛି। ଯାହାକି ନ୍ୟୁଜିଲାଣ୍ଡ ପାଇଁ ଏକପ୍ରକାର କଷ୍ଟସାଧ୍ୟ।

୭ ରନ ପଛରେ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଘରୋଇ ବାଂଲାଦେଶ ଗୁରୁବାର ୩ୟ ଦିବସ ଷ୍ଟମ୍ପ ସୁଦ୍ଧା ୩ ୱିକେଟ୍‌ରେ ୨୧୨ ରନ କରିଥିଲା। ଶୁକ୍ରବାର ଏହି ଅସମାପ୍ତ ସ୍କୋରରୁ ବ୍ୟାଟିଂ ଆରମ୍ଭ କରି ଘରୋଇ ଦଳ ୩୩୮ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଅଧିନାୟକ ନାଜମୁଲ ହୋସେନ ସାଣ୍ଟୋ ସର୍ବାଧିକ ୧୦୫ ରନ କରିଥିଲେ। ସେ ପୂର୍ବଦିନର ସ୍କୋରରେ ଆଉ ୧ ରନ ଯୋଡ଼ି ଟିମ୍ ସୌଦୀଙ୍କ ଶିକାର ବନିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁସଫିକର ରହିମ ୬୭, ମେହିଦୀ ହାସାନ ମିରାଜ ୫୦* ରନର ଉଲ୍ଲେଖନୀୟ ପାଳି ଖେଳିଥିଲେ। ଭ୍ରମଣକାରୀ ନ୍ୟୁଜିଲାଣ୍ଡ ପକ୍ଷରୁ ଅଜାଜ ପଟେଲ ସର୍ବାଧିକ


ନ୍ୟୁଜିଲାଣ୍ଡର ଟମ୍ ବ୍ଲଣ୍ଡେଲ ୱିକେଟ କିପରଙ୍କ ହାତରେ କ୍ୟାଚ୍ ଆଉଟ ହେଉଛନ୍ତି।

୪ ଓ ଇଶ୍ ସୋଧୀ ୨ଟି ୱିକେଟ୍ ନେଇଥିଲେ। ଜବାବରେ ୩୩୨ ରନର ଲକ୍ଷ୍ୟକୁ ପଶ୍ଚାତଧାବନ କରିଥିବା ନ୍ୟୁଜିଲାଣ୍ଡ ଆରମ୍ଭରୁ ସାଂଘାତିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ୬୦ ରନ ମଧ୍ୟରେ ୫ ଏବଂ ୧୦୨ ରନରେ ୭ ୱିକେଟ୍ ହରାଇ ପରାଜୟ ଦ୍ୱାରରେ ପହଞ୍ଚିଛି। ଖେଳ ଶେଷବେଳକୁ ଡାରୀଲ ମିଚେଲ ୪୪ ଓ ଇଶ୍ ସୋଧୀ ୭ ରନ କରି ଖେଳୁଛନ୍ତି। ବଳକା ୩ ୱିକେଟ୍‌ରେ ନ୍ୟୁଜିଲାଣ୍ଡକୁ ବିଜୟ ଲାଗି ଶେଷ ଦିନରେ ଆହୁରି ୨୧୯ ରନ ଆବଶ୍ୟକ ହେଉଛି। ନ୍ୟୁଜିଲାଣ୍ଡ ପକ୍ଷରୁ ଅନ୍ୟମାନଙ୍କ ମଧ୍ୟରେ ଡେଭନ କନୱେ ୨୨, କେନ୍ ୱିଲିୟମସନ ୧୧, ହେନରୀ ନିକୋଲାସ ୨, ଟମ୍ ବ୍ଲଣ୍ଡେଲ ୬, ଗ୍ଲେନ ଫିଲିପ୍ସ ୧୨ ଓ କାଏଲ୍ ଜେମିସନ ୯ ରନ କରି ଆଉଟ୍ ହୋଇଛନ୍ତି। ବାଂଲାଦେଶ ପକ୍ଷରୁ ବାମହାତୀ ସ୍ପିନର ତାଇଜୁଲ ଇସଲାମ ସର୍ବାଧିକ ୪ଟି ୱିକେଟ୍ ସଫଳତା ପାଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ପ୍ରଥମ ପାଳି: ୩୧୦ରେ ଅଲ୍‌ଆଉଟ୍।
ନ୍ୟୁଜିଲାଣ୍ଡ ପ୍ରଥମ ପାଳି: ୩୧୭/୧୦ରେ ଅଲ୍‌ଆଉଟ୍।
ବାଂଲାଦେଶ ୨ୟ ପାଳି: ୩୩୮/୧୦, ୧୦୦.୪ ଓଭର (ସାଣ୍ଟୋ- ୧୦୫, ରହିମ- ୬୭, ମିରାଜ- ୫୦*, ଅଜାଜ ପଟେଲ- ୧/୯୪)।
ନ୍ୟୁଜିଲାଣ୍ଡ ୨ୟ ପାଳି: ୧୧୩/୭, ୪୯ ଓଭର (ଡାରୀଲ ମିଚେଲ- ୪୪*, କନୱେ- ୨୨, ୱିଲିୟମସନ- ୧୧, ଫିଲିପ୍ସ- ୧୨, ତାଇଜୁଲ- ୪/୪୦)।

### ଅଷ୍ଟ୍ରେଲିଆ ବିପକ୍ଷ ଚତୁର୍ଥ ଟି-୨୦ରେ ଅକ୍ଷର ଓ ରବିଙ୍କ ଯାଦୁକରୀ ବୋଲିଂ

# ବିଶ୍ୱ ରେକର୍ଡ ସହ ସିରିଜ୍ ଜିତିଲା ଭାରତ

ରାୟପୁର, ୧।୧୨(ଏଜେନ୍ସି): ଅକ୍ଷର ପଟେଲ (୩/୧୬) ଓ ରବି ବିଷ୍ଣୋଇ (୧/୧୭)ଙ୍କ ଯାଦୁକରୀ ବୋଲିଂ ବଳରେ ଏଠାରେ ଶୁକ୍ରବାର ଖେଳାଯାଇଥିବା ଚତୁର୍ଥ ଟି-୨୦ ମ୍ୟାଚ୍‌ରେ ଭାରତ ୨୦ ରନ୍‌ରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ଏହା ଫଳରେ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଆଉ ଗୋଟିଏ ମ୍ୟାଚ୍ ବାକିଥାଇ ଭାରତ ୩-୧ରେ ଆଗୁଆ ସିରିଜ୍ କବ୍‌ଜା କରିଛି। ସିରିଜ୍‌ର ୫ମ ତଥା ଶେଷ ମ୍ୟାଚ୍ ବେଙ୍ଗାଲୁରୁରେ ଡିସେମ୍ବର ୩ ତାରିଖରେ ଖେଳାଯିବ। ଏହି ମ୍ୟାଚ୍‌ରେ ୪ ଓଭର ବୋଲିଂ କରି ୧୬ ରନ୍ ବିନିମୟରେ ୩ଟି ୱିକେଟ ନେଇଥିବା ଭାରତର ବାମହାତୀ ସ୍ପିନର ଅକ୍ଷର ପଟେଲ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ଏହି ବିଜୟ ସହ ଅନ୍ତର୍ଜାତୀୟ ଟି-୨୦ କ୍ରିକେଟରେ ଭାରତ ସର୍ବାଧିକ ୧୩୬ଟି ମ୍ୟାଚ୍ ଜିତି ବିଶ୍ୱ ରେକର୍ଡ କରିଛି।

ରାୟପୁରର ସହୀଦ୍ ବୀର ନାରାୟଣ ସିଂ ଅନ୍ତର୍ଜାତୀୟ ଷ୍ଟାଡିୟମ୍‌ରେ ଶୁକ୍ରବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଭାରତ ୯ ୱିକେଟରେ ୧୭୪ ରନ୍ କରିଥିଲା। ଜବାବରେ ଅଷ୍ଟ୍ରେଲିଆ ସମାନ ସଂଖ୍ୟକ ଓଭର ଖେଳି ୭ ୱିକେଟରେ ୧୫୪ ରନ୍ କରିବାକୁ ସମର୍ଥ ହୋଇଥିଲା। ଦଳ ପକ୍ଷରୁ ମାଥ୍ୟୁ ୱେଡ୍ ସର୍ବାଧିକ ୩୬*, ଟ୍ରାଭିସ୍ ହେଡ୍ ୩୧, ମାଥ୍ୟୁ ସର୍ଟ ୨୨, ଟିମ୍ ଡେଭିଡ୍ ଓ ବେନ୍ ମ୍ୟାକଡର୍ମଟ ୧୯ ରନ୍ ଲେଖାଏଁ କରିଥିଲେ। ଭାରତ ପକ୍ଷରୁ ଅକ୍ଷରଙ୍କ ବ୍ୟତୀତ ଦୀପକ ଚହର ସବୁଠାରୁ ଅଧିକ ୪୪ ରନ୍ ଦେଇ ୨ଟି ୱିକେଟ ପାଇଥିଲେ। ଅଷ୍ଟ୍ରେଲିଆ ପାଳିରେ ଦୁଇ ସ୍ପିନର ଅକ୍ଷର ଓ ରବି ମିଳିତଭାବେ ୮ ଓଭର ବୋଲିଂ କରି ମାତ୍ର ୩୩ ରନ୍ ବ୍ୟୟ କରିବା ଫଳରେ ଏହି ମ୍ୟାଚ ଭାରତ ସପକ୍ଷରେ ଯାଇଥିଲା। ରବି ଓ ଆଭେଷ ଖାନଙ୍କୁ ଗୋଟିଏ ଲେଖାଏଁ ୱିକେଟ ମିଳିଥିଲା।


ଅକ୍ଷର ପଟେଲ-୩/୧୬

**ମ୍ୟାଚ୍ ଜିତିବାରେ ବିଶ୍ୱ ରେକର୍ଡ**

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ଶୂନ ଫଳାଫଳ |
|---|---|---|---|---|
| ଭାରତ | ୨୧୨ | ୧୩୬ | ୬୬ | ୪/୬ |
| ପାକିସ୍ତାନ | ୨୨୬ | ୧୩୫ | ୮୨ | ୩/୬ |
| ନ୍ୟୁଜିଲାଣ୍ଡ | ୨୦୦ | ୧୦୨ | ୮୩ | ୧୦/୫ |
| ଦ. ଆଫ୍ରିକା | ୧୭୧ | ୯୫ | ୭୨ | ୧/୩ |
| ଅଷ୍ଟ୍ରେଲିଆ | ୧୮୦ | ୯୪ | ୭୯ | ୩/୪ |
| ଇଂଲଣ୍ଡ | ୧୭୭ | ୯୨ | ୭୭ | ୨/୬ |
| ଶ୍ରୀଲଙ୍କା | ୧୮୦ | ୭୯ | ୯୫ | ୪/୨ |
| ୱେଷ୍ଟଇଣ୍ଡିଜ | ୧୮୪ | ୭୬ | ୯୫ | ୩/୧୦ |
| ଆଫଗାନିସ୍ତାନ | ୧୧୮ | ୭୪ | ୪୨ | ୧/୧ |
| ଆୟର୍ଲାଣ୍ଡ | ୧୫୪ | ୬୪ | ୮୧ | ୨/୭ |

**କେହି ବଡ଼ ସ୍କୋର କରିପାରିଲେନି**

ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ପକ୍ଷରୁ ଏହି ମ୍ୟାଚ୍‌ରେ ଦୁଇ ପ୍ରମୁଖ ବ୍ୟାଟର ତଥା ଅଧିନାୟକ ସୂର୍ଯ୍ୟକୁମାର ଯାଦବ ୧ ଓ ପ୍ରଥମଥର ଏହି ସିରିଜ୍‌ରେ ଖେଳୁଥିବା ଶ୍ରେୟସ ଆୟର ୮ ରନ୍ କରି ଫେଲ ମାରିଥିଲେ। ଯାହା ଫଳରେ ଦଳ ଏକ ବଡ଼ ସ୍କୋର କରିବାରେ ସମର୍ଥ ହୋଇ ନଥିଲା। ଦୁଇ ଓପନର ଯଶସ୍ୱୀ ଜୟସ୍ୱାଲ ଓ ଋତୁରାଜ ଗାଏକ୍ୱାଡ ପ୍ରଥମ ୱିକେଟ ପାର୍ଟନରସିପ୍‌ରୁ ୬ ଓଭରରେ ୫୦ ରନ୍ ଉଠାଇ ଭଲ ଆରମ୍ଭ କରିଥିଲେ। କିନ୍ତୁ ଜୟସ୍ୱାଲ ୨୮ ବଲ୍‌ରେ ୬ଚୌକା ଓ ୧ ଛକା ସହ ୩୭ ଓ ଗାଏକ୍ୱାଡ ୨୮ ବଲ୍‌ରେ ୩୨ ରନ୍ କରିଥିଲେ। ଭାରତୀୟ ପାଳିର ୧୪ତମ ଓଭରରେ ଏହି ୪ଜଣ ଖେଳାଳି ପାଭିଲିୟନ ଫେରି ଯାଇଥିଲାବେଳେ ମିଳିତ ଭାବେ ୧୧୧ ରନ୍ କରିଥିଲେ। ରିଙ୍କୁ ସିଂଙ୍କ ଦୁଇଟି ଭଲ ପାର୍ଟନରସିପ୍ ଯୋଗୁଁ ଭାରତ ଦେଢ଼ଶ ରନ୍ ପୂରଣ କରିବାରେ ସମର୍ଥ ହୋଇଥିଲା। ସେ ପ୍ରଥମେ ଚତୁର୍ଥ ୱିକେଟରେ ଗାଏକ୍ୱାଡଙ୍କ ସହ ୩୧ ବଲ୍‌ରେ ୪୮ ଓ ପଞ୍ଚମ ୱିକେଟରେ ୱିକେଟରକ୍ଷକ ଜିତେଶ ଶର୍ମାଙ୍କ ସହ ୩୨ ବଲରୁ ୫୬ ରନ୍ ଉଠାଇବା ଫଳରେ ଦଳ ଏକ ସମ୍ମାନଜନକ ସ୍କୋର କରିପାରିଥିଲା। ଏହି ସିରିଜ୍‌ରେ ପ୍ରଥମ ମ୍ୟାଚ୍ ଖେଳୁଥିବା ଜିତେଶ ୧୯ ବଲ୍‌ରେ ୧ ଚୌକା ଓ ୩ଛକା ସହ ୩୫, ରିଙ୍କୁ ସିଂ ୨୯ ବଲ୍‌ରୁ ୪ ଚୌକା ଓ ୨ଛକା ସହ ୪୬ରନ୍‌ରେ ଆଉଟ ହୋଇଥିଲେ। ଏହା ଫଳରେ ଦଳର କୌଣସି ବ୍ୟାଟର ବଡ଼ ସ୍କୋର କରିପାରି ନଥିଲେ। ଭାରତ ୨୦ ଓଭରରେ ୯ ୱିକେଟ ହରାଇ ୧୭୪ ରନ୍‌ରେ ସୀମିତ ରହିଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ବୋଲିଂରେ ଉନ୍ନତ ପ୍ରଦର୍ଶନ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ବେନ୍ ଡ୍ୱାରଶୁଇସ ସର୍ବାଧିକ ୩ଟି, ତନବୀର ସାଙ୍ଘା ଓ ଜେସନ ବେହେରନଡର୍ଫ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

**ଭାରତ :** ୧୭୪/୯, ୨୦ ଓଭର (ରିଙ୍କୁ ସିଂ-୪୬, ଯଶସ୍ୱୀ-୩୭, ବେନ୍-୩/୪୦, ତନବୀର ସାଙ୍ଘା-୨/୩୦)।
**ଅଷ୍ଟ୍ରେଲିଆ :** ୧୫୪/୭, ୨୦ ଓଭର (ୱେଡ୍-୩୬*, ହେଡ୍- ୩୧, ପଟେଲ-୩/୧୬, ଦୀପକ ଚହର-୨/୪୪)।

## ଷ୍ଟାଡିୟମ୍ ଉପରେ ୩.୧୬ କୋଟି ଟଙ୍କା ବିଦ୍ୟୁତ ବିଲ୍ ବାକି

ରାୟପୁର, ୧।୧୨(ଏଜେନ୍ସି): ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ସ୍ଥାନୀୟ ସହୀଦ୍ ବୀର ନାରାୟଣ ସିଂ ଅନ୍ତର୍ଜାତୀୟ ଷ୍ଟାଡିୟମ୍‌ରେ ଚତୁର୍ଥ ଟି-୨୦ ମ୍ୟାଚ୍ ଖେଳାଯାଇଛି। ଏହି ଷ୍ଟାଡିୟମର ବିଦ୍ୟୁତ୍ ବିଲ୍‌କୁ ନେଇ ଏବେ ଚର୍ଚ୍ଚା। ୨୦୧୮ ରୁ ଏଠାରେ ବିଦ୍ୟୁତ ବିଲ ବାକି ପଡ଼ିଛି। ଏହି ବିଲ୍ ଏବେ ୩.୧୬ କୋଟି ଟଙ୍କାରେ ପହଞ୍ଚିଛି। ମ୍ୟାଚ୍ ଲାଗି ଆୟୋଜକ ଛତିଶଗଡ଼ କ୍ରିକେଟ ସଂଘ ଅସ୍ଥାୟୀ ବିଦ୍ୟୁତ ସଂଯୋଗ ନେଇଛି। ଜେନେରେଟର ମାଧ୍ୟମରେ ଫ୍ଲଡ୍‌ଲାଇଟ୍ ସଂଯୋଗ କରାଯାଇଛି। ଯାହା ଫଳରେ ଏକଦା ମ୍ୟାଚ୍ ଆୟୋଜନ ନେଇ ଆଶଙ୍କା ପ୍ରକାଶ ପାଇଥିଲାବେଳେ ଛତିଶଗଡ଼ କ୍ରିକେଟ ସଂଘ ଏହାକୁ ଏଡାଇଯିବାରେ ସମର୍ଥ ହୋଇଛି।

ଏହି ଷ୍ଟାଡିୟମ୍ ଛତିଶଗଡ଼ ସରକାରଙ୍କ ମାଲିକାନାରେ ରହିଛି। ରାଜ୍ୟର କ୍ରୀଡ଼ା ବିଭାଗ ଏହାର ମାଲିକ। ଷ୍ଟାଡିୟମ୍ ନିର୍ମାଣ ବେଳେ ଏଠାରେ ଅଧିକ ଅନ୍ତର୍ଜାତୀୟ ମ୍ୟାଚ୍ ଆୟୋଜନ କରିବାକୁ ସଂଘ ପ୍ରତିଶୃତି ଦେଇଥିଲା। କିନ୍ତୁ ୨୦୧୧-୧୨ରୁ ଏଯାଏ ଏହି ମ୍ୟାଚ୍‌କୁ ମିଶାଇ ମାତ୍ର ଦୁଇଟି ମ୍ୟାଚ୍ ଆୟୋଜିତ ହୋଇଛି। ଏଣୁ ଷ୍ଟାଡିୟମ୍‌ର ରକ୍ଷଣାବେକ୍ଷଣ ଉପରେ କେହି ଗୁରୁତ୍ୱ ଦେଉନାହାନ୍ତି। କ୍ରିକେଟ ସଂଘ ଏଠାରେ ବିଭିନ୍ନ କାର୍ଯ୍ୟକ୍ରମ କଲେ କ୍ରୀଡ଼ାବିଭାଗ ଦିନକୁ ୩ ଲକ୍ଷ ଟଙ୍କାର ବିଦ୍ୟୁତ୍ ବିଲ ନେଇଥାଏ। ଏଣୁ ଏଠାରେ ଫ୍ଲଡ୍‌ଲାଇଟ୍‌ରେ କିଛି କାର୍ଯ୍ୟକ୍ରମ ଆୟୋଜନ କରିବା ପୂର୍ବରୁ ସଂଘ ଶହେଥର ଚିନ୍ତା କରିଥାଏ। ସେହିପରି ପିଡବ୍ଲ୍ୟୁଡି ବିଭାଗ ଏହି ଷ୍ଟାଡିୟମ୍‌ର ମରାମତି କରିଥାଏ। କିନ୍ତୁ ଅଧିକ ମ୍ୟାଚ୍ ଆୟୋଜିତ ହେଉ ନଥିବାରୁ ୨୦୧୮ ରୁ ଏଯାଏ ବୁଦ୍ୟୁତ୍ ବିଲ ବାକି ପଡ଼ିଛି। ଏହାକୁ ନେଇ କ୍ରିକେଟ ସଂଘ ଓ କ୍ରୀଡ଼ା ବିଭାଗ ମଧ୍ୟରେ ଦୋଷାରୋପ ଚାଲିଛି। କିନ୍ତୁ ବକେୟା ବିଲ ଏଯାଏ ପୈଠ ହୋଇପାରି ନାହିଁ। କ୍ରିକେଟ କର୍ମକର୍ତ୍ତାଙ୍କ ମତରେ ସରକାରୀ ମାଲିକାନାରେ ଷ୍ଟାଡିୟମ୍ ଥିବାରୁ ମରାମତି କିମ୍ବା ଉନ୍ନତି ଲାଗି ବିସିସିଆଇ ଆର୍ଥିକ ସହାୟତା କରୁନାହିଁ। ସରକାର ମଧ୍ୟ ଏହାକୁ ଗୁରୁତ୍ୱ ଦେଉନାହାନ୍ତି। ଫଳରେ ଏହି ଷ୍ଟାଡିୟମ୍ ବ୍ୟବହାର ଉପଯୋଗୀ ହୋଇପାରୁ ନାହିଁ।

## ନିଲାମୀରେ ଭାରତର ୮୩୦ ଖେଳାଳି

ଆଇପିଏଲ୍ -୨୦୨୪

ନୂଆଦିଲ୍ଲୀ, ୧।୧୨(ଏଜେନ୍ସି): ବିଶ୍ୱର ସବୁଠାରୁ ବ୍ୟୟବହୁଳ ଫ୍ରାଞ୍ଚାଇଜଭିତ୍ତିକ ଟି-୨୦ କ୍ରିକେଟ୍ ପ୍ରତିଯୋଗିତା ଆଇପିଏଲ୍‌ର ଆଗାମୀ ୧୭ତମ ସଂସ୍କରଣ ଲାଗି ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଚଳିତ ମାସ ୧୯ରେ ଦୁବାଇରେ ଆଇପିଏଲ୍-୧୭ ଲାଗି ଖେଳାଳି ନିଲାମ ଅନୁଷ୍ଠିତ ହେବ। ଏଥିଲାଗି ସର୍ବମୋଟ୍ ୧, ୧୬୬ ଜଣ ଖେଳାଳିଙ୍କ ନାମ ରେଜିଷ୍ଟର ହୋଇଥିବା ଆଇପିଏଲ୍ ପକ୍ଷରୁ ସ୍ପଷ୍ଟ କରାଯାଇଛି। ମୋଟ୍ ୧୦ ଗୋଟି ଫ୍ରାଞ୍ଚାଇଜ ଡିସେମ୍ବର ୧୯ରେ ଖେଳାଳି ନିଲାମକୁ ଅବତୀର୍ଣ୍ଣ ହେବେ। ଏଥିଲାଗି ରେଜିଷ୍ଟର ହୋଇଥିବା ୧, ୧୬୬ଜଣ ଖେଳାଳିଙ୍କୁ ମଧ୍ୟରୁ ୮୩୦ ଜଣ ଭାରତୀୟ ଓ ୩୩୬ ଜଣ ବିଦେଶୀ ଖେଳାଳି ରହିଛନ୍ତି। ଏହି ଖେଳାଳିଙ୍କ ମଧ୍ୟରୁ ୨୧୨ ଜଣ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିସାରିଥିବାବେଳେ ୯୦୯ ଜଣ ଅନ୍‌କ୍ୟାପଡ୍ ଖେଳାଳି ସ୍ଥାନ ପାଇଛନ୍ତି। ଆଇସିସି ସହଯୋଗୀ ରାଷ୍ଟ୍ରର ୪୫ଜଣ ଖେଳାଳିଙ୍କୁ ମଧ୍ୟ ଏଥର ନିଲାମୀରେ ଦେଖିବାକୁ ମିଳିବ। ଏହି ତାଲିକାରେ ସ୍ଥାନ ପାଇଥିବା ୮୩୦ ଭାରତୀୟ ଖେଳାଳିଙ୍କ ମଧ୍ୟରୁ ମାତ୍ର ୧୮ ଜଣ ଅନ୍ତର୍ଜାତୀୟ ପଦାର୍ପଣ କରିଛନ୍ତି। ଯେଉଁମାନଙ୍କ ମଧ୍ୟରେ ବରୁଣ ଆରୋନ, କେଦାର ଯାଦବ, ସିଦ୍ଧାର୍ଥ କାଉଲ, ଧାୱଲ କୁଲକର୍ଣ୍ଣୀ, ଶିଭମ ମାଭି, ଶାହବାଜ୍ ନଦୀମ, କରୁଣ ନାୟର, ମନୀଷ ପାଣ୍ଡେ, ହର୍ଷଲ ପଟେଲ, ଶାର୍ଦ୍ଦୁଳ ଠାକୁର, ଜୟଦେବ ଉନାଦକଟ୍, ଉମେଶ ଯାଦବ ପ୍ରମୁଖ ରହିଛନ୍ତି। ରେଜିଷ୍ଟରରେ ସ୍ଥାନ ପାଇଥିବା ୧୮ ଭାରତୀୟ ଖେଳାଳିଙ୍କ ମଧ୍ୟରୁ ହର୍ଷଲ, କେଦାର, ଶାର୍ଦ୍ଦୁଳ ଓ ଉମେଶଙ୍କ ମୂଳ ଦର ୨ କୋଟି ରହିଛି। ଅର୍ଥାତ୍ ଖେଳାଳି ନିଲାମୀର ସର୍ବାଧିକ ମୂଳଦର ତାଲିକାରେ ଏହି ୪ ଖେଳାଳି ରହିଛନ୍ତି। ୨ କୋଟି ମୂଳଦର ରହିଥିବା ଅନ୍ୟ ଖେଳାଳିଙ୍କ ମଧ୍ୟରେ ଟମ୍ ବାଣ୍ଟନ, ହ୍ୟାରୀ ବ୍ରୁକ୍, ବେନ୍ ଡକେଟ, ଆଦିଲ ରଶିଦ, ଜାମି ଓଭରଟନ, କ୍ରିସ୍ ୱକ୍ସ, ଅଷ୍ଟ୍ରେଲିଆର ହାଜେଲଉଡ୍, ହେଡ୍, ଷ୍ଟାର୍କ, କମିନ୍ସ, ଜୋଶ୍ ଇଂଲିଶ, ଷ୍ଟିଭେନ ସ୍ମିଥ, ବାଂଲାଦେଶରୁ ମୁସ୍ତାଫିଜୁର ରେହମାନ ସ୍ଥାନ ପାଇଛନ୍ତି। ନିଲାମୀରେ ଅନ୍ୟ ଦେଶମାନଙ୍କ ମଧ୍ୟରେ ଦକ୍ଷିଣ ଆଫ୍ରିକା, ୱେଷ୍ଟଇଣ୍ଡିଜ, ଆୟର୍ଲାଣ୍ଡ, ଶ୍ରୀଲଙ୍କା, ନ୍ୟୁଜିଲାଣ୍ଡ, ଆଫଗାନିସ୍ତାନ, ଜିମ୍ବାୱେ, ନାମିବ୍ୟା, ନେପାଳ, ନେଦରଲାଣ୍ଡସର ଖେଳାଳି ରହିଛନ୍ତି। ରେଜିଷ୍ଟର କରିଥିବା ୧, ୧୬୬ ଖେଳାଳିଙ୍କ ମଧ୍ୟରୁ କେବଳ ୭୭ଜଣଙ୍କୁ ୧୦ ଗୋଟି ଫ୍ରାଞ୍ଚାଇଜ କ୍ରୟ କରିବେ। ସେଥିରୁ ସର୍ବାଧିକ ୩୦ଜଣ ବିଦେଶୀ ଖେଳାଳି କ୍ରୟ ହେବେ।

**ଓଡ଼ିଶାରୁ ୧୬**

ଆଇପିଏଲ୍‌ର ଆଗାମୀ ନିଲାମୀ ଲାଗି ଓଡ଼ିଶାରୁ ୧୬ ଜଣ ଖେଳାଳିଙ୍କ ନାମ ରେଜିଷ୍ଟର ତାଲିକାରେ ଅନ୍ତର୍ଭୁକ୍ତ ହୋଇଛି। ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ପକ୍ଷରୁ ଏହି ଖେଳାଳିଙ୍କ ନାମ ସୁପାରିସ କରାଯାଇଥିଲା। ସେମାନେ ହେଲେ ଗୋବିନ୍ଦ ପୋଦ୍ଦାର, ଶୁଭ୍ରାଂଶୁ ସେନାପତି, ପ୍ରୟାସ ସିଂ, ସୁନିଲ ରାଉଳ, ରାକେଶ ପଟ୍ଟନାୟକ, ହର୍ଷିତ ରାଠୋଡ, ସ୍ୱସ୍ତିକ ସାମଲ, ଦେବବ୍ରତ ପ୍ରଧାନ, ଅଭିଷେକ ଯାଦବ, ସୌଭାଗ୍ୟ ରାଉତ, ଶାନ୍ତନୁ ମିଶ୍ର, ରାଜେଶ ଧୁପର, ମୁସ୍ତାକ ବେଗ୍, ଆଶୀର୍ବାଦ ସ୍ୱାଇଁ, ରାଜେଶ ମହାନ୍ତି ଓ ସନ୍ଦୀପ ପଟ୍ଟନାୟକ।

### ୨୦୨୪ ଟି-୨୦ ବିଶ୍ୱକପ୍

## ଆୟୋଜନରୁ ଓହରିଲା ଡୋମିନିକା

ଦୁବାଇ, ୧।୧୨(ଏଜେନ୍ସି): ଆସନ୍ତାବର୍ଷ ଆୟୋଜନ ହେବାକୁଥିବା ଟି-୨୦ ବିଶ୍ୱକପ୍ ଆୟୋଜନରୁ ୱେଷ୍ଟଇଣ୍ଡିଜରେ ସାମିଲ ଥିବା ଅନ୍ୟତମ ଦେଶ ଡୋମିନିକା ଓହରିଯାଇଛି। ନିର୍ଦ୍ଧାରିତ ସମୟ ସୁଦ୍ଧା ଭିତ୍ତିଭୂମୀ ନିର୍ମାଣ କରିବାକୁ ଅସମର୍ଥ ଥିବାରୁ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ଡୋମିନିକା ସରକାର କହିଛନ୍ତି। ବିଶ୍ୱକପ୍ ଆରମ୍ଭ ହେବା ପୂର୍ବରୁ ପ୍ରାକ୍ଟିସ ଓ ମ୍ୟାଚ୍ ଭେନ୍ୟୁକୁ ନେଇ କାର୍ଯ୍ୟ ଶେଷ ହୋଇପାରିବ ନାହିଁ ବୋଲି ସରକାର କହିଛନ୍ତି। ଏହି ବିଶ୍ୱକପ୍ ୨୦୨୪ ଜୁନ୍ ୪ରୁ ୩୦ ତାରିଖ ମଧ୍ୟରେ ଆୟୋଜନ ହେବ। ଆମେରିକା ଓ ୱେଷ୍ଟଇଣ୍ଡିଜର ୧୦ଟି ସହରରେ ୨୭ ଦିନଧରି ୨୦ଟି ଦଳ ପରସ୍ପର ସହ ମ୍ୟାଚ୍ ଖେଳିବେ।

ୱେଷ୍ଟଇଣ୍ଡିଜର ଅନ୍ୟ ୬ଟି ଦେଶ ଭଳି ଡୋମିନିକା ମଧ୍ୟ ଆୟୋଜକ ଭେନ୍ୟୁ ରୂପେ ମାନ୍ୟତା ପାଇଥିଲା। ତେବେ ଆଣ୍ଟିଗୁଆ, ବରମୁଡା, ବାର୍ବାଡୋସ, ଗୟନା, ସେଣ୍ଟ ଲୁସିଆ, ସେଣ୍ଟ ଭିନ୍‌ସେଣ୍ଟ ଓ ଗ୍ରେନେଡା, ତ୍ରିନିଦାଦ ଓ ଟବାଗୋରେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ମ୍ୟାଚ୍ ଖେଳାଯିବ ବୋଲି କୁହାଯାଇଛି। ସେହିପରି ଆମେରିକାର ୩ଟି ସହର ନ୍ୟୁୟର୍କ, ଫ୍ଲୋରିଡା ଓ ଡଲାସରେ ମଧ୍ୟ ବିଶ୍ୱକପ୍‌ର ମ୍ୟାଚ୍ ଖେଳାଯିବ।




**ପ୍ରଥମଥର ବିଶ୍ୱକପ୍‌ରେ ସର୍ବାଧିକ ୨୦ ଦଳ**

ଟି-୨୦ ବିଶ୍ୱକପ୍‌ରେ ପ୍ରଥମଥର ପାଇଁ ୨୦ଟି ଦଳ ଅଂଶଗ୍ରହଣ କରିବେ ଓ ଏହି ଦଳଗୁଡିକ ସ୍ପଷ୍ଟ ହୋଇସାରିଛନ୍ତି। ୨୦୦୭ରୁ ୨୦୧୨ ମଧ୍ୟରେ ଖେଳାଯାଇଥିବା ୪ଟି ବିଶ୍ୱକପ୍‌ରେ ୧୨ଟି ଲେଖାଏ ଦଳ ଅଂଶଗ୍ରହଣ କରିଥିଲେ। ସେହିପରି ୨୦୧୪ରୁ ୨୦୨୨ ମଧ୍ୟରେ ଖେଳାଯାଇଥିବା ୪ଟି ବିଶ୍ୱକପ୍‌ରେ ୧୬ଟି ଲେଖାଏ ଦଳ ଅଂଶଗ୍ରହଣ କରିଥିଲେ। ଏଥର ୨୦ଟି ଦଳରୁ ୫ଟି ଲେଖାଏ ଦଳ ନେଇ ୪ଟି ଗ୍ରୁପ୍ ଗଠନ କରାଯିବ। ପ୍ରତ୍ୟେକ ଗ୍ରୁପ୍‌ରୁ ଶ୍ରେଷ୍ଠ ଦୁଇଟି ଦଳ ଅର୍ଥାତ ମୋଟ ୮ଟି ଦଳକୁ ପରବର୍ତ୍ତୀ ରାଉଣ୍ଡକୁ ଉତ୍ତୀର୍ଣ୍ଣ ହେବେ। ଏହି ୮ଟି ଦଳରୁ ୪ଟି ଦଳକୁ ନେଇ ୨ଟି ଗ୍ରୁପ୍ ଗଠନ କରାଯିବ। ଏହି ଦୁଇଟି ଗ୍ରୁପ୍‌ର ଶ୍ରେଷ୍ଠ ଦୁଇଟି ଦଳ ସେମିଫାଇନାଲରେ ପ୍ରବେଶ କରିବେ। ଦୁଇଟି ସେମିର ବିଜେତା ଦଳ ଫାଇନାଲକୁ ଉଠିବେ।

## ଆଇଏସ୍ଏଲ୍: ଓଡ଼ିଶା ଏଫ୍‌ସିର ଚତୁର୍ଥ ବିଜୟ

ଭୁବନେଶ୍ୱର, ୧।୧୨(ସମିସ): ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ)ର ଚଳିତ ୧୦ମ ସଂସ୍କରଣରେ ଓଡ଼ିଶା ଏଫ୍‌ସି ଶୁକ୍ରବାର ଏକ ଗୁରୁତ୍ୱପୂର୍ଣ୍ଣ ବିଜୟ ହାସଲ କରିଛି। ଜାମସେଦପୁରର ଜେଆରଡି ଟାଟା ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଅନୁଷ୍ଠିତ ଏହି ସଂଘର୍ଷପୂର୍ଣ୍ଣ ମୁକାବିଲାରେ ଓଡ଼ିଶା ୧-୦ ଗୋଲରେ ଘରୋଇ ଜାମସେଦପୁର ଏଫ୍‌ସିକୁ ପରାସ୍ତ କରିଛି। ଦଳ ତରଫରୁ ଫିଜିର ୩୬ ବର୍ଷୀୟ ତାରକା ଷ୍ଟ୍ରାଇକର ରଏ କ୍ରିଷ୍ଣା ୫୬ତମ ମିନିଟ୍‌ରେ ମ୍ୟାଚ୍‌ର ଏକମାତ୍ର ଗୋଲ ସ୍କୋର କରିଥିଲେ। ଓଡ଼ିଶା ଖେଳାଳିମାନେ ଅଧିକ ସମୟ ବଲକୁ ନିଜ ପାଖରେ ରଖିଥିଲେ। ସେହିପରି ପାସ୍ ଓ ପାସ୍ ଆକ୍ୟୁରେସିରେ ମଧ୍ୟ ଓଡ଼ିଶା ଯଥେଷ୍ଟ ଆଗରେ ରହିଥିଲା। ଆଧିପତ୍ୟ ବିସ୍ତାର କରି ଖେଳିଥିଲେ ମଧ୍ୟ କେତୋଟି ସୁଯୋଗ ହାତଛଡା କରି ଓଡ଼ିଶା ଅଧିକ ସଂଖ୍ୟାରେ ଗୋଲ ସ୍କୋର କରିପାରି ନଥିଲା। ଏଥିସହ ଓଡ଼ିଶା ୭ଟି ମ୍ୟାଚ୍ ଖେଳି ୪ ବିଜୟ, ୧ଡ୍ର ଓ ୨ ପରାଜୟ ସହ ୧୩ ଅଙ୍କ ହାସଲ କରି ସାରଣୀର ତୃତୀୟ ସ୍ଥାନରେ ରହିଛି। ଅନ୍ୟପଟେ କେରଳ ବ୍ଲାଷ୍ଟର୍ସ ୮ ମ୍ୟାଚ୍ ଖେଳି ୧୭ ଅଙ୍କ ହାସଲ କରି ଶୀର୍ଷରେ ଓ ଏଫ୍‌ସି ଗୋଆ ୬ ମ୍ୟାଚ୍ ଖେଳି ୧୬ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛି। ଓଡ଼ିଶା ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ଡିସେମ୍ବର ୬ରେ କୋଲକାତାର ସଲ୍ଟଲେକ ଷ୍ଟାଡିୟମରେ ଘରୋଇ ମୋହନ ବାଗାନ ଦଳକୁ ଭେଟିବ।



## ସ୍ୱାଗତଙ୍କ ୮୦ରନ; ଓଡ଼ିଶା ୨୨୪/୧୦

କଟକ, ୧।୧୨(ସମିସ): ଶୁକ୍ରବାର ଠାରୁ ୧୬ବର୍ଷରୁ କମ୍ ବାଳକ ବିଜୟ ମର୍ଚ୍ଚାଣ୍ଟ ଟ୍ରଫିର ଓଡ଼ିଶା-ବିଦର୍ଭ ବିପକ୍ଷ ମ୍ୟାଚ୍ ଆରମ୍ଭ ହୋଇଛି। ଗୌହାଟୀର ଅମିନ ଗାଁଓ କ୍ରିକେଟ ଗ୍ରାଉଣ୍ଡରେ ଏହି ମ୍ୟାଚ୍ ଖେଳାଯାଉଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୨୨୪ରନରେ ଅଲଆଉଟ ହୋଇଥିଲା। ସ୍ୱାଗତ ସୌରଭ ମିଶ୍ର ସର୍ବାଧିକ ୮୦ରନ କରିଥିବା ବେଳେ ମୟଙ୍କ ପଟ୍ଟନାୟକ ୪୭ରନ ସଂଗ୍ରହ କରିଥିଲେ। ବିଦର୍ଭ ପକ୍ଷରୁ ଅଂଶୁଲ ସାର୍ଦ୍ଦାଙ୍କୁ ୫ଟି ୱିକେଟ ମିଳିଥିଲା। ପ୍ରଥମ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ବିଦର୍ଭ କୌଣସି ୱିକେଟ ନହରାଇ ୧୮ରନ କରିଛି। ଆର ଶୁଭ ୯ରନ ଏବଂ ଆଇ ସରଭେସ ୫ରନରେ ଅପରାଜିତ ଅଛନ୍ତି।

### ୧୭ ବର୍ଷରୁ କମ୍ ଫିଫା ବିଶ୍ୱକପ୍

## ଆର୍ଜେଣ୍ଟିନାକୁ ହରାଇ ମାଲି ତୃତୀୟ

ସୁରକର୍ତ୍ତା(ସେଣ୍ଟ୍ରାଲ ଜାଭା), ୧।୧୨(ଏଜେନ୍ସି): ଇଣ୍ଡୋନେସିଆରେ ଚାଲିଥିବା ୧୭ ବର୍ଷରୁ କମ୍ ପୁରୁଷ ଫିଫା ବିଶ୍ୱକପ୍‌ରେ ତୃତୀୟ ସ୍ଥାନ ପାଇଁ ଶୁକ୍ରବାର ମ୍ୟାଚ୍ ଅନୁଷ୍ଠିତ ହୋଇଛି। ଏଥିରେ ପଶ୍ଚିମ ଆଫ୍ରିକୀୟ ଦେଶ ମାଲି ୩-୦ ଗୋଲରେ ଅନ୍ୟତମ ଫେବରାଇଟ୍ ତଥା ଆର୍ଜେଣ୍ଟିନାକୁ ପରାସ୍ତ ତୃତୀୟ ସ୍ଥାନ ରହି ଅଭିଯାନ ଶେଷ କରିଛି। ଲାଟିନ ଆମେରିକୀୟ ଦେଶ ଆର୍ଜେଣ୍ଟିନାକୁ ଚତୁର୍ଥ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ସମ୍ପୂର୍ଣ୍ଣ ଏକତରଫା ଏହି ମ୍ୟାଚ୍‌ରେ ମାଲି ତରଫରୁ ୯ମ ମିନିଟ୍‌ରେ ଇବ୍ରାହିମ ଦିଆରା, ୪୫ତମ ମିନିଟ୍‌ରେ ମାମାଦଉ ଦୋମ୍ବିଆ ଓ ୪୮ତମ ମିନିଟ୍‌ରେ ହାମିଦେଉ ମାକାଲୋଉ ଗୋଲ ସ୍କୋରକରିଥିଲେ। ଆର୍ଜେଣ୍ଟିନାତରଫରୁଗୋଲସମ୍ଭବହୋଇନଥିଲା।



**ଆଜି ଫ୍ରାନ୍ସ- ଜର୍ମାନୀ ଫାଇନାଲ୍:** ୧୭ ବର୍ଷରୁ କମ୍ ପୁରୁଷ ଫିଫା ବିଶ୍ୱକପ୍‌ର ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ଶନିବାର ଟାଇଟଲ ପାଇଁ ଫାଇନାଲ ମୁକାବିଲାରେ ଦୁଇ ୟୁରୋପୀୟ ଦେଶ ଫ୍ରାନ୍ସ ଓ ଜର୍ମାନୀ ପରସ୍ପରକୁ ଭେଟିବେ। ଫ୍ରାନ୍ସ ପୂର୍ବରୁ ୨୦୦୧ରେ ଚାମ୍ପିଅନ ହେବାର ଗୌରବ ଅର୍ଜନ କରିଥିଲା। ଫଳରେ ଦୀର୍ଘ ୨୨ ବର୍ଷ ପରେ ଫ୍ରାନ୍ସ ଦ୍ୱିତୀୟ ଟାଇଟଲ ହାସଲ କରିବାର ସୁଯୋଗ ପାଇଛି। ତେବେ ୨୦୧୯ରେ ଫ୍ରାନ୍ସ ତୃତୀୟ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। ଅନ୍ୟପଟେ ବିଶ୍ୱକପ୍‌ରେ ଜର୍ମାନୀର ପ୍ରଦର୍ଶନ ଭଲ ରହିଥିଲେ ମଧ୍ୟ କେବେ ଟାଇଟଲ ଜିତିବାର ସୁଯୋଗ ପାଇନାହିଁ। ଜର୍ମାନୀ ଏଥର ସଫଳ ହେଲେ ପ୍ରଥମଥର ପାଇଁ ଟାଇଟଲ ହାସଲ କରିବ। ଜର୍ମାନୀ ୧୯୮୫ ବିଶ୍ୱକପ୍‌ରେ ଫାଇନାଲରେ ଆଫ୍ରିକୀୟ ଦେଶ ନାଇଜେରିଆଠାରୁ ପରାସ୍ତ ହୋଇ ରନର୍ସଅପ୍ ହୋଇଥିଲା। ସେହିପରି ଜର୍ମାନୀ ୨୦୦୭ ଓ ୨୦୧୧ରେ ତୃତୀୟ ଓ ୧୯୯୭ରେ ଚତୁର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା।

**ନାଇଜେରିଆ ସଫଳତମ ଦଳ:** ଜର୍ମାନୀ ସେମିଫାଇନାଲରେ ଆର୍ଜେଣ୍ଟିନାକୁ ପେନାଲ୍ଟି ସୁଟ୍‌ଆଉଟ୍‌ରେ ୪-୨ ଗୋଲରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। କଡ଼ା ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚ୍ ନିର୍ଦ୍ଧାରିତ ସମୟ ଶେଷ ସୁଦ୍ଧା ମ୍ୟାଚ୍ ୩-୩ ଗୋଲରେ ଅମୀମାଂସିତ ରହିଥିଲା। ଅନ୍ୟପଟେ ଦ୍ୱିତୀୟ ସେମିଫାଇନାଲରେ ଫ୍ରାନ୍ସ ୨-୧ ଗୋଲରେ ମାଲିକୁ ପରାସ୍ତ କରି ଫାଇନାଲ ଟିକଟ ହାସଲ କରିଥିଲା। ବିଶ୍ୱକପ୍‌ରେ ନାଇଜେରିଆ ସର୍ବାଧିକ ୫ଥର ଚାମ୍ପିଅନ ଓ ୩ଥର ରନର୍ସଅପ୍ ହୋଇ ସଫଳତମ ଦଳ ବିବେଚିତ ହେଉଛି। ସେହିପରି ଲାଟିନ୍ ଆମେରିକୀୟ ଦେଶ ବ୍ରାଜିଲ ୪ଥର ଚାମ୍ପିଅନ ଓ ୨ଥର ରନର୍ସଅପ ହେବାସହ ଦ୍ୱିତୀୟ ସଫଳତମ ଦଳ ବିବେଚିତ ହୋଇଛି।

### ବିଜୟ ହଜାରେ ଟ୍ରଫି

## ପୁଡୁଚେରୀକୁ ହରାଇଲା ଓଡ଼ିଶା

କଟକ, ୧।୧୨(ସମିସ): ଚଳିତ ବିଜୟ ହଜାରେ ଟ୍ରଫିର ୫ମ ଲିଗ୍ ମ୍ୟାଚ୍‌ରେ ଓଡ଼ିଶା ବିଜୟୀ ହୋଇଛି। ଶୁକ୍ରବାର ଅନୁଷ୍ଠିତ ପୁଡୁଚେରୀ ବିପକ୍ଷ ମ୍ୟାଚ୍‌କୁ ଓଡ଼ିଶା ୭ ୱିକେଟରେ ଜିତିଛି। ସନ୍ଦୀପ ପଟ୍ଟନାୟକ ଓ ଶୁଭ୍ରାଂଶୁ ଶେଖର ସେନାପତି ୭୭ରନ ଲେଖାଏ ସଂଗ୍ରହ କରି ଦଳ ବିଜୟରେ ପ୍ରମୁଖ ଭୂମିକା ତୁଲାଇଥିଲେ। ବିଜୟ ସତ୍ତ୍ୱେ ଓଡ଼ିଶା ନିମନ୍ତେ କ୍ୱାର୍ଟର ଫାଇନାଲ ଆଶା କ୍ଷୀଣ ହୋଇଛି। ୫ଟି ମ୍ୟାଚ୍ ଖେଳି ସାରିଥିବା ଓଡ଼ିଶା ମାତ୍ର ୨ଟି ବିଜୟରୁ ୮ ପଏଣ୍ଟ ହାସଲ କରି ଗ୍ରୁପ-ଏ ଟେବୁଲର ୭ମ ସ୍ଥାନରେ ରହିଛି। ୩ ତାରିଖରେ ସିକିମ ବିପକ୍ଷରେ ଦଳ ୬ଷ୍ଠ ଲିଗ ମ୍ୟାଚ୍ ଖେଳିବ।

ବେଙ୍ଗାଲୁରୁ ଅଲୁର କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଓଡ଼ିଶା ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ଦଳରେ ଏକ ପରିବର୍ତ୍ତନ ଅଣାଯାଇଥିଲା। ୱିକେଟ କିପର ରାଜେଶ ଧୂପରଙ୍କୁ ବିଶ୍ରାମ ଦିଆଯାଇ ପ୍ରବୀଣ ଲୁହାଙ୍କୁ ଚୂଡାନ୍ତ ଏକାଦଶରେ ସ୍ଥାନ ମିଳିଥିଲା। ଓପନିଂ ଭାଗିଦାରୀରେ ୮୨ରନ ସଂଗ୍ରହ କରି ପୁଡୁଚେରୀ ନିମନ୍ତେ ଭଲ ପ୍ରାରମ୍ଭ ଦେଇଥିଲେ ଓପନର ଆକାଶ କାରଗାଭେ ଏବଂ ଅରୁଣ କାର୍ତ୍ତିକ। ୪୦ରନ କରିଥିବା ବେଳେ ଅରୁଣ ଦୁର୍ଭାଗ୍ୟବଶତଃ ରନଆଉଟ ହୋଇ ପ୍ୟାଭିଲିୟନ ଫେରିଥିଲେ। ଆକାଶଙ୍କୁ ୫୦ରନରେ ଆଉଟ କରିଥିଲେ ବାମହାତୀ ସ୍ପିନର ହର୍ଷିତ ରାଥୋଡ। ପରେ ପୁଡୁଚେରୀର ମଧ୍ୟକ୍ରମ ବ୍ୟାଟିଂ ଲାଇନଅପ ବିଫଳ ହୋଇଥିଲା। ପାରସ ଡୋଗ୍ରା ଅନ୍ତିମ ପର୍ଯ୍ୟନ୍ତ କ୍ରିଜରେ ତିଷ୍ଠି ରହି ଅପରାଜିତ ୭୭ରନ କରିଥିଲେ। ପରମେଶ୍ୱରନ୍ ଶିବରମନ୍ ୮ରନ, ଅଧିନାୟକ ଫବିଦ ଅହମ୍ମଦ ୧୯ରନ, ଅମୀର ଜିସାନ ୧୦ରନ, ଭି ମାରିମୁଥୁ ୧୦ରନରେ ଆଉଟ ହୋଇଥିଲେ। ପୁଡୁଚେରୀ ୬ ୱିକେଟ ବିନିମୟରେ ୨୩୦ରନ କରିଥିଲା। ଓଡ଼ିଶା ପକ୍ଷରୁ ହର୍ଷିତ ଓ ତରଣୀ ସ ୨ଟି ଲେଖାଏ, ଦେବବ୍ରତ ପ୍ରଧାନ ଗୋଟିଏ ୱିକେଟ ଅକ୍ତିଆର କରିଥିଲେ।


ସନ୍ଦୀପ ପଟ୍ଟନାୟକ

ପୁଡୁଚେରୀ ପ୍ରଦତ୍ତ ୨୩୧ ରନ୍‌ର ବିଜୟ ଲକ୍ଷ୍ୟକୁ ଓଡ଼ିଶା ୪୫.୨ ଓଭରରେ ୩ ୱିକେଟ ହାସଲ କରିନେଇଥିଲା। ଦୁଇ ଓପନର ସନ୍ଦୀପ ପଟ୍ଟନାୟକ ଏବଂ ଶାନ୍ତନୁ ମିଶ୍ର ସତର୍କତାର ସହ ବ୍ୟାଟିଂ କରି ପ୍ରଥମ ୱିକେଟରେ ୭୩ରନ ସଂଗ୍ରହ କରିଥିଲେ। ଶାନ୍ତନୁ ୩୬ରନରେ ଆଉଟ ହେବା ପରେ କ୍ରିଜକୁ ଆସିଥିବା ଶୁଭ୍ରାଂଶୁ ଶେଖର ସେନାପତି ସନ୍ଦୀପଙ୍କ ସହ ଉତ୍ତମ ଭାଗିଦାରୀ ସୃଷ୍ଟି କରିଥିଲେ। ଉଭୟ ମିଶି ଦ୍ୱିତୀୟ ୱିକେଟରେ ୧୧୪ରନ ଯୋଡିଥିଲେ। ଏହା ମ୍ୟାଚ୍ ବିଜୟୀ ଭାଗିଦାରୀ ଥିଲା। ସନ୍ଦୀପ ପଟ୍ଟନାୟକ ୭୭ରନରେ ଆଉଟ ହୋଇଥିଲେ। ୱିକେଟ କିପର ପ୍ରବୀଣ ୧୨ରନରେ କ୍ରିଜ ଛାଡ଼ିଥିଲେ। ଶୁଭ୍ରାଂଶୁ ୭୭ରନ ଏବଂ ଅଧିନାୟକ ବିପ୍ଳବ ସାମନ୍ତରାୟ ୯ରନରେ ଅପରାଜିତ ରହି ଦଳକୁ ଜିତାଇଥିଲେ। ପୁଡୁଚେରୀ ପକ୍ଷରୁ ଆବିନ ମାଥ୍ୟୁଙ୍କୁ ୨ଟି ୱିକେଟ ମିଳିଥିଲା।


ଶୁଭ୍ରାଂଶୁ ସେନାପତି

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର